# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ଜୁଲାଇ ୧୪/୨୦୨୦ (୧୨ ପୃଷ୍ଠା) | Dhenkanal, Tuesday, July 14/2020 | ★★★★★

୧୬ଶ ଭାଗ ୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅଶୋକ କୁମାରଙ୍କୁ ମୋହନ ବାଗାନ ପୁରସ୍କାର**

ହକି ଯାଦୁକର ଧାନଚାନ୍ଦଙ୍କ ପୁଅ ଅଶୋକ କୁମାରଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରିବ ମୋହନ ବାଗାନ। **୧୨**

୧୦

**ଐଶ୍ୱର୍ଯ୍ୟାଙ୍କ ଆରୋଗ୍ୟ କାମନା କଲେ ବିବେକ**

ବଚ୍ଚନ ପରିବାର କରୋନା ଆକ୍ରାନ୍ତ ହେବା ପରେ ଐଶ୍ୱର୍ଯ୍ୟାଙ୍କ ଶୀଘ୍ର ଆରୋଗ୍ୟ ପାଇଁ ବିବେକ ଓବେରୟ ଭଗବାନଙ୍କୁ ପ୍ରାର୍ଥନା କରଛନ୍ତି।






# ଓଡ଼ିଶା ପାସ୍ ହାର ଅଧିକ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

## ସିବିଏସ୍ଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ

- ଦେଶରେ ପାସ୍ ହାର **୮୮.୭୮%**
- ଓଡ଼ିଶାରେ ପାସ୍ ହାର **୮୯.୦୨%**
- ଭୁବନେଶ୍ୱର ରିଜିଅନ୍‌ର ପାସ୍ ହାର ୯୧.୯୬%
- ଛାତ୍ରଙ୍କଠାରୁ ଛାତ୍ରୀଙ୍କ ପାସ୍ ହାର ୫.୯୬% ଅଧିକ




କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ)ର ଦ୍ୱାଦଶ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥର ସର୍ବଭାରତୀୟ ସ୍ତରରେ ପାସ୍ ହାର ୮୮.୭୮% ରହିଛି। ଗତବର୍ଷ ପାସ୍ ହାର ୮୩.୪୦% ରହିଥିଲାବେଳେ ଚଳିତବର୍ଷ ଅଧିକ ୫.୩୮% ଭଲ ରେଜଲ୍ଟ ହୋଇଛି। ସେପଟେ ଓଡ଼ିଶା ପାସ୍ ହାର ଜାତୀୟ ହାରଠାରୁ ଅଧିକ ଅର୍ଥାତ୍ ୮୯.୦୨% ରହିଛି। ଓଡ଼ିଶାରେ ୧୮,୪୮୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୬,୪୫୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ କୋଭିଡ୍ ୧୯ ପାଇଁ ମେରିଟ୍ ଲିଷ୍ଟ ପ୍ରକାଶ ପାଇନାହିଁ। ଏବର୍ଷ ମଧ୍ୟ ଦେଶରେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ଛାତ୍ରଙ୍କଠାରୁ ୫.୯୬% ଅଧିକ ରହିଛି। ଛାତ୍ରଙ୍କ ପାସ୍ ହାର ୮୬.୧୯% ଥିବାବେଳେ ଛାତ୍ରୀଙ୍କ ପାସ୍ ହାର ୯୨.୧୫% ରହିଛି। ସେହିପରି ତୃତୀୟ ଲିଙ୍ଗଙ୍କ ପାସ୍ ହାର ୬୬.୬୭% ରହିଛି।

ଅନ୍ୟପକ୍ଷରେ ଭୁବନେଶ୍ୱର ରିଜିଅନ (ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗ)ରେ ପାସ୍ ହାର ୯୧.୪୬% ଥିବାବେଳେ ତ୍ରିଭେନ୍ଦ୍ରମ ରିଜିଅନ୍‌ରେ ସର୍ବାଧିକ ୯୭.୬୭% ରହିଛି। ପାଟଣା ରିଜିଅନ୍‌ରେ ସର୍ବନିମ୍ନ ୭୪.୫୭% ରେଜଲ୍ଟ ହୋଇଛି। ନବୋଦୟ ସ୍କୁଲରେ ସର୍ବାଧିକ ୯୮.୭୦%, କେନ୍ଦ୍ରୀୟ ବିଦ୍ୟାଳୟରେ ୯୮.୬୨% ଓ ଘରୋଇ ବିଦ୍ୟାଳୟର ୮୮.୨୨% ପିଲା ପାସ୍ କରିଛନ୍ତି।

ଚଳିତବର୍ଷ ସାରା ଦେଶରେ ୧୩,୧୦୯ ସ୍କୁଲର ୪,୯୮୪ କେନ୍ଦ୍ରରେ ଦ୍ୱାଦଶ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୧୨,୦୩,୫୯୫ ଛାତ୍ରୀଛାତ୍ର ପଞ୍ଜୀକୃତ କରିଥିବାବେଳେ ୧୧ଲକ୍ଷ ୯୨ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମୋଟ ୧୦୫୯,୦୮୦ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୩୮,୦୦୦ ଛାତ୍ରୀଛାତ୍ର ୯୫% ଉପରେ ନମ୍ବର ରଖିଥିବାବେଳେ ୧.୫୭ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୯୦% ଉପରେ ରଖିଛନ୍ତି। ଛାତ୍ରୀଛାତ୍ରମାନେ cbseresults.nic.in ୱେବ୍‌ସାଇଟ୍‌ରେ ନିଜର ପରୀକ୍ଷା ଫଳ ଦେଖିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ତେବେ ସିବିଏସ୍ଇ ଦ୍ୱାଦଶ ରେଜଲ୍ଟ ପ୍ରକାଶ ପାଇବା ନେଇ ମାନବ ସମ୍ବଳ ମନ୍ତ୍ରୀ ରମେଶ ପୋଖରିୟାଲ ଟୁଇଟ୍ କରି ସୂଚନା ଦେଇଥିଲେ। ଏଥିସହ ରେଜଲ୍ଟ ପ୍ରକାଶ କରିବା ପ୍ରକ୍ରିୟାରେ ସାମିଲ ଥିବା ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ☞ପୃଷ୍ଠା-୪

# ପୁଣି ୬ ମୃତ, ୬୧୬ ଆକ୍ରାନ୍ତ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

- ଗଞ୍ଜାମରେ ମୃତ୍ୟୁ ସଂଖ୍ୟା ୪୩ରେ ପହଞ୍ଚିଲା
- ଅନ୍ୟ ରୋଗରେ ମଲେଣି ୨୧ କରୋନା ରୋଗୀ
- ରାଜ୍ୟରେ ଆକ୍ରାନ୍ତ ହେଲେଣି ୧୩,୭୩୭

ରାଜ୍ୟରେ ପ୍ରତିଦିନ କରୋନା ନେଉଛି ଏକାଧିକ ଜୀବନ। ଏବେ ଆଉ ୬ଜଣଙ୍କର ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲାରୁ ୪ଜଣ ରହିଥିବାବେଳେ କଟକ ଓ ଭୁବନେଶ୍ୱରରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୭୦କୁ ବୃଦ୍ଧି ପାଇଥିବା ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି।

ଗଞ୍ଜାମ ଜିଲାରେ ମୃତ ୪ଜଣ ହେଉଛନ୍ତି ପୁରୁଷ ଓ ସେମାନଙ୍କ ବୟସ ଯଥାକ୍ରମେ ୪୫, ୬୩, ୭୨ ଓ ୪୯ ବର୍ଷ। ୪୫ବର୍ଷୀୟ ବ୍ୟକ୍ତି ଜଣକ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ। ୭୨ବର୍ଷୀୟ ମୃତଙ୍କର ମଧ୍ୟ ମଧୁମେହ, ହୃଦ୍ ଓ କିଡ୍‌ନୀଜନିତ ☞ପୃଷ୍ଠା-୪

# ୩୧ ସୁଦ୍ଧା ମାଟ୍ରିକ ପରୀକ୍ଷାଫଳ

### ଯୁକ୍ତ୨ ମୂଲ୍ୟାୟନରେ ସମସ୍ୟା, ବିଳମ୍ବ ହେବ ଫଳାଫଳ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

ଚଳିତ ମାସ ୩୧ ତାରିଖ ଭିତରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ। ଇତିମଧ୍ୟରେ ସବୁ ବିଷୟର ଖାତାଦେଖା ଶେଷ ହୋଇ ଟାବୁଲେଶନ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଫଳ ପ୍ରକାଶନ ନେଇ ତାରିଖ ଘୋଷଣା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ☞ପୃଷ୍ଠା-୪

## ୧୧ ପଇସା ବଢ଼ିଲା ଡିଜେଲ

**ଭୁବନେଶ୍ୱର, ୧୩।୭:** ପେଟ୍ରୋଲ ଦରରେ ୧୫ ଦିନ ହେବ କୌଣସି ପରିବର୍ତ୍ତନ ହୋଇ ନ ଥିବା ବେଳେ ଦୁଇ ଦିନ ହେବ ଡିଜେଲ ଦର ବୃଦ୍ଧି ଘଟୁଛି। ସୋମବାର ଡିଜେଲ ଲିଟର ପିଛା ୧୧ ପଇସା ବଢ଼ିଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ସୂଚନା ଦେଇଛନ୍ତି। ଫଳରେ ଭୁବନେଶ୍ୱରରେ ଡିଜେଲ ଲିଟର ପିଛା ଦର ୭୯.୧୪ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ପେଟ୍ରୋଲ ଦର ଅପରିବର୍ତ୍ତିତ ୮୧.୦୧ ଟଙ୍କା ରହିଛି। ସେହିଭଳି ନୂଆଦିଲ୍ଲୀରେ ଡିଜେଲ ଲିଟର ପିଛା ୮୧.୦୫ଟଙ୍କା ଛୁଇଁଛି। ଏଠାରେ ପେଟ୍ରୋଲ ଲିଟର ପିଛା ଲୋକଙ୍କୁ ୮୦.୪୩ ଟଙ୍କା ଦେବାକୁ ପଡୁଛି। ଏହବାଦ କୋଲକାତାରେ ପେଟ୍ରୋଲ ୮୨.୧୦ ଟଙ୍କା ଓ ଡିଜେଲ ୭୬.୧୭ ଟଙ୍କା ଥିବା ବେଳେ ମୁମ୍ବାଇରେ ପେଟ୍ରୋଲ ୮୭.୧୯ ଟଙ୍କା ଓ ଡିଜେଲ ୭୯.୨୭ ଟଙ୍କା ଏବଂ ଚେନ୍ନାଇରେ ପେଟ୍ରୋଲ ୮୩.୬୩ ଟଙ୍କା ଓ ଡିଜେଲ ୭୮.୧୧ଟଙ୍କାରେ ପହଞ୍ଚିଛି। ଚାରି ଦିନ ଦର ବୃଦ୍ଧିରେ ବିରତି ପରେ ରବିବାର ଡିଜେଲ ଲିଟର ପିଛା ୧୬ ପଇସା ବଢ଼ିଥିଲା। ଅନ୍ତର୍ଜାତୀୟ ତୈଳ ବଜାରରେ ଅଶୋଧିତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପତନମୁଖୀ କଂଗ୍ରେସ**

# ଗେହଲଟଙ୍କୁ ବିଧାୟକଙ୍କ ସମର୍ଥନ

- ବିଦ୍ରୋହୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଗୃହୀତ
- ହୋଟେଲ ଗଲେ କଂଗ୍ରେସ ବିଧାୟକ
- ସଂଖ୍ୟାଗରିଷ୍ଠତା ଥିଲେ ରାଜ୍ୟପାଳଙ୍କ ପାଖକୁ ଯାଅ: ପାଇଲଟ

**୨୦** ବିଧାୟକ ହ୍ୱିପ୍ ସତ୍ତ୍ୱେ ଯୋଗଦେଲେନି

**ଜୟପୁର, ୧୩।୭(ପି.ଟି./ଆଇଏଏନ୍ଏସ୍)**

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ମଧ୍ୟରେ କ୍ଷମତା ଲଢ଼େଇ ଚାଲିଥିବାବେଳେ ସୋମବାର ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକରେ ଗେହଲଟ ସରକାରଙ୍କୁ ସମର୍ଥନ ଜଣାଇ ଏକ ପ୍ରସ୍ତାବ ଗୃହୀତ ହୋଇଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ବିଧାୟକ ଓ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଏଥିରେ ସୁପାରିସ୍ କରାଯାଇଛି। ଏଥିସହିତ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ପ୍ରତି ଉକ୍ତ ପ୍ରସ୍ତାବରେ ଆସ୍ଥା ପ୍ରକଟ କରାଯାଇଛି। ବୈଠକରେ ଉପସ୍ଥିତ ବିଧାୟକମାନେ ସର୍ବସମ୍ମତିକ୍ରମେ ଗେହଲଟ ସରକାରଙ୍କୁ ସମର୍ଥନ ଜଣାଇଥିବା ପ୍ରସ୍ତାବରେ କୁହାଯାଇଛି। କଂଗ୍ରେସ ଓ ରାଜ୍ୟ ସରକାରଙ୍କୁ ଦୁର୍ବଳ କରିବା ଲାଗି ନିଆଯାଉଥିବା ଅଗଣତାନ୍ତ୍ରିକ ଓ ଭୁଲ୍ ପଦକ୍ଷେପକୁ ବୈଠକରେ ନିନ୍ଦା କରାଯାଇଥିଲା। କଂଗ୍ରେସ ପକ୍ଷରୁ ହ୍ୱିପ୍ ଜାରି ସତ୍ତ୍ୱେ ବିଧାୟକ ଦଳ ବୈଠକରେ ପାଇଲଟଙ୍କ ସମର୍ଥକ ୨୦ ଜଣ ବିଧାୟକ ଯୋଗଦେଇ ନ ଥିଲେ। ☞ପୃଷ୍ଠା-୪

## ମୁଖ୍ୟମନ୍ତ୍ରୀଙ୍କ ପାଖଲୋକଙ୍କ ଘରେ ଆୟକର ଚଢ଼ାଉ

**ଜୟପୁର/ନୂଆଦିଲ୍ଲୀ, ୧୩।୭ (ଆଇଏଏନ୍ଏସ୍)**

ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବିରୋଧରେ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ଖୋଲା ବିଦ୍ରୋହକୁ ନେଇ ରାଜସ୍ଥାନ ରାଜନୀତିରେ ସଙ୍କଟ ଦେଖାଦେଇଥିବାବେଳେ ଗେହଲଟଙ୍କ ପାଖ ଲୋକମାନଙ୍କ ଘର ଉପରେ ସୋମବାର ଆୟକର ବିଭାଗ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ଫଳରେ ରାଜନୈତିକ ସଙ୍କଟ ଏକ ନୂଆ ମୋଡ଼ ନେଇଛି। ମୁଖ୍ୟମନ୍ତ୍ରୀଙ୍କ ଘନିଷ୍ଠ ଭାବେ ଜଣାଶୁଣା ରାଜୀବ ଆରୋରା ଏବଂ ଧର୍ମେନ୍ଦ୍ର ରାଠୋଡ୍‌ଙ୍କ ସମେତ ରାଜ୍ୟ କଂଗ୍ରେସର କେତେଜଣ ☞ପୃଷ୍ଠା-୪

# ବିଧାନସଭା ଅଧିବେଶନ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ



## କୋଭିଡ୍-୧୯ ପ୍ରଭାବ

- ଦୁଇଟି ଆସନରେ ଉପନିର୍ବାଚନ ପାଇ ବଢ଼ୁଛି ଚିନ୍ତା
- ୫ଦିନ ପରେ ଆସିବ ପାର୍ଲାମେଣ୍ଟ ଏସ୍ଓପି
- ବାଚସ୍ପତିଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

କୋଭିଡ୍-୧୯ର ପ୍ରକୋପ ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳିସ୍ଥିତିରେ ଆସନ୍ତା ବିଧାନସଭା ଅଧିବେଶନ ଏବଂ ଦୁଇଟି ବିଧାନସଭା ଆସନରେ ଉପନିର୍ବାଚନ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏହି ଦୁଇଟି ଚ୍ୟାଲେଞ୍ଜକୁ ସରକାର କିପରି ଦେଖୁଛନ୍ତି ତାହା ପ୍ରଶାସନିକସ୍ତରଠାରୁ ଆରମ୍ଭ କରି ରାଜନୈତିକସ୍ତର ପର୍ଯ୍ୟନ୍ତ ସୁବୁଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାର ମଧ୍ୟ ବିଧାନସଭା ଅଧିବେଶନକୁ କିପରି ସୁଚାରୁରୂପେ କରିବେ ସେନେଇ ବିଶେଷ ଚିନ୍ତିତ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଆସନ୍ତା ବିଧାନସଭା ଅଧିବେଶନ ବହୁ ଗୁରୁତ୍ୱ ବହନ କରୁଛି। ବିଭିନ୍ନ ପ୍ରସଙ୍ଗକୁ ନେଇ ବିଧାନସଭା ଡାକିବାକୁ ବିରୋଧୀ ଦାବି କରୁଥିବାବେଳେ କରୋନା ସ୍ଥିତି ଦେଖିଲେ ତାହା ସମ୍ଭବ ଭଳି ମନେ ହେଉନାହିଁ। ଅନ୍ୟପଟେ ଅଧିବେଶନ ବସିବାର ସମୟ ମଧ୍ୟ ହୋଇ ଗଲାଣି। ଗତ ମାର୍ଚ୍ଚ ୩୦ରେ ଶେଷଥର ପାଇଁ ବିଧାନସଭା ବସିଥିଲା। ଏହାର ୬ମାସ ଅର୍ଥାତ୍ ସେପ୍ଟେମ୍ବର ୩୦ସୁଦ୍ଧା ଆଉଥରେ ଅଧିବେଶନ ବସିବାର ବିଧି ରହିଛି। ଆସନ୍ତା ଅଧିବେଶନ ଲାଗି ଆଉ ଅଢ଼େଇ ମାସ ସମୟ ରହିଛି। ଏହି ଅଢେଇ ମାସ ମଧ୍ୟରେ ବିଧାନସଭା ଅଧିବେଶନ କିପରି ବସିବ ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇ ଠିଆହେଲାଣି। କିଛି ମାସର ଅନ୍ତର ପରେ ବିଧାନସଭା ଗୃହ କମିଟି ବୈଠକ ଆରମ୍ଭ ହୋଇଥିଲା। ମାତ୍ର ନିକଟରେ ଗୃହ କମିଟି ସଦସ୍ୟ ତଥା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏବଂ ଅନ୍ୟଜଣେ ☞ପୃଷ୍ଠା-୪




## ରେଖା କରିବେ କରୋନା ପରୀକ୍ଷା

ଅଭିନେତ୍ରୀ ରେଖାଙ୍କ କରୋନା ପରୀକ୍ଷା କରାଯିବ। ତାଙ୍କର ଜଣେ ସୁରକ୍ଷାକର୍ମୀ ପଜିଟିଭ୍ ବାହାରିବା ପରେ ବାନ୍ଦ୍ରାସ୍ଥିତ ତାଙ୍କ ବଙ୍ଗଳା 'ସି ସ୍ପ୍ରିଙ୍ଗ'କୁ ବିଏମ୍‌ସି ପକ୍ଷରୁ ସିଲ୍ କରିଦିଆଯାଇଛି। ରେଖା ଓ ତାଙ୍କ ମ୍ୟାନେଜର ଫର୍ଜାନାଙ୍କ ସହ କେତେଜଣ କର୍ମଚାରୀଙ୍କ କରୋନା ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ରେଖା ଆଇସୋଲେଶନରେ ରହୁଥିବା ତାଙ୍କ ମ୍ୟାନେଜର କହିଛନ୍ତି।



ଗୁଆହାଟୀ ନିକଟ କାଳିପୁରଠାରେ ବ୍ରହ୍ମପୁତ୍ର ନଦୀରେ ଥିବା ଭଗବାନ ବିଷ୍ଣୁଙ୍କ ଅନନ୍ତ ଶୟନ ମୂର୍ତ୍ତି ବନ୍ୟା ଜଳରେ ବୁଡ଼ି ଯାଇଛି।

## କରୋନାରେ କଂଗ୍ରେସ ନେତାଙ୍କ ମୃତ୍ୟୁ



ଜି. ନରେନ୍ଦ୍ର ଯାଦବ

**ହାଇଦ୍ରାବାଦ,୧୩।୭**

ତେଲଙ୍ଗାନାରେ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଜି. ନରେନ୍ଦ୍ର ଯାଦବ କରୋନାରେ ପ୍ରାଣ ହରାଇଛନ୍ତି। ସେ ହାଇଦ୍ରାବାଦସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଲକ୍‌ଡାଉନ୍ ସମୟରେ ସେ ବହୁ ଗରିବ ପରିବାରକୁ ସହାୟତା କରିଆସିଥିଲେ। ସେ କରୋନା ଆକ୍ରାନ୍ତ ହେବା ପରେ ତାଙ୍କ ପରିବାର ସଦସ୍ୟ ଓ ସହଯୋଗୀ ମାନଙ୍କ ପରୀକ୍ଷା କରାଯାଇଛି।

## ଜାମିନ ପାଇଁ ହାଇକୋର୍ଟ ଗଲେ ବାର୍‌ବରା ରାଓ

**ଏଲ୍‌ଗାର ପରିଷଦ ମାମଲା**

**ମୁମ୍ବାଇ,୧୩।୭**

ଏଲ୍‌ଗାର ପରିଷଦ ମାମଲାରେ ଟାଲୋଜା ଜେଲ୍‌ରେ ବିଚାରାଧୀନ ବନ୍ଦୀ ଥିବା କବି ତଥା ସାମାଜିକ କର୍ମୀ ବାର୍‌ବରା ରାଓ ଅନ୍ତରୀଣ ଜାମିନ ପାଇଁ ସୋମବାର ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜେଲ୍ ଯାଇଛନ୍ତି। ଜାମିନ ଆବେଦନ ସମେତ ମାମଲାର ତୁରନ୍ତ ଶୁଣାଣି ପାଇଁ ସେ ଅନୁରୋଧ କରିଛନ୍ତି। ସେ ଜେ.ଜେ. ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ତରବରିଆ ଭାବେ ତାଙ୍କୁ ଜୁନ୍ ୨ରେ ଡିସ୍‌ଚାର୍ଜ କରାଯାଇଥିଲା ବୋଲି ବାର୍‌ବରା ଅଭିଯୋଗ କରିବା ସହ ମେଡିକାଲ ଚିକିତ୍ସାର ସବିଶେଷ କାଗଜପତ୍ର ଦାଖଲ ଲାଗି ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ସେ କୋର୍ଟଙ୍କୁ ଅନୁରୋଧ କରିଛନ୍ତି। ମହାମାରୀ ଜନିତ ଲକ୍‌ଡାଉନ ଯୋଗୁ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଜାମିନ ଦେବାକୁ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଜୁନ୍ ୨୬ରେ ମନା କରିଦେଇଥିଲେ। ୧୫ରେ ତାଙ୍କ ଜାମିନ ଆବେଦନର ଶୁଣାଣି ହୋଇପାରେ। ୮୦ ବର୍ଷୀୟ ସାମାଜିକ କର୍ମୀ ଉଚ୍ଚ ରକ୍ତଚାପ ସମେତ ବିଭିନ୍ନ ରୋଗରେ ପୀଡ଼ିତ ଥିବାରୁ ତାଙ୍କୁ ଏକ ସ୍ପେଶିଆଲାଇଜ୍‌ଡ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ପିପୁଲ୍ସ ୟୁନିୟନ୍ ଫର ସିଭିଲ୍ ଲିବର୍ଟି ନାମକ ଏନ୍‌ଜିଓ ପକ୍ଷରୁ ଦାବି କରାଯାଇଛି। ମାଓବାଦୀ ଅଭିଯୋଗରେ ୨୦୧୮ ଅଗଷ୍ଟରେ ପୁଣେ ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନରେ ମାମଲା ରୁଜୁ କରିଥିଲା।



**ପଦ୍ମନାଭସ୍ୱାମୀ ମନ୍ଦିର**

# ରାଜ ପରିବାରକୁ ମିଳିଲା ପରିଚାଳନା ଅଧିକାର

**ନୂଆଦିଲ୍ଲୀ,୧୩।୭(ପି.ଟି.)**

ଦେଶର ସବୁଠୁ ଧନୀ ମନ୍ଦିର ଭାବେ ପରିଚିତ କେରଳର ଐତିହାସିକ ଶ୍ରୀ ପଦ୍ମନାଭସ୍ୱାମୀ ମନ୍ଦିରର ପରିଚାଳନା ଅଧିକାର ଟ୍ରାଭାଙ୍କୋର ରାଜ ପରିବାରକୁ ମିଳିଛି। ସୋମବାର ସୁପ୍ରିମକୋର୍ଟ ରାଜ ପରିବାରର ଅଧିକାରକୁ କାଏମ ରଖିଛନ୍ତି। ମନ୍ଦିର ସମ୍ପତ୍ତି ଓ ପରିଚାଳନାକୁ ନିୟନ୍ତ୍ରଣ କରିବା ଲାଗି ରାଜ୍ୟ ସରକାର ଟ୍ରଷ୍ଟ ଗଠନ କରିବାକୁ ୨୦୧୧ରେ କେରଳ ହାଇକୋର୍ଟ ଦେଇଥିବା ରାୟକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଅନ୍ତରୀଣ ପଦକ୍ଷେପ ସ୍ୱରୂପ ଥିରୁଭାନନ୍ତପୁରମ ଜିଲା ଜଜ୍‌ଙ୍କ ନେତୃତ୍ୱରେ ଏକ ପ୍ରଶାସନିକ କମିଟି ଗଠନ କରିବା ଲାଗି ଜଷ୍ଟିସ୍ ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଉକ୍ତ କମିଟି ମନ୍ଦିର ବ୍ୟାପାରର ପରିଚାଳନା କରିବ।

ହାଇକୋର୍ଟଙ୍କ ୨୦୧୧ ଜାନୁୟାରୀ ୩୧ ରାୟକୁ ଚ୍ୟାଲେଞ୍ଜ କରି ରାଜ ପରିବାରର ଆଇନଗତ ପ୍ରତିନିଧିମାନଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଏହା ବ୍ୟତୀତ ଅନ୍ୟମାନେ ମଧ୍ୟ ହାଇକୋର୍ଟ ରାୟ ବିରୋଧରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

୧୯୪୭ରେ ସଂଘୀୟ ଭାରତ ସହ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ପୂର୍ବରୁ ଟ୍ରାଭାଙ୍କୋର ରାଜ ପରିବାର ଦକ୍ଷିଣ କେରଳ ସମେତ ତାମିଲନାଡୁର କିଛି ଅଞ୍ଚଳକୁ ଶାସନ କରୁଥିଲେ। ଉକ୍ତ ରାଜ ପରିବାର ଦ୍ୱାରା ଅଷ୍ଟାଦଶ ଶତାବ୍ଦୀରେ ପଦ୍ମନାଭସ୍ୱାମୀ ମନ୍ଦିର ପୁନଃନିର୍ମାଣ କରାଯାଇଥିଲା। ରାଜ ପରିବାରର ପୂର୍ବତନ ଶାସକଙ୍କ ମୃତ୍ୟୁ ହୋଇଥିଲେ ହେଁ ତାଙ୍କର ଉତ୍ତରାଧିକାରୀ ତଥା ଶେଷ ରାଜାଙ୍କ ଭାଇ ମାର୍ଥାନ୍ଦ ବର୍ମାଙ୍କ ମନ୍ଦିର ପରିଚାଳନା ଅଧିକାର ପ୍ରଭାବିତ ହେବନାହିଁ ବୋଲି ଖଣ୍ଡପୀଠ ରାୟ ଘୋଷଣା କରିବା ଅବସରରେ କହିଥିଲେ। ରାଜ ପରିବାରର ଶେଷ ଶାସକଙ୍କ ମୃତ୍ୟୁ ହେବା ଅର୍ଥ ନୁହେଁ ରାଜ୍ୟ ସରକାରଙ୍କୁ ଏହାର ପରିଚାଳନା ପାଇଁ କମିଟି ଗଠନ ଅଧିକାର ମିଳିଗଲା। ଆଇନ ଅନୁଯାୟୀ ମନ୍ଦିର ପରିଚାଳନା ଅଧିକାର ଟ୍ରାଭାଙ୍କୋର ଶାସକଙ୍କ ଟ୍ରଷ୍ଟ ହାତରେ ରହିବ। ନୂଆ କମିଟି ଗଠନ ହେବା ପର୍ଯ୍ୟନ୍ତ ଅନ୍ତରୀଣ ବ୍ୟବସ୍ଥା ଦ୍ୱାରା ମନ୍ଦିର ପରିଚାଳନା କରାଯିବ। ନୂତନ କମିଟିର ସମସ୍ତ ସଦସ୍ୟ ହିନ୍ଦୁ ରହିବେ ବୋଲି ଅଦାଲତ କହିଛନ୍ତି।



ଭାରତ ସ୍ୱାଧୀନ ହେବା ପରେ ମଧ୍ୟ ମନ୍ଦିର ପରିଚାଳନା ରାଜ ପରିବାର ନିୟନ୍ତ୍ରଣରେ ଥିବା ଟ୍ରଷ୍ଟ କରିଆସୁଥିଲା। ଏହାର ପରିଚାଳନା ଅଧିକାରୀ ରାଜ୍ୟ ସରକାରଙ୍କୁ ଦେବା ପାଇଁ ୨୦୦୯ରେ ପୂର୍ବତନ ଆଇପିଏସ୍ ଅଫିସର ଟି.ପି. ସୁନ୍ଦରରାଜନ କେରଳ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ରାଜ୍ୟ ସରକାର ମନ୍ଦିରକୁ ନିୟନ୍ତ୍ରଣକୁ ନେବା ଲାଗି ୨୦୧୧ ଜାନୁୟାରୀ ୩୧ରେ ହାଇକୋର୍ଟ ରାୟ ଦେଇଥିଲେ। ସେହିବର୍ଷ ମେ'୨ରେ ଶେଷ ରାଜାଙ୍କ ଭାଇ ଉଥ୍ରଦାମ୍ ଥିରୁନାଲ ମର୍ଥାନ୍ଦ ବର୍ମା ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଉପରେ ରହିତାଦେଶ ଲଗାଇଥିଲେ। ଏଥିସହିତ ମନ୍ଦିରର ଗୁପ୍ତ ପ୍ରକୋଷ୍ଠଗୁଡ଼ିକରେ ଥିବା ମୂଲ୍ୟବାନ ସମ୍ପତ୍ତି, ଅଳଙ୍କାର ଇତ୍ୟାଦିର ସବିଶେଷ ତାଲିକା ପ୍ରସ୍ତୁତ ଲାଗି ପର୍ଯ୍ୟବେକ୍ଷକ ଟିମ୍ ଗଠନ ନିର୍ଦ୍ଦେଶ ଦେଇଥିଲେ। ପରେ ଗୁପ୍ତ ପ୍ରକୋଷ୍ଠ ଏ ଏବଂ ବି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ବିଶେଷଜ୍ଞ କମିଟିର ରିପୋର୍ଟକୁ ଅନୁଧ୍ୟାନ କରି ସେହିବର୍ଷ ସେପ୍ଟେମ୍ବର ୨୨ରେ ଅଦାଲତ ଗୁପ୍ତ ଗୃହ ବି ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ।୨୦୧୨ ଅଗଷ୍ଟ ୨୩ରେ ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମଙ୍କୁ ଅମିକସ୍ କ୍ୟୁରି ନିଯୁକ୍ତ କରାଯାଇଥିଲା। ଆମିକସ୍ କ୍ୟୁରିଙ୍କ ରିପୋର୍ଟକୁ ବିରୋଧ କରି ରାଜ ପରିବାର ୨୦୧୪ ନଭେମ୍ବରରେ ସୁପ୍ରିମକୋର୍ଟରେ ଅପିଲ୍ କରିଥିଲେ। ଗତବର୍ଷ ଉକ୍ତ ମାମଲା ଜଷ୍ଟିସ୍ ୟୁ.ୟୁ.ଲଳିତ, ଇନ୍ଦୁ ମାଲହୋତ୍ରାଙ୍କ ଖଣ୍ଡପୀଠକୁ ଚୂଡ଼ାନ୍ତ ଶୁଣାଣି ଲାଗି ପଠାଯାଇଥିଲା। କେରଳ ହାଇକୋର୍ଟ ରାୟ ବିରୋଧରେ ହୋଇଥିବା ଆବେଦନ ଉପରେ ଏପ୍ରିଲ ୧୦ରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ।

## ବିଧାୟକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହତ୍ୟା ଅଭିଯୋଗ କଲା ଭାଜପା**

**କୋଲକାତା,୧୩।୭(ପି.ଟି.)**

ପଶ୍ଚିମବଙ୍ଗର ଜଣେ ବିଧାୟକଙ୍କ ମୃତଦେହ ସୋମବାର ସକାଳେ ଉତ୍ତର ଦିନାଜପୁର ଜିଲାସ୍ଥିତ ତାଙ୍କ ବାସଭବନ ପାଖରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ବିଧାୟକଙ୍କ ପରିବାର ଓ ଭାଜପା ପକ୍ଷରୁ ଅଭିଯୋଗ କରାଯିବା ସହ ଏଥିପାଇଁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଦାୟୀ କରାଯାଇଛି। ବିଧାୟକ ଦେବେନ୍ଦ୍ର ନାଥ ରାୟଙ୍କ ମରଶରୀର ବିଣ୍ଡାଲ ଗ୍ରାମରେ ଥିବା ତାଙ୍କ ବାସଭବନ ନିକଟସ୍ଥ ବନ୍ଦ ଥିବା ଏକ ଦୋକାନ ବାରଣ୍ଡା ସିଲିଂରୁ ଝୁଲୁଥିବା ଅବସ୍ଥାରେ ଉଦ୍ଧାର ହୋଇଥିଲା। ତାଙ୍କ ଶାର୍ଟ ପକେଟରୁ ଏକ ସୁଇସାଇଡ୍ ନୋଟ ମିଳିଥିବା ପଶ୍ଚିମବଙ୍ଗ ପୋଲିସ କହିଛି। ଉକ୍ତ ନୋଟ୍‌ରେ ବିଧାୟକ ତାଙ୍କ ମୃତ୍ୟୁ ପାଇଁ ୨ ଜଣଙ୍କୁ ଦାୟୀ କରିଛନ୍ତି।

ରାୟ ୨୦୧୬ରେ ସିପିଏମ୍ ଟିକେଟରେ ହେମତାବାଦ ଆସନରୁ ଜିତିଥିଲେ। ପରେ ସେ ଭାଜପାରେ ଯୋଗଦେଇଥିଲେ। ତାଙ୍କ ମୃତ୍ୟୁର ସିବିଆଇ ତଦନ୍ତ ପାଇଁ ବିଧାୟକଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ବିଧାୟକଙ୍କ ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ଟିଏମ୍‌ସି ଗୁଣ୍ଡାମାନେ ତାଙ୍କୁ ହତ୍ୟା କରିଥିବା ଭାଜପା ଅଭିଯୋଗ କରିବା ସହ ମଙ୍ଗଳବାର ଉତ୍ତର ଦିନାଜପୁର ଜିଲାରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ଏହା ଗୁଣ୍ଡାରାଜ ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାରରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ଏହା ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ମୁଖ୍ୟମନ୍ତ୍ରୀ ବିବୃତି ଜାରି କରିବାକୁ ରାଜ୍ୟ ଭାଜପା ସଭାପତି ଦିଲୀପ ଘୋଷ ଦାବି କରିଛନ୍ତି। ରାଜ୍ୟପାଳ ଜଗଦୀପ ଧନଖର ଘଟଣାର ଉପଯୁକ୍ତ ଓ ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ ବୋଲି କହିଛନ୍ତି।



ଦେବେନ୍ଦ୍ର ନାଥ ରାୟ

## ଆନ୍ଦ୍ରେଜେଜ୍ ଡୁଡା ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ



ୱାର୍ସ,୧୩।୭ (ଆଇଏଏନ୍‌ଏସ୍) ଆନ୍ଦ୍ରେଜେଜ୍ ଡୁଡା ପୋଲାଣ୍ଡ ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ୱାର୍ସ ମେୟର ରାଫାଲ ଟ୍ରାସ୍କୋସ୍କିଙ୍କଠାରୁ ଅଳ୍ପ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ଜାତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ରବିବାର ଅନୁଷ୍ଠିତ ନିର୍ବାଚନରେ ଶାସକ 'ଲ ଆଣ୍ଡ ଜଷ୍ଟିସ ପାର୍ଟି'କୁ ୫୧.୨୧ ପ୍ରତିଶତ ଭୋଟ ମିଳିଛି। ଟ୍ରାସ୍କୋସ୍କିଙ୍କୁ ମିଳିଛି ୪୮.୭୯ ପ୍ରତିଶତ ଭୋଟ। ଫଳରେ ଡୁଡା ପୁଣି ୫ ବର୍ଷ ଶାସନ କରିବାକୁ ଯାଉଛନ୍ତି। ମୋଟ ୬୮.୧୨ ପ୍ରତିଶତ ଭୋଟଗ୍ରହଣ ହୋଇଥିଲା। ପ୍ରତିଦ୍ୱନ୍ଦ୍ୱିତା ଜୋର୍‌ଦାର ହେବ ଏବଂ ଡୁଡା ମାତ୍ର ୦.୮ ପ୍ରତିଶତ ବ୍ୟବଧାନରେ ବିଜୟୀ ହେବେ ବୋଲି ଏକ୍‌ଜିଟ୍ ପୋଲ୍ ସୂଚନା ଦେଇଥିଲା।

# ଯୁଦ୍ଧଜାହାଜରେ ନିଆଁ: ୫୭ ଆହତ

**ସାନ୍ ଡିଏଗୋ(ୟୁଏସ୍),୧୩।୭**

ଆମେରିକା ନୌସେନାର ଏକ ଯୁଦ୍ଧଜାହାଜରେ ନିଆଁ ଲାଗିଯିବାରୁ ୫୭ ଜଣ ଆହତ ହୋଇଛନ୍ତି। ମେଣ୍ଟେନାନ୍ସ ପାଇଁ ୟୁଏସ୍‌ଏସ୍ ବୋନହୋମେ ରିଚାର୍ଡ ନାମକ ଏହି ଜାହାଜ ବର୍ଥ ମଧ୍ୟରେ ରହିଥିବାବେଳେ ଭିତରେ ଥିବା ଷ୍ଟୋରେଜ୍ ଅଞ୍ଚଳରେ ରବିବାର ସକାଳେ ନିଆଁ ଲାଗିଯାଇଥିଲା। ୧୭ ଜଣ ନାବିକ ଓ ୪ ସାଧାରଣ ଲୋକ ଆହତ ହୋଇଥିବା ପ୍ରଥମେ ଜଣାପଡିଥିଲା। ପରେ ଏହି ସଂଖ୍ୟା ୫୭କୁ ବୃଦ୍ଧି ପାଇଛି। ଗୁରୁତର ଥିବା ୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଗ୍ନିଶମ ବିଭାଗ ଜାହାଜ ଓ ହେଲିକପ୍ଟର ସହାୟତାରେ ପାଣି ପକାଇ ନିଆଁକୁ ଆୟତ୍ତ କରାଯାଇଥିଲା।



## ତାଲିବାନ ଆକ୍ରମଣ: ୧୬ ନିହତ

**କାବୁଲ,୧୩।୭(ଆଇଏଏନ୍‌ଏସ୍)**

ଆଫଗାନିସ୍ତାନର କୁନ୍ଦୁଜ୍ ଓ ବଡ଼ଖଶନ ପ୍ରଦେଶରେ ତାଲିବାନ ଆକ୍ରମଣରେ ୧୨ ପୋଲିସ କର୍ମଚାରୀଙ୍କ ସମେତ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ୧୧ ଜଣ ଉଗ୍ରପନ୍ଥୀ ନିହତ ହୋଇଥିବା ଜଣାପଡିଛି। ରବିବାର ରାତିରେ କୁନ୍ଦୁଜ୍ ପ୍ରଦେଶର ଇମାମ୍ ସାହିବ ଜିଲାରେ ତାଲିବାନ ଉଗ୍ରପନ୍ଥୀ ଆକ୍ରମଣ କରିବାରୁ ୫ ପୋଲିସ ଅଧିକାରୀ ଓ ୪ ସାଧାରଣ ନାଗରିକ ନିହତ ହୋଇଥିବାବେଳେ ୮ ଜଣ ଆହତ ହୋଇଥିଲେ। ସଂଘର୍ଷରେ ୬ ଉଗ୍ରପନ୍ଥୀ ନିହତ ହୋଇଛନ୍ତି। ସେହିପରି ବଡଖଶନରେ ୭ ପୋଲିସଙ୍କ ମୃତ୍ୟୁ ଘଟିଥିବାବେଳେ ୫ ତାଲିବାନ ସଦସ୍ୟ ନିହତ ହୋଇଛନ୍ତି।

## ଅଭିନେତ୍ରୀ ଦିବ୍ୟାଙ୍କ ପରଲୋକ

**ମୁମ୍ବାଇ,୧୩।୭**

କର୍କଟ ରୋଗରେ ପୀଡ଼ିତ ଥିବା ଅଭିନେତ୍ରୀ ତଥା ଗାୟିକା ଦିବ୍ୟା ଚୋକ୍‌ସିଙ୍କ ଭୋପାଳରେ ପରଲୋକ ହୋଇଯାଇଛି। ତାଙ୍କୁ ୨୮ ବର୍ଷ ହୋଇଥିଲା। ୨୦୧୬ରେ ସେ 'ହେ ଆପ୍‌ନା ଦିଲ୍ ତୋ ଆୱାରା' ମାଧ୍ୟମରେ ଅଭିନୟ ଜଗତରେ ଡେବ୍ୟୁ କରିଥିଲେ। ଏଥିସହ ସେ ବହୁତ ବିଜ୍ଞାପନରେ କାମ କରିଛନ୍ତି। ତାଙ୍କ ଅକାଳ ବିୟୋଗରେ ନିର୍ଦ୍ଦେଶକ ମନୋଜ ମୁଖାର୍ଜୀ, ସହକଳାକାର ସାହିଲ ଆନନ୍ଦ ମର୍ମାହତ ହୋଇପଡ଼ିଛନ୍ତି। ଫିଲ୍ମରେ ଡେବ୍ୟୁ କରିବା ପରେ ସେ ଭଲ ଗାୟିକା ଭାବେ ମଧ୍ୟ ପରିଚୟ ସୃଷ୍ଟି କରିଥିଲେ। ଗତ ଶନିବାର ଦିବ୍ୟା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଅନ୍ତିମ ମେସେଜ ପୋଷ୍ଟ କରିଥିଲେ। ତାଙ୍କ ବିୟୋଗରେ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି।



ଦିବ୍ୟା ଚୋକ୍‌ସି

## ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୧୩।୭: ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାରେ ସୋମବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୨ ଜୈଶ-ଇ-ମହମ୍ମଦ ସଙ୍ଗଠନର ଆତଙ୍କବାଦୀ ନିହତ ହୋଇଛନ୍ତି। ସର୍‌ହାମାଠାରେ ସକାଳେ ଏଭଳି ଘଟଣା ଘଟିଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ନିହତ ୨ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ ସ୍ଥାନୀୟ ହୋଇଥିବାବେଳେ ଅନ୍ୟ ଜଣେ ପାକିସ୍ତାନର ବୋଲି ଜଣାପଡ଼ିଛି। ସେମାନଙ୍କଠାରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଆଦି ଜବତ କରାଯାଇଛି। ଅଞ୍ଚଳରେ ଆତଙ୍କବାଦୀ ଥିବା ସୂଚନା ପାଇ ସୁରକ୍ଷାକର୍ମୀମାନେ ଚାରିପଟୁ ଘେରିଯାଇଥିଲେ। ଏହା ଦେଖି ଆତଙ୍କବାଦୀମାନେ ଗୁଳିମାଡ଼ କରିବାରୁ ପୋଲିସ ଓ ସୁରକ୍ଷାକର୍ମୀମାନେ ଏହାର କଡ଼ା ଜବାବ ଦେଇଥିଲେ।

## ନେପାଳରେ ବର୍ଷା ସହ ଭୂସ୍ଖଳନ

**୬୦ ମୃତ, ୪୧ ନିଖୋଜ**

କଠମାଣ୍ଡୁ,୧୩।୭: ନେପାଳରେ ଗତ ୪ ଦିନ ହେବ ଲଗାଣ ବର୍ଷା ଓ ଭୂସ୍ଖଳନ ଜାରି ରହିଛି। ଏଥିଯୋଗୁ ୬୦ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୪୧ ଜଣ ନିଖୋଜ ହୋଇଥିବା ଜଣାପଡ଼ିଛି। ପଶ୍ଚିମ ନେପାଳର ମିଆଗ୍‌ଡି ଜିଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଠାରେ ମୃତ୍ୟୁସଂଖ୍ୟା ୨୭ରେ ପହଞ୍ଚିଛି। ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ସ୍ଥାନୀୟ ସ୍କୁଲ ଓ କମ୍ୟୁନିଟି ସେଣ୍ଟରଗୁଡ଼ିକୁ ଆଶ୍ରୟସ୍ଥଳୀ କରାଯାଇ ଲୋକମାନଙ୍କୁ ରଖାଯାଇଛି। ନିଖୋଜ ଥିବା ବ୍ୟକ୍ତିଙ୍କୁ ଖୋଜାଖୋଜି ଚାଲିଛି। ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ପୋଲ ଭାଙ୍ଗିଯିବାରୁ ଲୋକମାନଙ୍କ ଘରଦ୍ୱାର ଭସାଇ ନେଇଥିଲା। ନେପାଳର ନାରାୟଣୀ ଓ ଅନ୍ୟ କେତେକ ନଦୀରେ ବନ୍ୟା ଦେଖାଦେଇଛି। ଚଳିତ ସପ୍ତାହରେ ଆସାମରେ ଅଧିକ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ କହିଛି।



# ୨୪ ଘଣ୍ଟାରେ ୭୮ ହଜାର ଆକ୍ରାନ୍ତ

- ୫.୭୨ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଗଲାଣି
- ଆକ୍ରାନ୍ତଙ୍କ ସଂଖ୍ୟା ୧.୩୧ କୋଟି ଟପିଲା
- ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୯ ଲକ୍ଷ

**ୱାଶିଂଟନ/ବ୍ରାସିଲିଆ/ନୂଆଦିଲ୍ଲୀ,୧୩।୭**

ମହାମାରୀ କରୋନାର ପ୍ରକୋପ ହୁ ହୁ ହୋଇ ମାଡ଼ିଚାଲିଛି। ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବିଶ୍ୱର ୨୧୩ ଦେଶରେ ବିଦ୍ୟୁତ୍ ବେଗରେ ମାଡ଼ିଚାଲିଛି ଏହି ଭୂତାଣୁ। କେବଳ ଆମେରିକାରେ ୩୪.୩୦ ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହୋଇଥିବା ବେଳେ ବ୍ରାଜିଲରେ ୧୮.୬୬ ଲକ୍ଷ ଓ ଭାରତରେ ୯ ଲକ୍ଷରୁ ଉର୍ଦ୍ଧ୍ୱ ଏହି ଜାଲ ଭିତରେ ଛନ୍ଦିହୋଇ ରହିଛନ୍ତି। ବିଭିନ୍ନ ସରକାରୀ କଟକଣା ସତ୍ତ୍ୱେ ବୋଲ ମାନୁନି ଏହି ଭୂତାଣୁ। ଏପର୍ଯ୍ୟନ୍ତ ବିଶ୍ୱରେ ଆକ୍ରାନ୍ତଙ୍କ ସଂଖ୍ୟା ୧.୩୧ କୋଟି ପାର୍ କରିଥିବାବେଳେ ୫.୭୨ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଗତ ୨୪ ଘଣ୍ଟା ମଧ୍ୟରେ ବିଶ୍ୱରେ ୭୮ ହଜାର ନୂଆ ମାମଲା ଦେଖିବାକୁ ମିଳିଛି। ପାଖାପାଖି ୧୬ ଶହ ଲୋକ ଦିନକରେ ପ୍ରାଣ ହରାଇଛନ୍ତି। ଯଦିଓ ୭୬.୩୨ ଲକ୍ଷ ଲୋକ ସୁସ୍ଥହୋଇ ଘରକୁ ଫେରିଛନ୍ତି, ତଥାପି ୪୯ ଲକ୍ଷ ଆକ୍ଟିଭ୍ ମାମଲା ଏବେ ବି ରହିଛି। ସଫଳ ଔଷଧ ନ ଆସିଲେ ଏହି ଯମଯନ୍ତ୍ରଣାରୁ ଛୁଟି ମିଳିବା ଅସମ୍ଭବ ମନେ ହେଉଛି। ବିଭିନ୍ନ ଦେଶ ପକ୍ଷରୁ ଏନେଇ ପ୍ରୟାସ ଚାଲିଛି, ରୁଷିଆ ଏଥିରେ ପ୍ରଥମେ ସଫଳ ହୋଇଥିବା ଦାବି କରୁଥିବାବେଳେ ଭାରତ ମଧ୍ୟ ସଫଳ ଔଷଧ ବାହାର କରିବାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି।

ଚତୁର୍ଥ ଦେଶ ଭାବେ ରୁଷିଆରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୭.୩୩ ଲକ୍ଷରୁ ଅଧିକ ରହିଥିବାବେଳେ ପେରୁ, ଚିଲି ସ୍ଥିତି ମଧ୍ୟ ଅସମ୍ଭାଳ ରହିଛି। ପେରୁରେ ୩.୨୬ ଓ ଚିଲିରେ ୩.୧୫ ଲକ୍ଷରୁ ଅଧିକ ଭୂତାଣୁ ଆକ୍ରାନ୍ତ ଅଛନ୍ତି। ଅଷ୍ଟମ ସ୍ଥାନରେ ରହିଥିବା ମେକ୍ସିକୋ ସ୍ଥିତି ଜଟିଳ ହେବାରେ ଲାଗିଛି। ଏଠାରେ ପ୍ରାୟ ୩ ଲକ୍ଷ ମାମଲା ନଜରକୁ ଆସିଛି। ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଆମେରିକାରେ ୧.୩୭ ଲକ୍ଷ, ବ୍ରାଜିଲରେ ୭୨,୧୫୧, ଭାରତରେ ୨୩,୫୬୯, ରୁଷିଆ ୧୧,୪୩୯, ପେରୁ ୧୧,୮୭୦, ଚିଲି ୭ ହଜାର, ସ୍ପେନ୍ ୨୮,୪୦୨, ମେକ୍ସିକୋ ୩୫ ହଜାର, ବ୍ରିଟେନ ୪୪,୮୧୯, ଇଟାଲୀରେ ୩୪,୯୫୪ ରହିଛି। ପାକିସ୍ତାନ, ଇରାନ, ସାଉଦି ଆରବ ଓ ଦକ୍ଷିଣ କୋରିଆ ଭଳି ରାଷ୍ଟ୍ର ମଧ୍ୟ କରୋନା କବଳରେ ଛନ୍ଦି ହୋଇ ପଡ଼ିଥିବା ଜଣାପଡ଼ିଛି।



କରୋନାରୁ ଯଦି ଜିତିବାର ଅଛି ତେବେ... ଘରେ ରୁହନ୍ତୁ, ଦୁଇ ଗଜର ଦୂରତା ବଜାୟ ରଖନ୍ତୁ, ମାସ୍କ ପିନ୍ଧନ୍ତୁ ଏବଂ ବାରମ୍ବାର ହାତ ଧୁଅନ୍ତୁ (ଜନହିତରେ ଜାରି)

## ଇମ୍ୟୁନିଟି ବଢ଼ାଏ, ବାହ୍ୟ ରୋଗରୁ ସୁରକ୍ଷା ଦିଏ

Bafna Biotech

ISO 9001:2015 Certified Company
WHO-GMP Certified Company

# Tulsi Vita
JUICE




- କଫ, ଡନ୍ତୁ
- ଶାରୀରିକ ଦୁର୍ବଳତା
- ଶ୍ୱାସକ୍ରିୟାରେ କଷ୍ଟ
- କାଶ, ଥଣ୍ଡା
- ଦୁଃଶ୍ଚିନ୍ତା, ମୁଣ୍ଡ ବିନ୍ଧା
- ନିଦ ନ ହେବା
- ପେଟ ଓ ଯକୃତ ସମ୍ବନ୍ଧୀୟ ରୋଗ
- ଏଲର୍ଜି
- ଯାଦୁ, କୁଣ୍ଡିଆ
- ମ୍ୟାଲେରିଆ, ଜଣ୍ଡିସ୍
- ମାଇଗ୍ରେନ୍
- ମୂତ୍ର ସମ୍ବନ୍ଧୀୟ ରୋଗ
- ବ୍ରଣ, କାଠବ୍ରଣ, ଦାଗ
- କୋଷ୍ଠକାଠିନ୍ୟ, ଏସିଡିଟି
- ମୁଖ ଦୁର୍ଗନ୍ଧ
- ଗଣ୍ଠି, ଆଣ୍ଠୁ ବ୍ୟଥା

ଦୈନିକ 30 ml ତୁଳସୀ ଭିଟା ଏକ ଗ୍ଲାସ୍ ଗରମ ପାଣିରେ ମିଶାଇ ପିଇବା ଅତ୍ୟନ୍ତ ଲାଭକାରୀ ହୋଇଥାଏ ।

ଥରେ ନିଶ୍ଚୟ ପ୍ରୟୋଗ କରି ଦେଖନ୍ତୁ ।

www.bafnabiotech.com Linkedin /bafna.biotech

For any Enquiry : 08989405858, 09425504640

**ଆଜିର ମନ୍ତବ୍ୟ**

“ଆମ ପାଖରେ ୭୫ ବିଧାୟକ ଥିଲେ ହେଁ ବହୁ ବିଧାୟକ ସାମିଲ ହେବାକୁ ଚାହୁଁଛନ୍ତି।

– ସତିଶ ପୁନିଆ, ରାଜସ୍ଥାନ ପ୍ରଦେଶ ଭାଜପା ଅଧ୍ୟକ୍ଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ଅସିତ୍
ପରିବାରବର୍ଗ


ମୁକେଶ୍
ପରିବାରବର୍ଗ


ରାଜ୍ ଶେଖର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୭୫ ହଜାର କୋଟି ନିବେଶ କରିବ ଗୁଗଲ

- ମୋଦିଙ୍କ ସହ ଆଲୋଚନା କଲେ ସିଇଓ ସୁନ୍ଦର ପିଚାଇ
- ଆଗାମୀ ୫-୭ ବର୍ଷରେ ହେବ ନିବେଶ





**ନୂଆଦିଲ୍ଲୀ, ୧୩।୭**

ସର୍ଚ୍ଚ ଇଞ୍ଜିନ ଗୁଗଲ ଆଗାମୀ ୫ରୁ ୭ ବର୍ଷରେ ଭାରତ ବଜାରରେ ୭୫ ହଜାର କୋଟି ଟଙ୍କା ନିବେଶ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଗୁଗଲ ଏବଂ ଆଲ୍‌ଫାବେଟ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସୁନ୍ଦର ପିଚାଇ ସୋମବାର ଆଲୋଚନା କରିବା ପରେ ଏହା ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ମୋଦି ବିଶ୍ୱ ମହାମାରୀ ପାଇଁ ଉପୁଜିଥିବା ବିଭିନ୍ନ ଚ୍ୟାଲେଞ୍ଜ ଏବଂ ନୂଆ କାର୍ଯ୍ୟ ସଂସ୍କୃତି ସମ୍ପର୍କରେ ପିଚାଇଙ୍କ ସହ ଆଲୋଚନା କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସିଇଓ ପିଚାଇ ଆଲୋଚନା ସାରିବା ପରେ ‘ଗୁଗଲ ଫର୍ ଇଣ୍ଡିଆ’ ଭର୍ଚୁଆଲ କନଫରେନ୍ସର ୬ଷ୍ଠ ସଂସ୍କରଣରେ ଅଭିଭାଷଣ ରଖିଛନ୍ତି। ଏହି ଅବସରରେ ସେ ଭାରତ ବଜାର ଲାଗି ବିସ୍ତୃତ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। କମ୍ପାନୀ ଘରୋଇ ବଜାର ଲାଗି ଏକ ଡିଜିଟାଇଜେଶନ ଫଣ୍ଡ ସ୍ଥାପନ କରିଛି। ଏହାଦ୍ୱାରା ୧୦ ବିଲିୟନ ଡଲାର( ପ୍ରାୟ ୭୫ ହଜାର କୋଟି) ଟଙ୍କା ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ ନିବେଶ ଯୋଜନା ରଖାଯାଇଛି ବୋଲି ପିଚାଇ ସ୍ପଷ୍ଟ କରିଛନ୍ତି। ଏହି ନିବେଶ ଇକ୍ୱିଟି, ସହଭାଗିତା, ପରିଚାଳନା, ଭିତ୍ତିଭୂମି ତଥା ଇକୋସିଷ୍ଟମ ବିକାଶ କ୍ଷେତ୍ରରେ ହେବ।

ଗୁଗଲର ଏହି ନିବେଶ ଯୋଜନା ଭାରତର କୃଷକ ଏବଂ ଯୁବବର୍ଗଙ୍କ ଜୀବନକୁ ପରିବର୍ତ୍ତନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୋଦି ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶିକ୍ଷା, ଡିଜିଟାଲ ଇଣ୍ଡିଆ, ଡିଜିଟାଲ ପେମେଣ୍ଟ ଭଳି ବିଭିନ୍ନ ଦିଗରେ ଗୁଗଲ ଭାରତ ବଜାରରେ କାର୍ଯ୍ୟ କରୁଥିବାରୁ ଏହାକୁ ନେଇ ଅତ୍ୟନ୍ତ ଖୁସି। ଟୁଇଟର ଉତ୍ତରରେ ପିଚାଇ କହିଛନ୍ତି, ଗୁଗଲର ଫୋକସ ଏରିଆ ମଧ୍ୟରେ ଭାରତୀୟଙ୍କୁ ସେମାନଙ୍କ ନିଜସ୍ୱ ଭାଷାରେ ସହଜରେ ସୂଚନା ଉପଲବ୍ଧ କରାଇବା, ଭାରତୀୟଙ୍କ ଆବଶ୍ୟକତା ଆଧାରରେ ନୂଆ ପ୍ରଡକ୍ଟ ଏବଂ ସେବା ଭିତ୍ତିଭୂମି ଗଠନ, ଡିଜିଟାଲ ସଂସ୍କାର ଦ୍ୱାରା ବାଣିଜ୍ୟିକ ସଂସ୍ଥାଗୁଡ଼ିକୁ ସଶକ୍ତ କରାଇବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କୃଷି କ୍ଷେତ୍ରରେ ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର ଦ୍ୱାରା ଘରୋଇ ବଜାରର ବିକାଶ ସାଧନ ଦିଗରେ କାର୍ଯ୍ୟକ୍ରମ ଜାରି ରହିବ।

## ବିଧାନସଭା ଅଧିବେଶନ: ସରକାରଙ୍କ...

ପ୍ରଥମ ପୃଷ୍ଠାରୁ...

ବିଧାନସଭା କର୍ମଚାରୀଙ୍କ ମା’ଙ୍କ କରୋନା ପଜିଟିଭ ବାହାରିବା ପରେ ସମସ୍ତ ଗୃହ କମିଟି ବୈଠକକୁ ବନ୍ଦ କରିଦିଆଯାଇଛି। ଏହାସହ ସମସ୍ତ କର୍ମଚାରୀଙ୍କୁ କରୋନା ଟେଷ୍ଟିଂ କରି ଆସିବାକୁ କୁହାଯାଇଛି। ଏଭଳିସ୍ଥିତିରେ ବିଧାନସଭା ଅଧିବେଶନ ହେବା କଷ୍ଟସାଧ ବୋଲି ମଧ୍ୟ ଅନେକେ ମତ ରଖିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସହ ଆଲୋଚନା କରିବା ସହ ପାର୍ଲାମେଣ୍ଟ ଅଧିବେଶନ କେବେ ଆରମ୍ଭ ହେବ ଏବଂ ଏଥିପାଇଁ କି ପ୍ରକାର ଏସ୍‌ଓପି ଜାରି ହେବ, ତା ଉପରେ ନଜର ରଖିବାକୁ କହିଛନ୍ତି। ଏନେଇ ପାତ୍ରଙ୍କ ମତାମତ ଲୋଡ଼ାଯିବାରୁ ସେ କହିଛନ୍ତି ଯେ, ଲୋକ ସଭା ବାଚସ୍ପତି ଏବଂ ବିଭିନ୍ନ ରାଜ୍ୟର ବାଚସ୍ପତିଙ୍କ ସହ ଆଲୋଚନା ଜାରି ରଖିଛି। ଅନ୍ୟ ରାଜ୍ୟଗୁଡ଼ିକ କିପରି ବିଧାନସଭା ଆରମ୍ଭ କରିବେ ତା’ଉପରେ ନଜର ରଖିଛୁ। ସେହିପରି ପାର୍ଲାମେଣ୍ଟ ଅଧିବେଶନ ମଧ୍ୟ କିପରି ଚାଲିବ ସେନେଇ ଆସନ୍ତା ୫ଦିନ ମଧ୍ୟରେ ଏସ୍‌ଓପି ଜାରି ହେବ। ଏହାପରେ ତାହାକୁ ଦେଖି ବିଧାନସଭା ଆରମ୍ଭ ନେଇ ଚିନ୍ତା କରାଯିବ ବୋଲି ସେ କହିଛନ୍ତି।

ସେହିପରି ନିକଟରେ ୮ଟି ଗୁରୁତ୍ୱପୂର୍ଣ୍ଣ ଅଧ୍ୟାଦେଶକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ଏହା ରାଜ୍ୟପାଳଙ୍କ ଅନୁମୋଦନ ପାଇଥିବାରୁ ବିଧାନସଭା ଅଧିବେଶନରେ ପାରିତ ହେବାର ଅଛି। ଯଦି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅଧିବେଶନ ନ ବସେ ତେବେ ଏହା କାଟ ଖାଇଯିବାର ସମ୍ଭାବନା ସୃଷ୍ଟି ହୋଇଛି। କରୋନା ଯୋଗୁ ରାଜ୍ୟରେ ରାଜସ୍ୱ ଆଦାୟ ସମ୍ପୂର୍ଣ୍ଣ ବ୍ୟାଘାତ ହୋଇଛି। ତେଣୁ ସରକାରଙ୍କ ଅର୍ଥ ବିଭାଗ ସରକାରୀ ଅଧିକାରୀଙ୍କ ଖର୍ଚ୍ଚ କାଟ କରିବା ସହ ବିଭିନ୍ନ ସ୍ୱତନ୍ତ୍ର ପ୍ରକଳ୍ପ ବନ୍ଦ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛି। ଏପରିସ୍ଥିତିରେ ବିରୋଧୀ ରାଜ୍ୟ ରାଜକୋଷର ସ୍ଥିତି ସମ୍ପର୍କରେ ଆଲୋଚନା ପାଇଁ ଦାବି ଚଳାଇଛନ୍ତି। ତେଣୁ ରାଜ୍ୟ ସରକାର ବିଧାନସଭା ଚଳାଇବା ଲାଗି କିଛି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ ନା ନାହିଁ ତାହା ସବୁଠାରୁ ବଡ଼ ପ୍ରଶ୍ନ। ସମସ୍ତ ବିଧାୟକଙ୍କ କୋଭିଡ୍ ଟେଷ୍ଟ କରାଇ ଅଧିବେଶନ ହେବ ବୋଲି ଶୁଣାଯାଉଥିବାବେଳେ ଅନ୍ୟପଟେ ନିର୍ଦ୍ଦିଷ୍ଟ କେତେ ପ୍ରତିଶତ ବିଧାୟକଙ୍କ ଟେଷ୍ଟ କରାଇ ଅଧିବେଶନ ସାରି ଦେବାକୁ ସରକାର ଚିନ୍ତା କରୁଥିବା ମଧ୍ୟ ଆଲୋଚନା ହେଉଛି।

ଏଭଳି ଏକ ସ୍ଥିତିରେ ଗତ ଏକମାସ ମଧ୍ୟରେ ରାଜ୍ୟର ଦୁଇଜଣ ବିଧାୟକଙ୍କ ମୃତ୍ୟୁ ଘଟିଛି। ଜୁନ୍ ୧୭ତାରିଖରେ ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତଙ୍କ ପରଲୋକ ଘଟିଥିବାବେଳେ ଗତ ୬ତାରିଖରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କ ଦେହାନ୍ତ ଘଟିଛି। ଦୁଇ ବିଧାୟକଙ୍କ ମୃତ୍ୟୁ ପରେ ଉପରୋକ୍ତ ଦୁଇ ସ୍ଥାନରେ ଯଥାକ୍ରମେ ଡିସେମ୍ବର ୧୭ ଏବଂ ଜାନୁୟାରୀ ୬ ତାରିଖ ସୁଦ୍ଧା ଉପନିର୍ବାଚନ ହେବ। ଯଦି କରୋନା ସ୍ଥିତିରେ ସୁଧାର ନ ଆସେ ଧାର୍ଯ୍ୟ ସମୟ ମଧ୍ୟରେ ଉପନିର୍ବାଚନ କିପରି ହେବ ତାକୁ ନେଇ ଚିନ୍ତା ବଢ଼ିଲାଣି। ଯଦିଓ ଉପନିର୍ବାଚନ ସମ୍ପର୍କରେ ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ଘୋଷଣା ହେବ, ତଥାପି ସରକାରଙ୍କ ମଧ୍ୟ କିଛି ଭୂମିକା ରହୁଛି। ନିର୍ବାଚନରେ ସରକାରୀ କର୍ମଚାରୀ ଏବଂ ପୋଲିସ ପ୍ରଶାସନର ସହଯୋଗ ମଧ୍ୟ ରହିବ। ଏସବୁକୁ ନେଇ ସରକାର ବର୍ତ୍ତମାନଠାରୁ ଯୋଜନା ପ୍ରସ୍ତୁତ କରିବା ଆରମ୍ଭ କରିଥିବା ଜଣାପଡ଼ିଛି।

## ପୁଣି ୬ ମୃତ,...

ପ୍ରଥମ ପୃଷ୍ଠାରୁ...

ସମସ୍ୟା ରହିଥିବାବେଳେ ୪୯ବର୍ଷୀୟ ବ୍ୟକ୍ତି ମଧ୍ୟ ମଧୁମେହରେ ପୀଡ଼ିତ ଥିଲେ। ସେହିପରି ଭୁବନେଶ୍ୱରର ୬୭ବର୍ଷୀୟ ପୁରୁଷ ଜଣକ ମଧୁମେହ ଓ ଉଚ୍ଚ ରକ୍ତଚାପ ସହ କ୍ରୋନିକ୍ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। (କ୍ରୋନିକ୍ କିଡ୍‌ନୀ ରୋଗ ଏଭଳି ଏକ ସ୍ଥିତି ଯାହା ଦ୍ୱାରା ବ୍ୟକ୍ତିର ଦୁଇଟି କିଡ୍‌ନୀ ଧୀରେ ଧୀରେ କାମ କରିବା ବନ୍ଦ କରି ଦେଇଥାଏ)। କଟକରେ କରୋନାରେ ମୃତ୍ୟୁ ଘଟିଥିବା ଆକ୍ରାନ୍ତ ଜଣକ ପୁରୁଷ ଓ ତାଙ୍କ ବୟସ ୪୦ବର୍ଷ ହେବ। ଫଳରେ ଏବେ ଗଞ୍ଜାମରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୩କୁ ବୃଦ୍ଧି ପାଇଥିବାବେଳେ ଖୋର୍ଦ୍ଧାରେ ୧୦ ଓ କଟକରେ ୭ରେ ପହଞ୍ଚିଛି। ଏହାବ୍ୟତୀତ ରାଜ୍ୟରେ ଆଉଜଣେ କରୋନା ରୋଗୀଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଯଦିଓ ତାଙ୍କର କରୋନା ପଜିଟିଭ୍ ଥିଲା, କିନ୍ତୁ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଗଞ୍ଜାମ ଜିଲାର ମୃତ ଏହି ୧୭ବର୍ଷୀୟ ଯୁବକଜଣକ କ୍ୟାନସର ରୋଗରେ ପୀଡିତ ଥିଲେ। ଫଳରେ ରାଜ୍ୟରେ ଏବେ ୨୧ଜଣ କରୋନା ଆକ୍ରାନ୍ତ ଅନ୍ୟ ରୋଗରେ ମଲେଣି। ସେପଟେ ୨୪ ଘଣ୍ଟାରେ ରାଜ୍ୟର ୨୩ଟି ଜିଲାରୁ ଆଉ ୬୧୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୪୧୫ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ୨୦୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ଭଳି ଏଥର ମଧ୍ୟ ଗଞ୍ଜାମରୁ ସର୍ବାଧିକ ୨୮୩ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ଜିଲାରେ ମୋଟ ସଂକ୍ରମିତ ସଂଖ୍ୟା ୪,୧୪୭କୁ ବୃଦ୍ଧି ପାଇଛି। ଅନ୍ୟ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କୋରାପୁଟରୁ ୫୦, ନବରଙ୍ଗପୁର ୪୦, ବରଗଡ଼ ୩୧, ଖୋର୍ଦ୍ଧା ୨୯, ବାଲେଶ୍ୱର ୨୭, କଟକ ଓ କେନ୍ଦୁଝରରୁ ୨୩ଜଣ ଲେଖାଏ, ଜଗତ୍‌ସିଂହପୁର ୧୮, ଯାଜପୁର ୧୭, ମାଲକାନଗିରି ୧୪, ମୟୂରଭଞ୍ଜ ୧୩, ଝାରସୁଗୁଡ଼ା ୧୧, ଅନୁଗୋଳ ଓ ଢେଙ୍କାନାଳରୁ ୭ଜଣ ଲେଖାଏ, କନ୍ଧମାଳ ୬, ନୂଆପଡ଼ା ଓ ସୁନ୍ଦରଗଡ଼ରୁ ୫ଜଣ ଲେଖାଏ, ପୁରୀ, ଭଦ୍ରକ, ବଲାଙ୍ଗୀରରୁ ୨ଜଣ ଲେଖାଏ, କେନ୍ଦ୍ରାପଡ଼ା ଓ ଗଜପତିରୁ ଜଣେ ଲେଖାଏ ରହିଛନ୍ତି। ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩,୭୩୭କୁ ବୃଦ୍ଧି ପାଇଛି। ୫୦୫ଜଣ କରୋନାରୁ ଆରୋଗ୍ୟଲାଭ କରି ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି।

## ଓଡ଼ିଶା ପାସ୍...

ଜଣାଇଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ଅନେକ ପରୀକ୍ଷା ବାତିଲ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସବୁଠୁ ଭଲ କରିଥିବା ବିଷୟର ନମ୍ବରକୁ ଆଧାର କରି ବାକି ଥିବା ବିଷୟଗୁଡ଼ିକରେ ମୂଲ୍ୟାୟନ କରାଯାଇଛି। ତେବେ ଏହି ରେଜଲ୍ଟରେ ଯେଉଁ ଛାତ୍ରୀଛାତ୍ରମାନେ ଖୁସି ନ ଥିବେ କିମ୍ବା କେହି ନିଜ ନମ୍ବର ବଢ଼ାଇବାକୁ ଚାହୁଁଥିବେ, ସେମାନଙ୍କ ପାଇଁ ଆଉ ଏକ ସୁଯୋଗ ରହିଛି। ଜୁଲାଇ ୧ରୁ ୧୫ ମଧ୍ୟରେ ଯେଉଁ ବିଷୟବସ୍ତୁଗୁଡ଼ିକର ପରୀକ୍ଷା ହୋଇଥାଆନ୍ତା, ସେହି ବିଷୟରେ ଛାତ୍ରୀଛାତ୍ରମାନେ ଚାହିଁଲେ ପରୀକ୍ଷା ଦେଇପାରିବେ। ତେବେ ଯେଉଁମାନେ ଏହି ବିଷୟରେ ଇଚ୍ଛାଧୀନ ଭାବେ ପରୀକ୍ଷା ଦେବେ ସେମାନଙ୍କ ପରୀକ୍ଷା ଫଳକୁ ଫାଇନାଲ ବୋଲି ଧରାଯିବ। ସେପଟେ ନୂଆ ଆଧାରରେ ମୂଲ୍ୟାଙ୍କନ ହୋଇଥିବାରୁ ୪୦୦ଛାତ୍ରୀଛାତ୍ରଙ୍କ ମୂଲ୍ୟାଙ୍କନ ହୋଇପାରି ନାହିଁ। ତେବେ ସେମାନଙ୍କ ରେଜଲ୍ଟ ପରେ ପ୍ରକାଶ ପାଇବ ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ୩୧ ସୁଦ୍ଧା ମାଟ୍ରିକ...

ସୋମବାର ସୂଚନା ଦେଇଛନ୍ତି। ଚଳିତ ବର୍ଷ ରାଜ୍ୟର ୨୮୮୮ଟି କେନ୍ଦ୍ରରେ ୫ଲକ୍ଷ ୬୦ହଜାର ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ୧୦୦୦ଟି ସମ୍ବେଦନଶୀଳ କେନ୍ଦ୍ରରେ ସିସିଟିଭି ଲଗାଯାଇଥିଲା। ସେହିପରି ୬୦ କେନ୍ଦ୍ରରେ ଖାତାଦେଖା ଚାଲିଥିଲା। ଖାତାଦେଖା ପାଇଁ ୧୫ ହଜାର ଶିକ୍ଷକ ନିଯୁକ୍ତ ହୋଇଥିଲେ। ଏବେ କେବଳ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ଯୁକ୍ତ୨ ମୂଲ୍ୟାୟନରେ ସମସ୍ୟା ରହୁଥିବା ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶଟ୍‌ଡାଉନ୍ କଟକଣା ଜାରି ହୋଇଥିବାରୁ ଶିକ୍ଷକମାନେ ମୂଲ୍ୟାୟନ କେନ୍ଦ୍ରକୁ ଆସି ପାରୁନାହାନ୍ତି। ତେଣୁ ଯୁକ୍ତ୨ ଖାତା ମୂଲ୍ୟାୟନରେ ଦେଖାଦେଉଥିବା ଏପରି ସମସ୍ୟା ନେଇ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖାଯିବ। ମୂଲ୍ୟାୟନ କିପରି ଠିକ୍ ଭାବରେ ହୋଇପାରିବ, ସେନେଇ ଜିଲାପାଳମାନଙ୍କୁ ଅବଗତ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ବିଷୟରେ ବଳକା ପରୀକ୍ଷାକୁ ରାଜ୍ୟ ସରକାର ବାତିଲ କରିଛନ୍ତି। ବାକି ଥିବା ପରୀକ୍ଷାଗୁଡ଼ିକର ମୂଲ୍ୟାଙ୍କନ ସିବିଏସ୍‌ଇ ବୋର୍ଡ ଦ୍ୱାରା ପ୍ରସ୍ତୁତ ହୋଇଥିବା ମାର୍ଗଦର୍ଶିକା ଅନୁଯାୟୀ ହେବ। ଜୁଲାଇ ୩୧ ସୁଦ୍ଧା ଫଳ ପ୍ରକାଶନ ପାଇଁ ବିଭାଗ ପକ୍ଷରୁ ଚେଷ୍ଟା କରାଯାଉଥିବା ପୂର୍ବରୁ ମନ୍ତ୍ରୀ କହିଥିଲେ। କିନ୍ତୁ ସୋମବାର ଯୁକ୍ତ୨ ମୂଲ୍ୟାୟନ ସମସ୍ୟା ସଂକ୍ରାନ୍ତରେ ମନ୍ତ୍ରୀ କହୁଥିବାରୁ ଫଳ ପ୍ରକାଶନରେ ବିଳମ୍ବ ହେବା ନେଇ ଆଶଙ୍କା ଦେଖାଦେଇଛି।

## ୧୧ ପଇସା...

ତେଲ ଦର ବୃଦ୍ଧି ଫଳରେ ଇନ୍ଧନ ଦରରେ ପରିବର୍ତ୍ତନ ଦେଖାଯାଇଛି। ଏହାବାଦ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଉଚ୍ଚ ପରିମାଣର ଟିକସ ଯୋଗୁ ତେଲ ଦର ଉଚ୍ଚରେ ରହୁଛି। ଜୁନ ୩୦ପରଠାରୁ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଶେଷ ଥର ଲାଗି ଜୁଲାଇ ୭ରେ ଡିଜେଲ ଏବଂ ଜୁନ ୨୯ରେ ପେଟ୍ରୋଲ ଦର ପରିବର୍ତ୍ତନ ହୋଇଥିଲା। ବର୍ତ୍ତମାନ ମହାମାରୀ ଯୋଗୁ ଲୋକମାନେ ସମସ୍ୟା ଦେଇ ଗତି କରୁଥିବାରୁ ଲଗାତର ତେଲ ଦର ବୃଦ୍ଧିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେଲ ଦର ବୃଦ୍ଧି ଯୋଗୁ ବର୍ତ୍ତମାନ ଲୋକଙ୍କୁ ଡିଜେଲ ଏବଂ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧.୬୬ ଟଙ୍କା ଏବଂ ପେଟ୍ରୋଲ ୯.୧୭ ଟଙ୍କା ଅତିରିକ୍ତ ଦେୟ ଦେବାକୁ ପଡୁଛି।

## ଗେହଲଟଙ୍କୁ ବିଧାୟକଙ୍କ...

ଗେହଲଟ ତାଙ୍କ ସରକାର ନିକଟରେ ସଂଖ୍ୟାଗରିଷ୍ଠତା ଥିବା ଗେହଲଟ ଦାବି କରିଥିବାବେଳେ ଭାଜପା ଘୋଡ଼ାବେପାରରେ ସମ୍ପୃକ୍ତ ରହି ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଯଦି ସଂଖ୍ୟାଗରିଷ୍ଠତା ଅଛି ତେବେ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ ନେଇ ରାଜ୍ୟପାଳଙ୍କ ପାଖକୁ ଯାଆନ୍ତୁ ବୋଲି ପାଇଲଟ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପଛପାର୍ଶ୍ୱରେ ଥିବା ବଗିଚା ସଂଖ୍ୟାଗରିଷ୍ଠତା ପ୍ରମାଣ ଦେବା ସ୍ଥାନ ନୁହେଁ। ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ହୋଇଥାଏ ବୋଲି ପାଇଲଟଙ୍କ ଗୋଷ୍ଠୀ ପକ୍ଷରୁ କୁହାଯାଇଛି। ଶକ୍ତି ପ୍ରଦର୍ଶନ ପାଇଁ ଗେହଲଟଙ୍କ ସରକାରୀ ବାସଭବନରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଏହା ଶେଷ ହେବା ପରେ ବିଧାୟକମାନଙ୍କୁ ୪ଟି ବସ୍ ଯୋଗେ ଦିଲ୍ଲୀ-ଜୟପୁର ରାଜପଥ ପାର୍ଶ୍ୱରେ ଥିବା ଫେୟାରମଣ୍ଟ ହୋଟେଲକୁ ନିଆଯାଇଛି। ନିଜେ ଗେହଲଟ ମଧ୍ୟ ବସ୍‌ରେ ହୋଟେଲ ଯାଇଥିବା ଜଣାପଡ଼ିଛି। ଘୋଡ଼ାବେପାର ରୋକିବା ପାଇଁ ଦଳ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି।

ସରକାରଙ୍କ ପଛରେ ଶତାଧିକ ବିଧାୟକଙ୍କ ସମର୍ଥନ ଥିବା ଗେହଲଟ ଦାବି କରୁଥିବାବେଳେ ପାଇଲଟ ଏହାକୁ ଖଣ୍ଡନ କରିଛନ୍ତି। ଗେହଲଟ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଛି। ପାଇଲଟଙ୍କ ପାଖରେ ୩୦ରୁ ଅଧିକ ବିଧାୟକଙ୍କ ସମର୍ଥନ ରହିଥିବା ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ପାଖରେ ୧୬ରୁ ଅଧିକ ବିଧାୟକ ନ ଥିବା ଗେହଲଟ ଶିବିର ପକ୍ଷରୁ କୁହାଯାଇଛି। ପାଇଲଟଙ୍କୁ ବୁଝାଶୁଝା କରିବା ପାଇଁ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଶୀର୍ଷ କଂଗ୍ରେସ ନେତାମାନେ ଯୋଗାଯୋଗରେ ଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ବିଦ୍ରୋହ ନ କରିବା ପାଇଁ ବରିଷ୍ଠ ନେତାମାନେ ପାଇଲଟଙ୍କୁ ପ୍ରବର୍ତ୍ତାଇବା ସହ ତାଙ୍କ ଅଭିଯୋଗର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ରାହୁଲ, ପ୍ରିୟଙ୍କାଙ୍କ ବ୍ୟତୀତ ଅହମଦ ପଟେଲ, ପି. ଚିଦାମ୍ବରମ ଏବଂ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ପାଇଲଟଙ୍କ ସହ କଥା ହୋଇଥିବା କୁହାଯାଉଛି। ତେବେ ଏହା ଭୁଲ୍ ଖବର ବୋଲି ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି। ଗାନ୍ଧୀ ପରିବାର ସଦସ୍ୟଙ୍କ ସହ ପାଇଲଟ ଯୋଗାଯୋଗ କରିନାହାନ୍ତି। ସେ ଭାଜପା ସହ ଆଲୋଚନାରେ ଥିବା ଉକ୍ତ ସୂତ୍ରରୁ କୁହାଯାଇଛି। ତେବେ ଭାଜପାରେ ଯୋଗଦେବା ଖବରକୁ ପାଇଲଟ ଅସ୍ୱୀକାର କରିଛନ୍ତି। ପାଇଲଟଙ୍କ ପାଇଁ କଂଗ୍ରେସର ଦ୍ୱାର ଖୋଲା ରହିଥିବା ବରିଷ୍ଠ ନେତା ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ଭାଜପା ବାହାରୁ ପାଇଲଟ କ୍ୟାମ୍ପକୁ ସମର୍ଥନ ଦେଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଆମେ ସବୁ ବିକଳ୍ପ ଖୋଲା ରଖିଛୁ ବୋଲି ଏହାର ରାଜ୍ୟ ସଭାପତି ସତୀଶ ପୁନିଆ କହିଛନ୍ତି। ତେବେ ସ୍ଥିତିକୁ ଦେଖି ଏବଂ କେନ୍ଦ୍ରୀୟ ନେତୃତ୍ୱଙ୍କ ନିର୍ଦ୍ଦେଶକ୍ରମେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ...

ବରିଷ୍ଠ ନେତାଙ୍କ କାର୍ଯ୍ୟାଳୟ ଉପରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଆୟ ବହିର୍ଭୂତ ନଗଦ ଅର୍ଥ, ଅଳଙ୍କାର, ଜମିଜମା କାଗଜପତ୍ର ଓ ଲକର ଜବତ ହୋଇଛି। ଆୟକର ଟିମ୍ ଚଢ଼ାଉ ପାଇଁ ଭିଲ୍‌ୱାରା ଓ ଝଲାୱାଡ୍‌ରେ ମଧ୍ୟ ପହଞ୍ଚିଛନ୍ତି। ଚଢ଼ାଉ କାରଣରୁ କଂଗ୍ରେସ ବିଧାୟକ ଦଳ ବୈଠକକୁ କିଛି ଘଣ୍ଟା ପାଇଁ ସ୍ଥଗିତ ରଖାଯାଇଥିଲା। ସ୍ୱାର୍ଥ ପୂରଣ ଲାଗି ଭାଜପା ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ଦଳର ରାଜ୍ୟ ହ୍ୱିପ୍ ମହେଶ ଜୋଷୀ ଏବଂ ଜାତୀୟ ଗଣମାଧ୍ୟମ ପ୍ରଭାରୀ ରଣଦୀପ ସୁର୍ଜେୱାଲା ଅଭିଯୋଗ କରିଛନ୍ତି। ରାଜସ୍ଥାନରେ ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ପାଇଥିବା କୋଠାରୀ ଭ୍ରାତାଙ୍କ ଦିଲ୍ଲୀର ଏକ କାର୍ଯ୍ୟାଳୟ ଉପରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ନଦୀବନ୍ଧ ନିର୍ମାଣରେ ଅନିୟମିତତା ଅଭିଯୋଗ କ୍ରମେ ଏହି ଚଢ଼ାଉ ହୋଇଥିବା ଆୟକର ଅଧିକାରୀମାନେ କହିଛନ୍ତି। ସେହିପରି ସାକେତ୍ ଅଞ୍ଚଳରେ ଥିବା ଓମ୍ ମେଟାଲ୍ସ ଇନ୍‌ଫ୍ରା ପ୍ରୋଜେକ୍ଟ ଏବଂ ସୈନିକ ଫାର୍ମ ଅଞ୍ଚଳରେ ଥିବା କୋଠାରୀ ବାସଭବନ ପରିସରରେ ମଧ୍ୟ ଚଢ଼ାଉ ହୋଇଛି। ଏହି ସମୟରେ ଇଡି ପକ୍ଷରୁ ଜୟପୁରର ହୋଟେଲ ଫେୟାରମଣ୍ଟରେ ଚଢ଼ାଉ କରାଯାଇଥିଲା। ହୋଟେଲର ନିବେଶକ ରତନକାନ୍ତ ଶର୍ମା ଗେହଲଟଙ୍କ ପୁଅ ବୈଭବଙ୍କର ଘନିଷ୍ଠ ବନ୍ଧୁ ଓ ବ୍ୟବସାୟିକ ସହଯୋଗୀ। ସେ ମରିସସ୍‌ରୁ ୧୬.୭ କୋଟି ଟଙ୍କା ପାଇ ଉକ୍ତ ହୋଟେଲରେ ଅଂଶଧନ କିଣିଥିବା ଇଡି ଅଭିଯୋଗ କରିଛି। ବହୁ ବିଦେଶୀ କାରବାରରେ ଶର୍ମା ସମ୍ପୃକ୍ତ ଥିବା ଇଡି ସନ୍ଦେହ କରୁଛି। ଚଢ଼ାଉ ପରେ ଗେହଲଟଙ୍କ ସମର୍ଥକ କଂଗ୍ରେସ ବିଧାୟକମାନେ ଉକ୍ତ ହୋଟେଲରେ ରହିଥିବା ଜଣାପଡ଼ିଛି।


# classifieds

**Everyday 0674-2580101, 2549302**




**SALE**

ତମାଣ୍ଡୋ National Highwayଠାରୁ 600mtrs. ଦୂରରେ immediate ଘରକରି ରହିବା ପାଇଁ yellowzone plot ମିଳୁଛି। 8480348215. D-69524

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124




Relaxing body massage by trained Ladies/ Gents therapist, 7008773793. D-60884

Newly open full body massage by Ladies/ Gents therapist, 8018656899. D-60883

Herbal full body massage by smart / expert therapist. Contact: 8338067247. D-69702

Experience winter therapeutic Abhyanga Massage feeling refreshing energetic : Appointment- 9668374480. D-69800

Get refreshment body massage by expert therapist contact for. 9556978408. D-69298

Ayurvedic full body massage ladies and gents, Contact: 9861064981. D-69523

Rejuvenate and Ayurvedic full body massage by smart therapist. 9114402304. D-69299

Newly open full body massage SPA in Bhubaneswar. Contact: 7205058838. D-69703

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

I, Yakta Raza Khan, D/o- Raza Khan, R/O- QR. No. A/8, Sector- 15, Rourkela, Dist: Sundargarh declare that I have lost my Class- X Board Certificate and Mark Sheet and Class- XII Board Certificate, Mark Sheet, Conduct Certificate, Migration Certificate and transfer Certificate somewhere. I have tried my best to search the same, but could not trace it out. D-69802

**AFFIDAVIT**

ମୁଁ, ବାପିନା ଜେନା, ବ. 28 ପିତା- କାହ୍ନୁ ଚରଣ ଜେନା, ରଣପୁର ଚଣ୍ଡେଶ୍ୱର ସାହି, ଜିଲ୍ଲା- ନୟାଗଡ଼, ମୋ ନାମକୁ ଆଜିଠାରୁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ସତ୍ୟପାଠ କରି ପ୍ରଶାନ୍ତ କୁମାର ଜେନା ନାମରେ ପରିଚିତ ହେଲି। ଧ-୧୭୭୪୪

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶ୍ରୀଚନ୍ଦ୍ର ଯୋଗୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ସହ ବନ୍ଧୁଙ୍କ ସହାୟତାରୁ ଅର୍ଥପାଇବେ। କର୍ମକ୍ଷେତ୍ରରେ ସମସ୍ୟା ମଧ୍ୟରେ ଅଗ୍ରଗତି ଘଟିବାର ଆଶା ରହିଛି। ଆଲୋଚନା ପରିସରରେ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିବାର ଆଶଙ୍କା ଦେଖାଯିବ।

**ବୃଷ** ବଳଶାଳୀ କର୍ମାଧିପଙ୍କ ପ୍ରଭାବରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। କିନ୍ତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଫଳରେ ମାନସିକ ସ୍ଥିରତା ରହି ନ ପାରେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପରୋକ୍ଷ ଶତ୍ରୁତାଜନିତ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ଷଷ୍ଠାଧିପଙ୍କ କୁପ୍ରଭାବରୁ ସମସ୍ୟା ସମାଧାନ ହେବା ବଦଳରେ ଜଟିଳତା ଧାରଣ କରିବ। ପ୍ରଶାସନିକ ସ୍ତରରେ କିମ୍ବା ସଭାସମିତିରେ ଆଲୋଚନା ଅମୀମାଂସୀତ ରହିଯିବାର ସୂଚନା ରହିଛି। କିନ୍ତୁ ପୁନର୍ବସୁ ନକ୍ଷତ୍ର ବହୁତ ଦିନରୁ ରହିଯାଇଥିବା ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ।

**କର୍କଟ** ଚନ୍ଦ୍ର କର୍ମସ୍ଥାନରେ ରହିଥିବାରୁ କାମ ନ ଅଟକିଲେ ମଧ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ସମସ୍ୟା ଦେଖାଯିବ। ପାପଗ୍ରହ ମଧ୍ୟସ୍ଥ ରାଶ୍ୟାଧିପ କାରଣରୁ ଦୈହିକ ଦୁର୍ବଳତା ଜନିତ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ସାହାଯ୍ୟର ପ୍ରତିଶ୍ରୁତି ଦେବା ହେତୁ ବ୍ୟବସାୟିକ ଦିଗଟି ଭଲ ରହିବ।

**ସିଂହ** ରାହୁଗ୍ରସ୍ତ ରବିଙ୍କ ଯୋଗୁ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରି ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ବନ୍ଧୁମାନେ ଅସହଯୋଗ କରି ସମସ୍ୟା ବୃଦ୍ଧି କରିପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** ଅଷ୍ଟମସ୍ଥ ଚନ୍ଦ୍ର ଯୋଗୁ ଆଜିର କାମରେ ବିଶୃଙ୍ଖଳା କାରଣରୁ ମନ ଭଲ ରହିବନାହିଁ। ଏଣେ ପରିବାରରେ ଭାଇଙ୍କ ସହ ମତାନ୍ତର ଯୋଗୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଆର୍ଥିକ ସଂକଟକୁ ଭଲ ସମ୍ପର୍କ ରହିଥିବା ବନ୍ଧୁଟିଏ ସାହାଯ୍ୟ କରିବେ। ଆକସ୍ମିକ ଭାବରେ ସମସ୍ୟା ଦେଖାଦେବାରୁ ଯାତ୍ରା ସ୍ଥଗିତ ରଖିବାକୁ ବାଧ ହେବେ।

**ତୁଳା** ଶୁଭଚନ୍ଦ୍ର ପ୍ରଭାବରୁ ସକାଳୁ ସକାଳୁ ମନ କୌଣସି ଶୁଭ ଖବର ପାଇ ଖୁସୀ ହୋଇଯିବ। ଅର୍ଥ ଓ ସମ୍ମାନ ପାଇବେ ଏବଂ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମ ମୁଖର ହେବେ। ଆଜି ଦିନଟିରେ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା** ଧର୍ମସଂକଟରେ ପଡି ବନ୍ଧୁଙ୍କ କାମରେ ସାହାଯ୍ୟ, ସହଯୋଗ କରିବାରେ ପଶ୍ଚାଦ୍‌ପଦ ହେବେ। ଘରେ ଅନ୍ୟମନସ୍କ କାରଣରୁ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। କିନ୍ତୁ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୃଢ଼ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷା ମିଳିବ।

**ଧନୁ** ଆଜିର ଗ୍ରହପ୍ରଭାବରେ ଯାତ୍ରା, ବାଣିଜ୍ୟ,ବନ୍ଧୁ ମିଳନ, ଅର୍ଥ ସମ୍ପର୍କ ପ୍ରଭୃତିରୁ ସୁଫଳ ପାଇବେ। କିନ୍ତୁ ବିବାଦରୁ ଦୂରେଇ ନ ରହିଲେ ଅପଦସ୍ଥ ହେବାକୁ ପଡ଼ିବାର ଆଶଙ୍କା ରହିଛି। ଉତ୍ତରାଷାଢ଼ା ନକ୍ଷତ୍ର ପାଇଁ ସମସ୍ତ କାମ ଠିକଠାକ୍ ଭାବେ ଚାଲିବ ଓ କୌଣସି ପ୍ରକାରର ଅସୁବିଧା ହେବ ନାହିଁ।

**ମକର** ପରିବାର ସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତିଜନିତ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଅବଶ୍ୟ ଶୁକ୍ରଙ୍କ ସ୍ଥିତି କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଓ କାର୍ଯ୍ୟ ସାଧିତ ହେବ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ରବି ଓ ରାହୁ ସହ ବୁଧଙ୍କ ସମ୍ପୃକ୍ତିରୁ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଯାତ୍ରାକଳୀନ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହୋଇପାରନ୍ତି।

**ମୀନ** ଭାଗ୍ୟାଧିପତିଙ୍କ ଅନୁଗ୍ରହରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ପ୍ରିୟଜନଙ୍କର ଉପକାର ଚିନ୍ତା ଓ ସାହାଯ୍ୟ କରି ମଧ୍ୟ ପ୍ରତିଦାନରେ କିଛି ପାଇବେ ନାହିଁ। ବୟସ୍କଙ୍କ ପରାମର୍ଶକ୍ରମେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା କଦାପି ନିରର୍ଥକ ହେବ ନାହିଁ। କଳା, ସାହିତ୍ୟ, କ୍ରୀଡା, ସଙ୍ଗୀତ ତଥା ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଶ୍ରାବଣ କୃଷ୍ଣ ନବମୀ ମଙ୍ଗଳବାର, ଜୁଲାଇ ୧୪ ତାରିଖ,ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସ, ରାଶିନକ୍ଷତ୍ର-ଦିବା ଘ.୦୨.୦୬ମି.ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ୦୫.୧୯ମି. ଗତେ ଘ.୦୭.୫୬ ମି.ମଧ୍ୟେ, ଘ.୦୯.୪୧ମି. ଗତେ ଘ.୧୨.୧୮ମି. ମଧ୍ୟେ, ଘ.୦୩.୪୮ ମି.ଗତେ ଘ.୦୪.୪୦ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୫ମି. ଗତେ ଘ.୦୭.୦୯ମି. ମଧ୍ୟେ, ରାତ୍ରି ଘ.୧୨.୧୪ମି.ଗତେ ଘ.୦୨.୨୫ମି. ମଧ୍ୟେ ଅମୃତବେଳା। ଦିବା ଘ.୦୨.୫୫ମି. ଗତେ ଘ.୦୩.୪୮ମି. ମଧ୍ୟେ, ଘ.୦୪.୪୦ମି. ଗତେ ଘ.୦୫.୩୩ମି. ମଧ୍ୟେ, ରାତ୍ରି ଘ.୦୮.୩୬ମି. ଗତେ ଘ.୧୦.୦୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୩.୦୯ମି. ଗତେ ଘ.୦୪.୪୭ମି. ମଧ୍ୟେ ରାହୁକାଳ।

# ହୋମ୍ ଆଇସୋଲେଶନରେ ରହିପାରିବେ କରୋନା ରୋଗୀ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ଏଣିକି ଲକ୍ଷଣ ନ ଥିଲେ ବା ସାମାନ୍ୟ ଲକ୍ଷଣ ଥିଲେ ହୋମ୍ ଆଇସୋଲେଶନରେ କରୋନା ରୋଗୀ ରହିପାରିବେ। ଲକ୍ଷଣବିହୀନ କୋଭିଡ୍ ପଜିଟିଭ୍ ଲୋକଙ୍କ ଶାରୀରିକ ଓ ମାନସିକ ସୁସ୍ଥତାକୁ ଦୃଷ୍ଟିରେ ରଖି ହୋମ୍ ଆଇସୋଲେଶନ ଓ ହୋମ୍ କେୟାର ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି। ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏ ସମ୍ପର୍କରେ ସୂଚନା ଦେଇ କହିଲେ, ସହରାଞ୍ଚଳ, ଜିଲା ସଦର ମହକୁମା, ବ୍ଲକ୍ ସଦର ମହକୁମା ଆଦିରେ ପଜିଟିଭ୍, ଲକ୍ଷଣବିହୀନ ଏବଂ ସାମାନ୍ୟ ଲକ୍ଷଣଯୁକ୍ତ ବ୍ୟକ୍ତିମାନେ ଏହି ହୋମ୍ ଆଇସୋଲେଶନ ସୁବିଧା ନେଇପାରିବେ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଦିଆଯାଇଛି। ଆନୁଷ୍ଠାନିକ କେୟାର ଏବଂ ହୋମ୍ କେୟାର ୟୁନିଟ୍‌ମାନେ ସମସ୍ତ ସର୍ତ୍ତାବଳୀ ପାଳନ କରିବେ। ତେବେ ହୋମ୍ ଆଇସୋଲେଶନ୍‌ରେ ଥିବା ବ୍ୟକ୍ତିମାନଙ୍କର ଗୁରୁତର ଲକ୍ଷଣ ପ୍ରକାଶ ପାଇଲେ ବା ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଲେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗର ମାର୍ଗଦର୍ଶିକା ଅନୁପାଳନ କରିବେ ବୋଲି ତ୍ରିପାଠୀ କହିଛନ୍ତି। ହୋମ୍ ଆଇସୋଲେଶନରେ ଏଚ୍‌ଆଇଭି ରୋଗୀ, ଅଙ୍ଗ ପ୍ରତିରୋପଣ କରିଥିବା ବ୍ୟକ୍ତି, କ୍ୟାନ୍‌ସର ରୋଗୀ, ହୃଦ୍‌ରୋଗୀ ଏବଂ ଅଧିକ ବୟସ୍କ ଲୋକଙ୍କୁ ରହିବାକୁ ଅନୁମତି ଦିଆଯିବ ନାହିଁ। ଅନ୍ୟପଟେ ଶରୀରରେ ଅନେକ ରୋଗଥିବା ଲୋକଙ୍କୁ ମଧ୍ୟ ହୋମ୍ ଆଇସୋଲେଶନ ମନା। ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କ ରହିବାର ଆବଶ୍ୟକ ରହିଥିବାରୁ ହୋମ୍ ଆଇସୋଲେଶନ ବାରଣ କରାଯାଇଛି। ଏମାନେ କୋଭିଡ୍ କେୟାର ହୋମ୍‌ରେ ରହିଲେ ଉଚିତ ଚିକିତ୍ସା ମିଳିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## ସହରାଞ୍ଚଳ, ଜିଲା ଓ ବ୍ଲକ୍ ସଦର ମହକୁମା ପାଇଁ ଲାଗୁ

- ସଂସ୍ଥା ଖୋଲିପାରିବେ କୋଭିଡ୍ କେୟାର ହୋମ୍
- ଜିଲାପାଳ ବା ପୌର ନିଗମ କମିଶନର ସ୍ୱୀକୃତି ଦେବେ
- ଗୁରୁତର ବା ଅନେକ ରୋଗଥିବା ଲୋକଙ୍କୁ ହୋମ୍ ଆଇସୋଲେଶନ ମନା




ଅନ୍ୟପକ୍ଷରେ କୋଭିଡ୍-୧୯ ପରିଚାଳନାକୁ ଅଧିକ ବ୍ୟାପକ ଓ ଦୃଢ଼ୀଭୂତ କରିବା ସହ ଚିକିତ୍ସା କ୍ଷେତ୍ରର ସର୍ବାଧିକ ବ୍ୟବହାର ନିମନ୍ତେ ରାଜ୍ୟ ସରକାର ଆଜି କୋଭିଡ୍ କେୟାର ହୋମ୍, କୋଭିଡ୍ କେୟାର ସେଣ୍ଟର ଏବଂ ହୋମ୍ ଆଇସୋଲେଶନ ବିଷୟରେ କେତେକ ନୂତନ ବ୍ୟବସ୍ଥା କରିଛନ୍ତି। ଏ ବିଷୟରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି, ଅନେକ ସଂସ୍ଥା, ଅନୁଷ୍ଠାନ ଏବଂ କର୍ପୋରେଟ୍ ହାଉସ୍ ସେମାନଙ୍କ କର୍ମଚାରୀଙ୍କ ଆନୁଷ୍ଠାନିକ ପୃଥକବାସ ଏବଂ ଲକ୍ଷଣ ବିହୀନ କେସ୍‌ର ପରିଚାଳନା ପାଇଁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ସେମାନଙ୍କୁ ସ୍ୱାସ୍ଥ୍ୟ ବିଭାଗର ସର୍ତ୍ତାବଳୀ ସହିତ ଅନୁମତି ଦେଇଛନ୍ତି। ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକ ନିଜ କର୍ମଚାରୀଙ୍କ ପାଇଁ କୋଭିଡ୍ କେୟାର ହୋମ୍ ଏବଂ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରିପାରିବେ। ଓଡ଼ିଶାର ସମସ୍ତ ପୌର ପରିଷଦ, ଭୁବନେଶ୍ୱର ଓ ଝାରସୁଗୁଡ଼ା ଏୟାରପୋର୍ଟ, ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦର, ପୂର୍ବତଟ ରେଳପଥର ବିଭିନ୍ନ କେନ୍ଦ୍ର, କେନ୍ଦ୍ର ଓ ରାଜ୍ୟ ପରିଚାଳିତ ସାଧାରଣ ଉଦ୍ୟୋଗ, କେନ୍ଦ୍ରୀୟ ଆର୍ମଡ୍ ଫୋର୍ସ, ଜାତୀୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ, ଓଡ଼ିଶା ପୋଲିସ, ଓଡ଼ିଶା ଅଗ୍ନିଶମ ସଂସ୍ଥା, କାରାଗାର ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ଅନୁଷ୍ଠାନ, ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ, ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଆଦି ଧାର୍ମିକ ସଂସ୍ଥା, ଆବାସିକ ୱେଲ୍‌ଫେୟାର ସଂସ୍ଥା, କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଉଭୟ ସରକାରୀ ଓ ବେସରକାରୀ ନିଗମକୁ କୋଭିଡ୍ କେୟାର ହୋମ୍ ଏବଂ କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନୀୟ ଜିଲାପାଳ ବା ପୌର ନିଗମ କମିଶନରମାନେ ସ୍ୱାସ୍ଥ୍ୟ ବିଭାଗ ସର୍ତ୍ତାବଳୀ ଅନୁସାରେ ସ୍ୱୀକୃତି ଦେବେ। ଯେଉଁ ସନ୍ଦିଗ୍ଧ ଏବଂ କୋଭିଡ୍ ପଜିଟିଭ୍ ବ୍ୟକ୍ତିଙ୍କର ହୋମ୍ ଆଇସୋଲେଶନ କିମ୍ବା ଉପରୋକ୍ତ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଆଇସୋଲେଶନ ସୁବିଧା ନାହିଁ, ସେମାନେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପୃଥକବାସ କେନ୍ଦ୍ରରେ ରହିବେ ବୋଲି ତ୍ରିପାଠୀ କହିଛନ୍ତି।

## ସଂକ୍ଷେପରେ

### ଅଧିକାରୀ ବିଳମ୍ବରେ ଆସିଲେ ସରକାରୀ ଗାଡ଼ି ପ୍ରତ୍ୟାହାର

**ଭୁବନେଶ୍ୱର, ୧୩।୭(ବ୍ୟୁରୋ):** ବରିଷ୍ଠ ଅଧିକାରୀଙ୍କୁ ଉଚ୍ଚ ଶିକ୍ଷା ବିଭାଗର କଡ଼ା ତାଗିଦ। ଏଣିକି ବିଳମ୍ବରେ ଅଫିସ୍ ଆସିଲେ ମିଳୁଥିବା ସରକାରୀ ଗାଡ଼ି ସୁବିଧାକୁ ପ୍ରତ୍ୟାହାର କରାଯିବ। ଏନେଇ ଉଚ୍ଚଶିକ୍ଷା ବିଭାଗର ସଚିବ ଶାଶ୍ୱତ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଅଫିସ୍ ଆସିବା ପାଇଁ ପୂର୍ବାହ୍ନ ୧୦ଟା ସମୟ ରହିଛି। ଅତି ଜରୁରୀ ପରିସ୍ଥିତିରେ କେହି ସାଢ଼େ ୧୦ଟା ପର୍ଯ୍ୟନ୍ତ ବିଳମ୍ବରେ ଆସିପାରନ୍ତି। ଅଧଘଣ୍ଟା ସମୟ ଛାଡ଼ କରାଯାଇଛି। କିନ୍ତୁ ଅନେକ ବରିଷ୍ଠ ଅଧିକାରୀ ସାଢ଼େ ୧୦ଟା ପରେ ଆସୁଛନ୍ତି। ଏପରି କି ଅଫିସ୍ ଯିବା ଆସିବା ପାଇଁ ସରକାରୀ ଗାଡ଼ି ଦିଆଯାଇଥିଲେ ମଧ୍ୟ ଅନେକ ଅଧିକାରୀ ବିଳମ୍ବରେ ଅଫିସ୍ ଆସୁଛନ୍ତି। ତେଣୁ ଅଗଷ୍ଟ ପହିଲାରୁ ଯଦି ଅଧିକାରୀମାନେ ବିଳମ୍ବରେ ଆସନ୍ତି, ତେବେ ସେମାନଙ୍କଠାରୁ ଗାଡ଼ି ପ୍ରତ୍ୟାହାର କରି ନିଆଯିବ ବୋଲି ବିଭାଗ ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

### ପୋଲିସ ବିରୋଧରେ ଗର୍ଜିଲା ଭାଜପା

**ଭୁବନେଶ୍ୱର, ୧୩।୭(ବ୍ୟୁରୋ):** ଦୀର୍ଘ କିଛିଦିନ ଧରି ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଉତ୍ତୁକୁଡା ଗ୍ରାମ ପଞ୍ଚାୟତରେ ରାଜନୈତିକ ହିଂସା ଲାଗିରହିଛି। ଏହି ହିଂସାରେ ପଞ୍ଚାୟତର ମହିଳାମାନେ ଶିକାର ହୋଇଛନ୍ତି। ବିଜେଡି ସମର୍ଥକମାନେ ତଥା କର୍ମକର୍ତ୍ତାମାନେ ଗ୍ରାମର ମହିଳାଙ୍କ ଉପରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଚାଲିଛନ୍ତି। ଉକ୍ତ ଘଟଣାର ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ମୁଖପାତ୍ର ସୋନାଲି ସାହୁ ଓ ଭଦ୍ରକ ଜିଲାର ସଭାପତି ହେମନ୍ତ ନନ୍ଦ, ବଦ୍ରି ନାରାୟଣ ଧଳ, ଜିଲା ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନସ୍ୱିତା ଖୁଣ୍ଟିଆଙ୍କୁ ନେଇ ଗଠିତ ତଦନ୍ତକାରୀ ଟିମ୍ ୧୦ ତାରିଖରେ ଉକ୍ତ ପଞ୍ଚାୟତକୁ ଗସ୍ତ କରି ଘଟଣାର ସରଜମିନ ତଦନ୍ତ କରିଥିଲେ। ଉକ୍ତ ପଞ୍ଚାୟତକୁ ଯିବା ବାଟରେ ଅନେକ ସ୍ଥାନରେ ଶତାଧିକ ମହିଳା ବିଜେଡି ଗୁଣ୍ଡାମାନଙ୍କ ଦ୍ୱାରା ହିଂସାର ଶିକାର ହୋଇଥିବା ଘଟଣା ପ୍ରତିନିଧି ଦଳକୁ ଜଣାଇବା ସହ ପୋଲିସର ନିଷ୍କ୍ରିୟତା ବିଷୟରେ ଅବଗତ କରାଇଥିଲେ ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାପତି କହିଛନ୍ତି। ଭାଜପା ପ୍ରତିନିଧି ଦଳ ଉତ୍ତୁକୁଡା ପଞ୍ଚାୟତ ବୁରୁଜାଲ ଗ୍ରାମରେ ପହଞ୍ଚି ଶତାଧିକ ମହିଳାଙ୍କୁ ଭେଟି ହିଂସାକାଣ୍ଡର ତଥ୍ୟ ସଂଗ୍ରହ କରିଛି। ଯଦି ୪୮ ଘଣ୍ଟା ଭିତରେ ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ମହିଳା ମୋର୍ଚ୍ଚା ଏ ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନଙ୍କ ପାଖରେ ଫେରାଦ ହେବ ବୋଲି ସ୍ମୃତି ଚେତାବନୀ ଦେଇଛନ୍ତି।

### ମୟୂରଭଞ୍ଜ ରାଜମାତାଙ୍କ ପରଲୋକ



**ବାରିପଦା ଅଫିସ,୧୩।୭:** ମୟୂରଭଞ୍ଜ ରାଜମାତା ଭାରତୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ରବିବାର ରାତି ପ୍ରାୟ ୧୧ଟାରେ ବାରିପଦା ବେଲଗାଡ଼ିଆସ୍ଥିତ ରାଜପ୍ରାସାଦରେ ପରଲୋକ ଘଟିଛି। ତାଙ୍କୁ ୯୩ବର୍ଷ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ସୋମବାର ସକାଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରାଜପ୍ରାସାଦରେ ପହଞ୍ଚି ରାଜମାତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ସେ ନେପାଳ ନରେଶ ତ୍ରିଭୁବନଙ୍କ କନ୍ୟା ଓ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ପୁତ୍ରବଧୂ ଥିଲେ। ରାଜମାତା ୧୯୫୨ରେ ମହାରାଜା ପ୍ରଦୀପ ଚନ୍ଦ୍ର ଭଞ୍ଜଦେଓଙ୍କୁ ବିବାହ କରିଥିଲେ। ୨୦୦୦ରେ ମହାରାଜା ପ୍ରଦୀପ ଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ରାଜମାତା ରାଜ୍ୟଲକ୍ଷ୍ମୀ ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ମାତା ଅଟନ୍ତି। ସୋମବାର ଅପରାହ୍ନରେ ବାରିପଦା ଶଙ୍ଖପଟାଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଦୀପକ ମହାନ୍ତି ଇସ୍ପାତ ଓ ଖଣି ବିଭାଗ ଓଏସ୍‌ଡି ନିଯୁକ୍ତ



ଭୁବନେଶ୍ୱର,୧୩।୭(ବ୍ୟୁରୋ)

ଚାକିରିରୁ ଅବସର ନେଇଥିବା ଦୀପକ ମହାନ୍ତିଙ୍କୁ ରାଜ୍ୟ ସରକାର ଇସ୍ପାତ ଓ ଖଣି ବିଭାଗର ଓଏସ୍‌ଡି ତଥା ଅତିରିକ୍ତ ସଚିବ ଭାବେ ପୁନଃ ନିଯୁକ୍ତି ଦେଇଛନ୍ତି। ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଦୀପକ ଖଣି ନିର୍ଦ୍ଦେଶକ ଭାବେ ଚାକିରିରୁ ଅବସର ନେବା ପରଠାରୁ ରାଜ୍ୟ ସରକାର ତାଙ୍କୁ ପର୍ଯ୍ୟାୟକ୍ରମେ ୮ଥର ଓଏସ୍‌ଡି ଭାବେ ନିଯୁକ୍ତି ଦେଲେଣି। ଖଣି ନିଲାମ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ତାଙ୍କୁ ପୁନଃ ନିଯୁକ୍ତି ଦିଆଯାଉଥିବା ଶୁଣିବାକୁ ମିଳୁଛି।




ଦୁଇଦିନିଆ ଶଟ୍‌ଡାଉନ୍ ପରେ ସୋମବାର ଚଳଚଞ୍ଚଳ ଭୁବନେଶ୍ୱର ମୁଖ୍ୟରାସ୍ତା।

## ପିଏମ୍ କେୟାର୍ସ ପାଣ୍ଠି ସମୀକ୍ଷା: ବିଜେଡି ସମର୍ଥନକୁ କଂଗ୍ରେସର ବିରୋଧ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

କରୋନା ପାଇଁ ପିଏମ୍ କେୟାର୍ସ ପାଣ୍ଠିର ସମୀକ୍ଷା ପାର୍ଲାମେଣ୍ଟର ପବ୍ଲିକ ଆକାଉଣ୍ଟସ କମିଟି (ପିଏସି) ପ୍ରୟାସକୁ ଭାଜପା ଅଟକାଇବାରେ ସଫଳ ହୋଇଛି। ତାହା ଯେତିକି ଆଶ୍ଚର୍ଯ୍ୟ ଜନକ ଘଟଣା ନୁହେଁ ସ୍ୱଚ୍ଛ ଶାସନର ଢେଙ୍ଗୁରା ପିଟୁଥିବା ବିଜେଡି ପ୍ରତିନିଧି ପିଏମ୍ କେୟାର୍ସ ପାଣ୍ଠିକୁ ପିଏସି ଦ୍ୱାରା ସମୀକ୍ଷା କରିବା ପ୍ରସ୍ତାବକୁ ବିରୋଧ କରିବା ଏହା ଦୁର୍ଭାଗ୍ୟଜନକ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଆଗରୁ ବାରମ୍ବାର ଭାଜପା ଓ ବିଜେଡିର ଏହି ସମ୍ପର୍କକୁ କଂଗ୍ରେସ ଲୋକଲୋଚନକୁ ଆଣିଛି। ଏବେ ପୁଣି ଦୁଇ ଦଳର ସମ୍ପର୍କ ରାଜ୍ୟରେ କଳି ଏବଂ ଦିଲ୍ଲୀରେ କୋଳାକୋଳି ବୋଲି ପୁଣିଥରେ ପ୍ରମାଣିତ କରିଛି। ପିଏମ୍ କେୟାର୍ସ ପାଣ୍ଠି ନେଣଦେଣକୁ ସମୀକ୍ଷା ନ କରିବା କୋଉ ଜନସ୍ୱାର୍ଥ ସମ୍ବଳିତ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ବିଜେଡି ଏହି ପ୍ରସଙ୍ଗରେ ଭାଜପା ସହିତ ମିଶି ପିଏମ୍ କେୟାର୍ସ ପାଣ୍ଠିର ପବ୍ଲିକ୍ ଆକାଉଣ୍ଟସ କମିଟି ଦ୍ୱାରା ସମୀକ୍ଷାକୁ ବିରୋଧ କରିଛି। ପିଏସିରେ ଥିବା ବିଜେଡି ଏମ୍‌ପି ପିଏସିର ଅଧ୍ୟକ୍ଷ ସୁଧୀର ରଞ୍ଜନ ଚୌଧୁରୀ ପିଏମ୍ କେୟାର୍ସ ପାଣ୍ଠିକୁ ପିଏସି ଦ୍ୱାରା ସମୀକ୍ଷା କରିବା ପାଇଁ ଆଣିଥିବା ପ୍ରସ୍ତାବକୁ ବିରୋଧ କରିଛନ୍ତି। ପିଏମ୍ କେୟାର୍ସ ଫଣ୍ଡ ଜନସାଧାରଣଙ୍କ ଟଙ୍କା, ଏହା କେଉଁଠାରୁ ଆସିଲା, କିପରି ଖର୍ଚ୍ଚହେଲା ଏବଂ କେଉଁ ଭୟରେ ବିଜେଡି ଓ ଭାଜପା ଏହାକୁ ବିରୋଧ କରୁଛନ୍ତି ତାହା ଜନସାଧାରଣଙ୍କ ଜାଣିବାର ଅଧିକାର ଅଛି ବୋଲି ନିରଞ୍ଜନ କହିଛନ୍ତି।

## ଜୁନ୍‌ରେ ୩୬% ଅଧିକ ବର୍ଷା, ଜୁଲାଇରେ ୨%

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ଭୁବନେଶ୍ୱର,୧୩।୭(ବ୍ୟୁରୋ)-ଦକ୍ଷିଣ ପଶ୍ଚିମ ମୌସୁମୀ ରାଜ୍ୟକୁ ପ୍ରବେଶ କରିବାର ମାସେ ବିତିଗଲାଣି। ହେଲେ ଆଶାନୁରୂପ ବର୍ଷା ମିଳିପାରୁ ନାହିଁ। ଜୁନ୍‌ରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ ୩୬ ପ୍ରତିଶତ ଅଧିକ ହୋଇଥିବା ବେଳେ ଜୁଲାଇରେ ତାହା ୨ ପ୍ରତିଶତକୁ ଖସି ଆସିଛି। ଦୁର୍ବଳ ମୌସୁମୀ ଯୋଗୁ ରାଜ୍ୟରେ ବର୍ଷା ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଛି। ପାଣି ଅଭାବରୁ ଧାନଚାଷରେ ଗୁରୁତର ବାଧା ସୃଷ୍ଟି ହେଲାଣି। ରୁଆ ବେଉଷଣ ବଡ଼ ବର୍ଷାକୁ ଅନାଇ ରହିଛି। ଆସନ୍ତା ୮ ଦିନ ମଧ୍ୟରେ ସେଭଳି ବର୍ଷା ହେବା ସମ୍ଭାବନା ନ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଭଲ ବର୍ଷା ନ ହେଲେ ଆଗାମୀ ଦିନରେ ଚାଷକାର୍ଯ୍ୟ ଗୁରୁତର ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।

ରାଜ୍ୟକୁ ଜୁନ୍ ୧୧ରେ ମୌସୁମୀ ପ୍ରବେଶ କରିଥିଲା। ଜୁନ୍ ମାସ ଶେଷ ସୁଦ୍ଧା ସ୍ୱାଭାବିକଠାରୁ ୩୬ ପ୍ରତିଶତ ବର୍ଷା ହୋଇଥିଲା। ଅଧିକାଂଶ ଜିଲାରେ ଭଲ ବର୍ଷା ହୋଇଥିଲା। କେତେକ ଜିଲାରେ ମାତ୍ରାଧିକ ବର୍ଷା ମଧ୍ୟ ରେକର୍ଡ କରାଯାଇଥିଲା। ତେବେ ଜୁଲାଇ ମାସରେ ମୌସୁମୀ ଧୋକା ଦେଇଛି। ଗତ ୧୩ ଦିନ ହେବ ବର୍ଷା ହେଉ ନ ଥିବାରୁ ରାଜ୍ୟର ୧୫ ଜିଲାରେ ମରୁଡ଼ି ଆଶଙ୍କା ସୃଷ୍ଟି ହେଲାଣି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳ ଜିଲାରେ ଜୁନ୍‌ରେ ଭଲ ବର୍ଷା ହୋଇଥିବା ବେଳେ ଜୁଲାଇ ଦ୍ୱିତୀୟ ସପ୍ତାହରେ ୩୨



ପ୍ରତିଶତ କମ୍ ବର୍ଷା ହୋଇଛି। ସେହିପରି ବଲାଙ୍ଗୀର ଜିଲାରେ ୨୪ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ବରଗଡ଼ ୨୪, ବାଲେଶ୍ୱର ୨୯, କଟକ ୪୮, ଦେବଗଡ଼ ୫୦, ଢେଙ୍କାନାଳ ୩୩, କଳାହାଣ୍ଡି ୨୧, ଖୋର୍ଦ୍ଧା ୩୯, କେନ୍ଦୁଝର ୩୫, ମୟୂରଭଞ୍ଜ ୨୮, ନୂଆପଡ଼ା ୩୩, ପୁରୀ ୩୭, ସମ୍ବଲପୁର ୩୨ ଏବଂ ସୁବର୍ଣ୍ଣପୁର ୪୫ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ଜୁନ୍ ପହିଲାରୁ ଜୁଲାଇ ୧୩ ତାରିଖ ମଧ୍ୟରେ ରାଜ୍ୟରେ ୩୪୭.୧ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୩୫୫.୪ ମିଲିମିଟର। ତେବେ ଚଳିତ ବର୍ଷ ମାତ୍ର ଗୋଟିଏ ଲଘୁଚାପ ଜୁନ୍ ମାସରେ ହୋଇଥିଲା। ଜୁଲାଇ ଅଧା ହେବାକୁ ବସିଥିବା ବେଳେ ଲଘୁଚାପର କୌଣସି ଆକାର ଜଣାପଡୁ ନାହିଁ। ତେବେ ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ସ୍ଥଳଭାଗକୁ ଆସୁଥିବାରୁ ରାଜ୍ୟର କେତେକ ସ୍ଥାନରେ ବର୍ଷାହେବା ସମ୍ଭାବନା ରହିଛି।

## ବାହାର ଜିଲାବାସୀଙ୍କୁ ପୁରୀ ସ୍ୱର୍ଗଦ୍ୱାର ମନା
## ହାଇକୋର୍ଟରେ ମାମଲା

**କଟକ ଅଫିସ,୧୩।୭:** କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ବାହାର ଜିଲାବାସୀଙ୍କୁ ବାରଣ କରାଯାଇଛି। ଏନେଇ ପୁରୀ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ତେବେ ଏହି ନିର୍ଦ୍ଦେଶକୁ ବିରୋଧକରି ସୋମବାର ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। କଟକର ସାମାଜିକ କର୍ମୀ ସଞ୍ଜିବ କୁମାର ଚିନାରା ଏହି ମାମଲା ରୁଜୁ କରିଛନ୍ତି। ସେ ଆବେଦନରେ ଦର୍ଶାଇଛନ୍ତି ଯେ, ସନାତନ ଧର୍ମରେ ସ୍ୱର୍ଗଦ୍ୱାରର ସ୍ଥାନ ସ୍ୱତନ୍ତ୍ର। ସେଠାରେ ଶେଷକୃତ୍ୟ କରାଗଲେ ମୃତ ବ୍ୟକ୍ତି ସ୍ୱାର୍ଗପ୍ରାପ୍ତି ହୁଅନ୍ତି ବୋଲି ବିଶ୍ୱାସ ରହିଛି। କିନ୍ତୁ ପୁରୀ ଜିଲା ପ୍ରଶାସନ ସ୍ୱର୍ଗଦ୍ୱାର ଉପରେ କଟକଣା ଜାରି କରିଛନ୍ତି। ଏହାକୁ ଚ୍ୟାଲେଞ୍ଜକରି ଆବେଦନକାରୀଙ୍କ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, କରୋନା ସଂକ୍ରମଣର ଦ୍ୱାହି ଦେଇ ସ୍ୱର୍ଗଦ୍ୱାରକୁ ବାରଣ କରାଯିବା ପ୍ରତ୍ୟେକଙ୍କୁ ଆଘାତ ଦେଇଛି। ଏ ନେଇ ପୁଣୀ ପ୍ରଶାସନକୁ ଜବାବ୍ ତଲବ କରିବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି। ମାମଲାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ପୁରୀ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି।

## ୧୮ ବରିଷ୍ଠ ବିଜେଡି ନେତ୍ରୀଙ୍କୁ ଜିଲା ଦାୟିତ୍ୱ

ଭୁବନେଶ୍ୱର,୧୩।୭(ବ୍ୟୁରୋ)

### ସାଙ୍ଗଠନିକ କାର୍ଯ୍ୟ ତଦାରଖ କରିବେ

ବିଜେଡିର ବରିଷ୍ଠ ନେତାମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରିବା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ରାଜ୍ୟ କମିଟିରେ ଥିବା ବରିଷ୍ଠ ନେତ୍ରୀମାନଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ବଣ୍ଟନ କରିଛନ୍ତି। ସେମାନେ ଦଳର ସଙ୍ଗଠନଗୁଡ଼ିକୁ ତଦାରଖ କରିବେ। ସୋମବାର ଏ ନେଇ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବରିଷ୍ଠ ବିଜେଡି ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ କେନ୍ଦୁଝର ଜିଲା ଦଳୀୟ ସଙ୍ଗଠନ ଦାୟିତ୍ୱ ଦିଆଯାଇଥିବା ବେଳେ ଗୀତା ବସ୍ତିଆଙ୍କୁ ଗଜପତି ଓ ଗଞ୍ଜାମ, କସ୍ତୁରୀ ମହାପାତ୍ରଙ୍କୁ ପୁରୀ, ଖୋର୍ଦ୍ଧା ଓ ଭୁବନେଶ୍ୱର, ଊର୍ମିଳତା ଦାସଙ୍କୁ ଭଦ୍ରକ ଓ ମୟୂରଭଞ୍ଜ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରଭାସିନୀ ଷଡ଼ଙ୍ଗୀଙ୍କୁ କଟକ ଜିଲା ଦାୟିତ୍ୱ ଦିଆଯାଇଥିବାବେଳେ ଜ୍ୟୋତି ପାଣିଗ୍ରାହୀଙ୍କୁ ଝାରସୁଗୁଡ଼ା ଓ ସୁନ୍ଦରଗଡ଼, ସ୍ନିଗ୍ଧା ପାଣିଗ୍ରାହୀଙ୍କୁ ରାୟଗଡ଼ା ଓ ନବରଙ୍ଗପୁର, ନିବେଦିତା ମହାନ୍ତିଙ୍କୁ କୋରାପୁଟ ଓ ମାଲକାନଗିରି, କୁଞ୍ଜଲତା ସାମଲଙ୍କୁ ନୟାଗଡ଼, ପୁଷ୍ପାଞ୍ଜଳୀ ରଣାଙ୍କୁ ଅନୁଗୋଳ, ଦେବଗଡ଼ ଓ ଢେଙ୍କନାଳ, ମିନତି ଦେବତାଙ୍କୁ ସମ୍ବଲପୁର ଓ ବରଗଡ଼, ଭାରତୀ ସିଂଙ୍କୁ ବାଲେଶ୍ୱର, ସରୋଜିନୀ ରାଜଙ୍କୁ ବଲାଙ୍ଗୀର ଓ ସୋନପୁର, ସଂଘମିତ୍ରା ଦଳାଇଙ୍କୁ କନ୍ଧମାଳ ଓ ବୌଦ୍ଧ, ରେଜୱାନା ବେଗମଙ୍କୁ ଯାଜପୁର, ମୀତା ରାଉତଙ୍କୁ କେନ୍ଦ୍ରାପଡ଼ା, ସ୍ନେହାଞ୍ଜଳୀ ମହାନ୍ତିଙ୍କୁ ଜଗତ୍‌ସିଂହପୁର ଏବଂ ସଂଯୁକ୍ତା ମହାନ୍ତିଙ୍କୁ କଳାହାଣ୍ଡି ଓ ନୂଆପଡ଼ା ଦାୟିତ୍ୱ ଦିଆଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ ଗତ କିଛିଦିନ ହେବ ବିଜେଡି ସାଙ୍ଗଠନିକ କ୍ଷେତ୍ରରେ ବଡ଼ ଧରଣର ଅଦଳବଦଳ ହେଉଛି। ବରିଷ୍ଠ ନେତାମାନଙ୍କୁ ବରିଷ୍ଠ ଉପସଭାପତି ଦାୟିତ୍ୱ ଦେବା ସହିତ ଦଳର କେତେଜଣ ମନ୍ତ୍ରୀ ଓ ନେତାଙ୍କୁ ବିଭିନ୍ନ ବର୍ଗର ଦାୟିତ୍ୱ ବଣ୍ଟନ କରାଯାଇଛି।

## ଫିଲ୍ମ, ଧାରାବାହିକ ଶୁଟିଂ ପାଇଁ ଏସ୍‌ଓପି

ଭୁବନେଶ୍ୱର,୧୩।୭(ବ୍ୟୁରୋ)

- ମୁଖ୍ୟ କଳାକାରଙ୍କୁ ଛାଡ଼ି ୩୦ ପ୍ରତିଶତ କ୍ରିଉ ସଦସ୍ୟ ରହିବେ
- ବୟସ୍କ ଓ ଦର୍ଶକଙ୍କୁ ଶୁଟିଂ ସେଟ୍ ମନା
- ବାହାରକୁ ଶୁଟିଂ ପାଇଁ ଗଲେ ଅନୁମତି ବାଧ୍ୟତାମୂଳକ

କରୋନା ମହାମାରୀ ପାଇଁ ଦୀର୍ଘଦିନ ଧରି ବନ୍ଦ ଥିବା ଓଡ଼ିଆ ଫିଲ୍ମ ଏବଂ ଧାରାବାହିକର ଶୁଟିଂ ପାଇଁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଜାରି କରିଛନ୍ତି। ଉଭୟ ଇନ୍‌ଡୋର ଓ ଆଉଟ୍‌ଡୋର୍ ଶୁଟିଂ ସହ ଓଟିଟି ପ୍ଲାଟଫର୍ମକୁ ମଧ୍ୟ ଏହି ଏସ୍‌ଓପି ଅନୁକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସଂକ୍ରମଣ ବଢୁଥିବାରୁ ଶୁଟିଂ ସେଟ୍‌ରେ ସମସ୍ତ ପ୍ରକାର କୋଭିଡ୍ ନିୟମ ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ଏନେଇ ଯୁଗ୍ମ ରିଲିଫ କମିଶନର ପ୍ରଭାତ ରଞ୍ଜନ ମହାପାତ୍ର ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଏମ୍‌ଡିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

ପ୍ରଡକ୍ସନ ସଂସ୍ଥାଗୁଡ଼ିକ କଳାକାର, କର୍ମଚାରୀ ଓ ଅନ୍ୟ ଷ୍ଟେକ୍ ହୋଲ୍ଡରମାନଙ୍କୁ କରୋନା ସଂକ୍ରାନ୍ତରେ ସଚେତନ କରିବା ସହ ପ୍ରାକ୍ ସଚେତନମୂଳକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ୬୫ବର୍ଷରୁ ଅଧିକ ବୟସ୍କ କଳାକାର କିମ୍ବା କ୍ରିଉ ସଦସ୍ୟ ଓ ଦର୍ଶକ ଶୁଟିଂ ସେଟ୍ ଯିବେନାହିଁ। ଶୁଟିଂରେ ସାମିଲ ଥିବା କେହି କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହେଲେ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ପଠାଯିବ। ପ୍ରତିଦିନ ଶୁଟିଂକୁ ଯିବା ପୂର୍ବରୁ ସମସ୍ତଙ୍କର ତାପମାତ୍ରା ଯାଞ୍ଚ କରାଯିବା ସହ ଅନ୍ୟ ଲକ୍ଷଣ ସମ୍ପର୍କରେ ପଚରାଯିବ। ଯଥାସମ୍ଭବ ବିନା ଏସି କୋଠରୀ ଏବଂ ଟେଣ୍ଟ ବ୍ୟବହାର କରାଯିବା ସହ ୫ଜଣରୁ ଊର୍ଦ୍ଧ୍ୱ ଲୋକଙ୍କୁ ଭିତରକୁ ନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ମୁଖ୍ୟ କଳାକାରଙ୍କୁ ଛାଡ଼ି ମାତ୍ର ୩୦ ପ୍ରତିଶତ କ୍ରିଉ ସଦସ୍ୟଙ୍କୁ ସଂସ୍ଥାଗୁଡ଼ିକ ସେଟ୍‌ରେ ରଖିପାରିବେ। ସମସ୍ତେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା କରିବା ବାଧ୍ୟତାମୂଳକ ହେବ। ଅନୁମତି ପାଇଥିବା କଳାକାର ଏବଂ କ୍ରିଉ ସଦସ୍ୟମାନେ ଶୁଟିଂ ସେଟ୍‌କୁ ଯିବାବେଳେ ନିଜ ପରିଚୟ ପତ୍ର ଦେଖାଇବେ। ସମସ୍ତେ ଆରୋଗ୍ୟ ସେତୁ ଆପ୍ ଡାଉନ୍‌ଲୋଡ୍ କରିବେ। ବ୍ୟବହୃତ ସମସ୍ତ ଉପକରଣକୁ ନିୟମିତ ବ୍ୟବଧାନରେ ସାନିଟାଇଜ୍ କରାଯିବ। ବନ୍ଦ କ୍ୟାମ୍ପସ୍ ନଚେତ୍ ଷ୍ଟୁଡିଓ ଭିତରେ କେବଳ ଶୁଟିଂକୁ ଅନୁମତି ମିଳିବ।

ସେହିଭଳି ଯଥାସମ୍ଭବ ଫେସ୍‌ଟାଇମ୍, ଜୁମ୍ ଏବଂ ସ୍କାଇପି ମାଧ୍ୟମରେ କାଷ୍ଟିଂ କରିବାକୁ କୁହାଯାଇଛି। ସେହିଭଳି ବ୍ରଶ ମାଧ୍ୟମରେ ମେକଅପ୍ କରାଯିବ। ମେକ୍‌ଅପ୍ ଆର୍ଟିଷ୍ଟ ଥରେ ମେକ୍‌ଅପ୍ କରିବାପରେ ହାତକୁ ଭଲଭାବେ ସାନିଟାଇଜ୍ କରି ଅନ୍ୟଜଣଙ୍କୁ ମେକ୍‌ଅପ୍ କରିବେ। ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ମେକ୍‌ଅପ୍ କିଟ୍ ରଖାଯିବା ସହ ମେକ୍‌ଅପ୍ ଆର୍ଟିଷ୍ଟ ପିପିଇ କିଟ୍ କିମ୍ବା ଫେସ୍ ସିଲ୍‌ଡ ପିନ୍ଧିବା ବାଧ୍ୟତାମୂଳକ। ସେହିଭଳି କଷ୍ଟ୍ୟୁମ୍ ପରିଧାନ ବେଳେ ମଧ୍ୟ ଏସ୍‌ଓପିକୁ କଡ଼ାକଡ଼ି ଭାବେ ଅନୁକରଣ କରିବାକୁ କୁହାଯାଇଛି। ଆଉଟ୍‌ଡୋର୍ ଶୁଟିଂ ଏବଂ ରାଜ୍ୟ ବାହାରେ ଶୁଟିଂ କରିବାକୁ ଯଥାସମ୍ଭବ ବାରଣ କରିବାକୁ କୁହାଯାଇଛି। ବାହାରକୁ ଶୁଟିଂ କରିବାକୁ ଗଲେ ରାଜ୍ୟ ସରକାରଙ୍କ ଅନୁମତି ନେବା ବାଧ୍ୟତାମୂଳକ। କ୍ରିଉ ସଦସ୍ୟଙ୍କ ପାଇଁ ଶୁଟିଂସ୍ଥଳୀରେ ରହିବାର ବ୍ୟବସ୍ଥା କରାଯିବ ବୋଲି ଏସ୍‌ଓପିରେ ଦର୍ଶାଯାଇଛି।

THANKS TO ALL HAVING TRUST US FROM LAST 10 YEARS
ORIGINAL
NAVRATNA BHAVISHYA
LIVE 24 X 7 NEWS & ANB NEWS
NEPAL 1 TV ALSO
Lucky Yantra In Every 15 Minutes
Check Your Lucky Yantra on 24X7 NEWS

| DTH Platform | Channel No. |
|---|---|
| AIRTEL | 362 |
| DD DIRECT | 102 |
| DEN | 316 |
| HATHW@Y | 210 |
| VIDEOCON | 335 |
| GTPL | 250 |
| F W | 193 |
| SITI | 372 |
| JIO TV | - |
| ADARSH CABLE | 432 |

Check Your Lucky Yantra on ANB NEWS
DTH Platform Channel No.
AIRTEL - 356 KGMP -305
TATA SKY -1923 GFC -180
SITI -348 BATHINDA CCN- 79
MC CABLE -194 JIO TV

| 13.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 69 | 01 | 54 | 65 |
| 09.00 | 15 | 15 | 52 | 87 |
| 09.30 | 96 | 04 | 48 | 11 |
| 10.00 | 85 | 01 | 70 | 22 |
| 10.30 | 80 | 07 | 22 | 85 |
| 11.00 | 49 | 69 | 86 | 28 |
| 11.30 | 65 | 64 | 78 | 92 |
| 12.00 | 07 | 77 | 13 | 17 |
| 12.30 | 50 | 42 | 55 | 92 |
| 01.00 | 07 | 41 | 42 | 39 |
| 01.30 | 41 | 67 | 41 | 44 |
| 02.00 | 01 | 60 | 69 | 58 |
| 02.30 | 02 | 21 | 92 | 40 |
| 03.00 | 25 | 52 | 12 | 79 |
| 03.30 | 17 | 90 | 07 | 36 |
| 04.00 | 68 | 06 | 74 | 63 |
| 04.30 | 72 | 97 | 05 | 44 |
| 05.00 | 75 | 46 | 93 | 72 |
| 05.30 | 03 | 59 | 78 | 05 |
| 06.00 | 84 | 04 | 50 | 42 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
navratnayantracoupon.com
goldennavratnacoupon.com

ସ୍ୱପ୍ନରେ ବି ଭାବ ନାହିଁ ଯେ, ଦାରିଦ୍ର୍ୟରୁ ମୁକ୍ତି ପାଇଲେ ମଣିଷ ସୁଖୀ ବା ତୃପ୍ତ ହୋଇଯିବ ଏବଂ ସମାଜ ମଧ୍ୟ ତା'ର ଯେତେ ବ୍ୟାଧି, ଦୁର୍ଭୋଗ ଆଉ ସମସ୍ୟାରୁ ମୁକ୍ତ ହୋଇଯିବ। ଏହାହେଲା ଅବଶ୍ୟ ସର୍ବପ୍ରଥମ ଓ ସର୍ବନିମ୍ନ ପ୍ରୟୋଜନ। କିନ୍ତୁ ଅନ୍ତରାତ୍ମାର ସଂଗଠନରେ ଯେତେ କିଛି ତ୍ରୁଟି ରହିବ– ସେତେଦିନ ପର୍ଯ୍ୟନ୍ତ ବାହାରେ ମଧ୍ୟ ସେମିତି ରହିଥିବ ଅଶାନ୍ତି, ବିଶୃଙ୍ଖଳା ଓ ବିପ୍ଳବ। –ଶ୍ରୀଅରବିନ୍ଦ

# ପତନମୁଖୀ କଂଗ୍ରେସ

ନିକଟ ଅତୀତରେ କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ସରକାରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରାଯାଇ ସରକାରକୁ ଭଙ୍ଗାଯାଇଥିଲା। ଉଭୟ ରାଜ୍ୟରେ ଭାଜପା ସରକାର ଗଢ଼ିବାରେ ସକ୍ଷମ ହୋଇଥିଲା। ଏବେ ରାଜସ୍ଥାନରେ ଅଶୋକ ଗେହଲଟ ସରକାରକୁ ଟଳମଳ କରିବାରେ ସେହି ଭାଜପାର ହାତ ଅଛି ବୋଲି କୁହାଯାଉଛି। କିନ୍ତୁ କଂଗ୍ରେସର ଏଭଳି ଅଭିଯୋଗକୁ ଭାଜପା ଖଣ୍ଡନ କରିଛି। ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ଥିବା ସଚିନ ପାଇଲଟ ମୁଖ୍ୟମନ୍ତ୍ରୀ ଦାବିଦାର ଥିବା ବେଳେ ତାଙ୍କୁ ଉକ୍ତ ପଦବୀ ନ ମିଳିବା ଦିନଠାରୁ ସେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ ବୋଲି ଅନେକ ଥର ଗଣମାଧ୍ୟମରେ ପ୍ରକାଶ ପାଇଛି। ୧୦ ଜୁଲାଇରେ ରାଜସ୍ଥାନ ପୋଲିସର ସ୍ୱତନ୍ତ୍ର ଅପେରଶନ ଗ୍ରୁପ୍ (ଏସ୍‌ଓଜି) ସଚିନଙ୍କୁ ଏକ ନୋଟିସ ଦେଇଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ, ଗେହଲଟ ସରକାରକୁ ଭାଙ୍ଗିବା ପାଇଁ ସେ ମସୁଧା ଚଳାଉଥିବାରୁ ତାଙ୍କ ବିବୃତି ରେକର୍ଡ କରାଯିବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ରାଜ୍ୟର ଗୃହ ବିଭାଗକୁ ମୁଖ୍ୟମନ୍ତ୍ରୀ ଗେହଲଟ ନିଜ ଅଧୀନରେ ରଖିଛନ୍ତି। ସେଭଳି ପରିସ୍ଥିତିରେ ଉପମୁଖ୍ୟମନ୍ତ୍ରୀଙ୍କ ଜେରା ପାଇଁ ନୋଟିସ୍ ଯିବା ନିଶ୍ଚିତ ଭାବେ ଅଶୋଭନୀୟ। କାରଣ ଏତେବଡ଼ ପଦକ୍ଷେପ ନେବା ପାଇଁ କୌଣସି ପୋଲିସ ଅଫିସରଙ୍କ ଆସ୍ପର୍ଦ୍ଧା ହେବ ନାହିଁ, ଯଦି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନ ଥିବ। ତେବେ ଉକ୍ତ ନୋଟିସ ପାଇବା ପରେ ସଚିନ ଖପ୍ପା ହୋଇଥିଲେ ଓ ବିଦ୍ରୋହୀ ବିଧାୟକଙ୍କ ନେତୃତ୍ୱ ନେଇ ଏବେ ଦିଲ୍ଲୀରେ ଅଛନ୍ତି। ସଚିନ ଦାବି କରିଛନ୍ତି ଯେ ତାଙ୍କୁ ୩୦ ବିଧାୟକ ସମର୍ଥନ କରୁଛନ୍ତି। ଅନ୍ୟପକ୍ଷରେ ଗେହଲଟ ୧୩ ଜୁଲାଇରେ ବିଧାୟକ ଦଳ ବୈଠକ ଡାକିଥିଲେ ଓ ସେଥିରେ ୧୦୯ ଜଣ ବିଧାୟକଙ୍କ ସମର୍ଥନ ରହିଥିବା ଘୋଷଣା କରିଛନ୍ତି। ୨୦୦ ସଦସ୍ୟ ବିଶିଷ୍ଟ ରାଜସ୍ଥାନ ବିଧାନସଭାର ସଂଖ୍ୟା ସ୍ଥିତି ଦେଖିଲେ କଂଗ୍ରେସର ୧୦୭ ବିଧାୟକଙ୍କ ସହ ଭାରତୀୟ ଟ୍ରାଇବାଲ ପାର୍ଟି(ବିଟିପି) ୨, ସିପିଏମ୍ ୨, ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ୨ ଏବଂ ସ୍ୱାଧୀନ ୧୨ ବିଧାୟକଙ୍କ ସମର୍ଥନରେ ସରକାର ଗଠନ ହୋଇଛି। ଅନ୍ୟପକ୍ଷେ ଭାଜପାର ୭୨ ବିଧାୟକ ଥିବା ବେଳେ ବିରୋଧୀ ସହ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି (ଆର୍‌ଏଲ୍‌ପି)ର ୩ ଏବଂ ଜଣେ ସ୍ୱାଧୀନ ବିଧାୟକ ଅଛନ୍ତି। ଏଭଳି ସ୍ଥଳେ ସଚିନ ଦାବି କରୁଥିବା ୩୦ ବିଧାୟକଙ୍କ ମଧ୍ୟରୁ ୪ ଜଣ ସ୍ୱାଧୀନ ଥିବା ବେଳେ ୨୬ ଜଣ କଂଗ୍ରେସର ରହିଛନ୍ତି। କିନ୍ତୁ ଗେହଲଟ ୧୦୯ ବିଧାୟକଙ୍କ ସମର୍ଥନ ଥିବା ବିଷୟ ଯାହା କହୁଛନ୍ତି ସଂଖ୍ୟା ସମୀକରଣ ସ୍ପଷ୍ଟ ଚିତ୍ର ଦେଉ ନ ଥିବା ବୁଝାପଡ଼ୁଛି।

ଏହି ପରିପ୍ରେକ୍ଷୀରେ ରାଜସ୍ଥାନର ରାଜନୈତିକ ଗୋଳିଆ ପାଣିରୁ ମାଛ ଧରିବା ଲାଗି ଭାଜପା ଅଣ୍ଟା ଭିଡ଼ିବା ସ୍ୱାଭାବିକ। ଆଲୋଚନା ହେଉଛି ଯେ ମଧ୍ୟପ୍ରଦେଶର ଜ୍ୟୋତିରାଦିତ୍ୟ ସିନ୍ଧିଆ ଯେଭଳି ତାଙ୍କ ସମର୍ଥକଙ୍କ ସହ ଭାଜପାକୁ ଡେଇଁ କମଲ ନାଥ ସରକାରର ପତନ ଆଣିଥିଲେ, ସମାନ ଧରଣରେ ସଚିନ ପାଇଲଟ ଭାଜପାରେ ମିଶି ଗେହଲଟଙ୍କ ବିରୋଧରେ ପ୍ରତିଶୋଧ ନେବାକୁ ଚିନ୍ତା କରୁଛନ୍ତି। ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି ଯେ, ସଚିନ ଭାଜପାରେ ମିଶିଲେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦବୀ ମିଳିବ ନାହିଁ। ଏହି ବିଷୟରେ ଦେଶବାସୀ ଅଳ୍ପ ବହୁତେ ସଚେତନ ହୋଇ ସାରିଲେଣି। କଂଗ୍ରେସକୁ ଭାଙ୍ଗି ଛାରଖାର କରିଦେଲେ ଦୀର୍ଘଦିନ ଶାସନ କରିହେବ ବୋଲି ଭାଜପା ହିସାବ କରୁଛି। ଦେଖିବାକୁ ଗଲେ ବିମୁଦ୍ରୀକରଣଠାରୁ କରୋନାଜନିତ ଲକ୍‌ଡାଉନ୍ ପର୍ଯ୍ୟନ୍ତ ସବୁ ଆଭ୍ୟନ୍ତରୀଣ ନିଷ୍ପତ୍ତିରେ ଘୋର ତ୍ରୁଟି କରିଚାଲିଥିବା କେନ୍ଦ୍ର ସରକାର ଏବେ ବହିର୍ବ୍ୟାପାରରେ ମଧ୍ୟ ପ୍ରବଳ ମାତ୍ରାର ଭୁଲ୍‌ଭଟକା କରିବାରେ ଲାଗିଛି। ଭାଜପାର ମୂଳ ଚିନ୍ତାଧାରାରେ ଆଜିର ପୃଥିବୀର ଲକ୍ଷାଧିକ ସମସ୍ୟାକୁ ସାମ୍ନା କରିବାର ବ୍ୟବସ୍ଥା କରାଯାଇ ନ ଥିଲା, ଯେଉଁଥିପାଇଁ କଂଗ୍ରେସକୁ ଭାଙ୍ଗିବା ହୋଇପଡ଼ିଛି ମୁଖ୍ୟ ଲକ୍ଷ୍ୟ। କଂଗ୍ରେସମୁକ୍ତ ଭାରତର ସ୍ଲୋଗାନ ଦେଇଆସୁଥିବା ନରେନ୍ଦ୍ର ମୋଦି ଏବେ ବୁଝିପାରୁଥିବେ ଯେ ଭାରତର ଭୋଟଦାତା ଅଧୈର୍ଯ୍ୟ। ମୋଦିଙ୍କ ବ୍ୟକ୍ତିଗତ ଭାବମୂର୍ତ୍ତି ଅତ୍ୟନ୍ତ ଶକ୍ତିଶାଳୀ ଥିବା ସତ୍ତ୍ୱେ ଗତ କେତୋଟି ରାଜ୍ୟ ବିଧାନସଭା ନିର୍ବାଚନରେ ଭାଜପାର ଆଖିଦୃଶିଆ ପତନ ଘଟିଛି। ପାର୍ଲାମେଣ୍ଟ ନିର୍ବାଚନକୁ ଆହୁରି ପ୍ରାୟ ସାଢ଼େ ୩ ବର୍ଷ ଥିବା ସତ୍ତ୍ୱେ ଜାତୀୟ ଅର୍ଥନୀତିର ସ୍ଥିତି ଘୋର ଶୋଚନୀୟ ହୋଇପଡ଼ିଲାଣି। ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବା ପାଇଁ ଆହୁରି କିଛି ସମୟ ଲାଗିବ। ସମ୍ଭବତଃ ସେହି ସମୟ ଭିତରେ ଯେତେବେଳେ ସମସ୍ୟା ଜଟିଳ ହୋଇପଡ଼ିବ, ସେତିକିବେଳକୁ ପାର୍ଲାମେଣ୍ଟ ନିର୍ବାଚନ ମଧ୍ୟ ପାଖେଇ ଆସିଥିବ। କେନ୍ଦ୍ର ସରକାରଙ୍କ କାର୍ଯ୍ୟକଳାପକୁ ଦେଖିଲେ ମନେହେଉଛି ଯେପରି ବ୍ୟସ୍ତତା ମାଡ଼ିବସିଲାଣି। ଉଦାହରଣ ସ୍ୱରୂପ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନିକଟତମ ସହଯୋଗୀଙ୍କ ବାସଭବନ ଉପରେ ୧୩ ଜୁଲାଇରେ ଆୟକର ବିଭାଗ ଦ୍ୱାରା ଚଢ଼ାଉ କରାଯାଇଛି। ଏହା ରାଜନୈତିକ ପ୍ରତିଶୋଧମୂଳକ କାର୍ଯ୍ୟ ଭଳି ପ୍ରତୀୟମାନ ହେଉଛି। ଅବଶ୍ୟ ଏଠାରେ କଂଗ୍ରେସକୁ ସମର୍ଥନ କରିବାର କୌଣସି ଅବକାଶ ନାହିଁ। ଦେଶରେ ଘଟୁଥିବା ସବୁ ଅନିୟମିତତାକୁ କଂଗ୍ରେସ ସମୟରେ ଜନ୍ମ କରାଯାଇଥିଲା। ଆଜି ସେଇ ପୁରୁଣା କଉଡ଼ିକୁ ଉଠାଇ ଭାଜପା ସମାନ ପ୍ରକାର ଖେଳ ଖେଳୁଛି।

ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିବା ପାଇଁ କଂଗ୍ରେସ ଉଦ୍ୟମ ସବୁବେଳେ ଲାଗିରହିଥିଲା। ଇନ୍ଦିରା ଗାନ୍ଧୀଙ୍କ ସମୟରେ ଅଣକଂଗ୍ରେସ ସରକାରକୁ ରାଜ୍ୟରେ ତିଷ୍ଠିବାକୁ ଦିଆଯାଇ ନ ଥିଲା। କେବଳ ସେତିକି ନୁହେଁ, ଯେଉଁ ରାଜ୍ୟରେ କଂଗ୍ରେସ ଦଳର ସରକାର ଥିବା ସତ୍ତ୍ୱେ ସେଠାକାର ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣଭାବେ ଚେରବିହୀନ ବୋଲକରା ହୋଇ ନ ଥିବେ ସେଭଳି ବ୍ୟକ୍ତିଙ୍କୁ ତିଷ୍ଠିବାକୁ ମଧ୍ୟ ଦିଆଯାଉ ନ ଥିଲା। ଦୀର୍ଘ ସମୟ ଧରି ଆଞ୍ଚଳିକ ନେତୃତ୍ୱକୁ ଶେଷ କରିବା ପାଇଁ କଂଗ୍ରେସ ହାଇକମାଣ୍ଡ ସବୁବେଳେ ଉଦ୍ୟମ କରିଆସିଛି। ଇନ୍ଦିରା ଗାନ୍ଧୀଙ୍କ ସମୟରେ କେବଳ ତାଙ୍କରି ନାମରେ ଜିଣିପାରୁଥିବା ହେତୁ କଂଗ୍ରେସ ତିଷ୍ଠିପାରିଥିଲା। କିନ୍ତୁ ସୋନିଆଙ୍କ ଦୀର୍ଘ ୧୦ ବର୍ଷର ଉପା ସରକାର ସମୟର କାର୍ଯ୍ୟ ଓ ବ୍ୟବହାର ସେହି ଦଳକୁ ଧ୍ୱଂସ କରିଦେଲା। ଜଣେ ବିଦେଶିନୀ ଭାବରେ ସୋନିଆଙ୍କ ପାଇଁ ଭାରତର ଆତ୍ମାକୁ ବୁଝିବା ସମ୍ଭବପର ହେଉ ନ ଥିଲା। ନିଜର ଦକ୍ଷତା ନ ଥାଇ କେବଳ ଶତ୍ରୁଙ୍କ ଅଭାବ ଯୋଗୁ ଦୁଇଟି ନିର୍ବାଚନ ଜିଣି ୧୦ ବର୍ଷ ଶାସନ କରିପାରିଥିଲା ଉପା। ଏବେ ଯେତେବେଳେ ବାସ୍ତବ ବୁଦ୍ଧି ପରୀକ୍ଷାର ସମୟ ଆସିଛି, ସେତେବେଳେ ଗାନ୍ଧୀ ପରିବାର ହସ ହସ ମୁଖ ଏବଂ ହାତ ହଲାଇ ଜନସାଧାରଣଙ୍କୁ ଆକର୍ଷିତ କରିପାରୁ ନାହିଁ। ଆଗରୁ କୁହାଯାଉଥିଲା ଯେ ରାହୁଲ ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଯୋଗୁ କଂଗ୍ରେସରେ ଅନେକ ଯୁବ ନେତୃତ୍ୱ ଗଢ଼ିଉଠୁଛନ୍ତି। ତନ୍ମଧ୍ୟରୁ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ସଚିନ ପାଇଲଟ ଥିଲେ ଅନ୍ୟତମ। ଉପା–୨ ସମୟରେ ସେମାନଙ୍କୁ ମନ୍ତ୍ରୀପଦ ମଧ୍ୟ ଦିଆଯାଇଥିଲା। କଂଗ୍ରେସର ଏହି ଯୁବ ନେତାମାନେ ଦଳର ଭବିଷ୍ୟତ ହେବେ ବୋଲି ବିଶ୍ୱାସ କରାଯାଉଥିଲା। ଆଜି ପରିସ୍ଥିତି ଏଭଳି ମୋଡ଼ ନେଇଛି ଯେ, ସେହି ଯୁବ ନେତାମାନେ କଂଗ୍ରେସ ଭିତରେ ନିଜକୁ ସମ୍ପୂର୍ଣ୍ଣ ଅସହାୟ ମନେକରି ଦଳଠାରୁ ଦୂରେଇ ଯାଉଛନ୍ତି। ଗୋଟେପଟେ ଏହା ସ୍ପଷ୍ଟ ଯେ, ଭାଜପାରେ ଯୋଗଦାନ କଲାପରେ କ୍ରମଶଃ ଏମାନଙ୍କ ରାଜନୈତିକ ସ୍ଥିତି ବିଲୋପ ହୋଇଯିବ। ଅନ୍ୟପଟେ ଏମାନଙ୍କୁ ବ୍ୟବହାର କରି ଭାଜପା ତା'ର ରାଜନୈତିକ ଫାଇଦା ଉଠାଇନେବ। ଏଭଳି ପ୍ରଚ୍ଛଦପଟରେ ଭାରତରେ ଏକ ସୁସ୍ଥ ଗଣତାନ୍ତ୍ରିକ ବାତାବରଣ ସୃଷ୍ଟି କରିବା ପାଇଁ ସୋନିଆ ଗାନ୍ଧୀ ଓ ତାଙ୍କର ଦୁଇ ସନ୍ତାନ ରାଜନୈତିକ ଜୀବନରୁ ଅବ୍ୟାହତି ନେବା ଦରକାର। ଉଭୟେ ମା'ପୁଅ ଲୋକସଭାରୁ ଇସ୍ତଫା ଦେବା ସହିତ କଂଗ୍ରେସ ପଦବୀରୁ ଓହରିଗଲେ ଭାରତବର୍ଷରେ ଏକ ବିଚିତ୍ର ନୂତନ ସମୀକରଣ ନିଶ୍ଚିତ ଭାବେ ସୃଷ୍ଟି ହୁଅନ୍ତା।

# ଯୁଗୋପଯୋଗୀ ଡ୍ରେସ୍‌କୋଡ୍

ସହଦେବ ସାହୁ

ଗତ ୭୫ ବର୍ଷରେ ଘଟିଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧ, କୋରିଆ ଯୁଦ୍ଧ, ଭିଏତ୍‌ନାମ ଯୁଦ୍ଧ, ଉପସାଗରୀୟ ଯୁଦ୍ଧ, ଆଫଗାନିସ୍ତାନ ଯୁଦ୍ଧ ଓ ଇରାକ ଯୁଦ୍ଧ ଭଳି ଛଅ ଛଅଟା ଯୁଦ୍ଧରେ ଯେତେ ଆମେରିକୀୟ ମରିଛନ୍ତି, ଗତ ୪ ମାସ ଭିତରେ ତାହାଠାରୁ ଖୁବ୍ ବେଶି ନଭେଲ୍ କରୋନା ଭାଇରସ୍ ସଂକ୍ରମଣରେ ମଲେଣି, ପ୍ରତି ଲକ୍ଷେ ଲୋକରେ ୩୮ ଜଣ। କରୋନା ଭାଇରସ୍ ଆମେରିକାର ବହୁ ଅଞ୍ଚଳରେ ଯେମିତି ମାଡିଚାଲିଛି ମନେହେଉଛି ଆମେରିକୀୟମାନେ ନିଃସହାୟ ହୋଇପଡିଛନ୍ତି। ଆମ ଭାରତରେ ସଂକ୍ରମଣ ଓ ମୃତ୍ୟୁହାର ସିନା ଶତକଡ଼ା ହିସାବରେ କମ୍, କିନ୍ତୁ ମୋଟ ସଂକ୍ରମଣ ସଂଖ୍ୟାରେ ତ ଆମେ ପୃଥିବୀରେ ତୃତୀୟ ବୃହତ୍ ଦେଶ ହୋଇଗଲୁଣି। ଡର ମାଡୁଛି ଆମ ଦେଶର ସଂକ୍ରମଣ ସଂଖ୍ୟା କ'ଣ ସମସ୍ତଙ୍କଠୁ ଆଗେଇଯିବ? ୩୩ କୋଟି ଜନସଂଖ୍ୟାର ଯୁକ୍ତରାଷ୍ଟ୍ର ଆମେରିକାରେ କରୋନା ସଂକ୍ରମଣ ୩୪ ଲକ୍ଷ ହେଲାଣି, ୧,୩୪,୯୪୩ ମୃତ। ସେହି ହାରରେ ଭାରତରେ (ଲୋକସଂଖ୍ୟା ୧୪୪କୋଟି) ସଂକ୍ରମଣ ୧୪୮ ଲକ୍ଷ ହେବା କଥା ଓ ମୃତ୍ୟୁସଂଖ୍ୟା ୧୪୪୦୦ ଗୁଣନ ୩୮ ଅର୍ଥାତ୍ ୫୮ ଲକ୍ଷ ୭୨ ହଜାର ହେବା କଥା। ମାତ୍ର ସଂକ୍ରମଣ ହୋଇଛି ସାଢେ ୮ ଲକ୍ଷ। ଆମର ପରୀକ୍ଷା ଯେତେ ଜୋରରେ ହେବା କଥା ହୋଇନାହିଁ ବୋଲି ସଂକ୍ରମଣ ସଂଖ୍ୟା କମ୍ ହୋଇଥାଇପାରେ, କିନ୍ତୁ ଯୁଏସ୍‌ଏ ଭଳି ବିକଶିତ ରାଷ୍ଟ୍ର ତୁଳନାରେ ଆମ ଦେଶରେ ସଂକ୍ରମଣ ଓ ମୃତ୍ୟୁହାର ଅତି କମ୍ ଥିବାର କାରଣ ଲୋକଙ୍କ ମିଳାମିଶାରେ ବହୁତ କଟକଣା କରାଯାଇଛି। ମୁଖାପିନ୍ଧା, ସଂଗରୋଧ ଏବଂ ଯାତାୟାତ ତଥା ବ୍ୟବସାୟବାଣିଜ୍ୟ ଓ କଳକାରଖାନା ବନ୍ଦ (ଲକ୍‌ଡାଉନ୍) ଭଳି କଟକଣା। ଏ ସବୁ ଭିତରେ ବେଶି କାମ ଦିଏ ମୁଖାପିନ୍ଧା। ଯୁଏସ୍‌ଏରେ ଏତେ କଟକଣା ନାହିଁ, କେତେକ ଆମେରିକୀୟ ରାଜ୍ୟରେ ଦୋକାନ, ବଜାର, ବେଳାଭୂମି, ବାର୍, ରେସ୍ତୋରାଁ ଆଦି ଚଞ୍ଚଳ ଖୋଲିଦିଆଗଲା, କେତେକ କାରଖାନା ବି ଖୋଲିବା ଆରମ୍ଭ ହେଲା। ଲୋକେ ମିଳାମିଶା ହେବାରେ ମୁଖ୍ୟ କଟକଣା, ମାସ୍କ ପିନ୍ଧିବା କେହି ମାନିଲେ ନାହିଁ, ସଂଘୀୟ (କେନ୍ଦ୍ର) ସରକାର ବି କଟକଣା ଜାରି କଲେ ନାହିଁ। ଡରୁଆ ଲୋକ ମୁଖା ପିନ୍ଧେ କହି ବହୁତ ଆମେରିକୀୟ ମାସ୍କ ପିନ୍ଧିଲେ ନାହିଁ, ଦେଶର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିନା ମାସ୍କରେ ସର୍ବସାଧାରଣରେ ଦେଖାଦେଲେ। ଟ୍ରମ୍ପଙ୍କ ରିପବ୍ଲିକାନ୍ ଦଳର ଲୋକେ ତାହା ଅନୁକରଣ କଲେ, ବିରୋଧୀ ଡିମୋକ୍ରାଟ୍ ଦଳ ଚଳାଇଥିବା ପ୍ରଦେଶମାନଙ୍କରେ ସେଠାକାର ଗଭର୍ନର ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଥିବାରୁ ଯିଏ ମୁଖା ପିନ୍ଧିଲା ତାକୁ ଟ୍ରମ୍ପଙ୍କ ସମର୍ଥକ ବୋଲି ଧରାଗଲା ନାହିଁ। ନିଜର ସମର୍ଥନ ଜଣାଇବା ପାଇଁ ବହୁତ ଲୋକ ମୁଖା ଲଗାଇଲେ ନାହିଁ। ଦୁର୍ବଳତାର ପ୍ରତୀକ ମାସ୍କ ବୋଲି ଅନେକ ଆମେରିକୀୟ କହିହେଲେ। ସୁଖର କଥା, ଏବେ ଟ୍ରମ୍ପ ମୁଖା ପିନ୍ଧିଲେଣି ବୋଲି ଖବର ପ୍ରକାଶ ପାଇଛି। ଲକ୍‌ଡାଉନ୍ ବା ଶଟ୍‌ଡାଉନ୍ ନ କଲେ ବି ମୁଖା ପିନ୍ଧିବା ବାଧ୍ୟତାମୂଳକ କରିବା କଥା। କାରଣ ନଭେଲ କରୋନା ଭାଇରସ ବାୟୁରେ ଉଡ଼ିବୁଲିପାରେ ବୋଲି ଏବେ ୩୨ଟି ଦେଶର ୨୩୯ ବୈଜ୍ଞାନିକ ବିଶ୍ୱସ୍ୱାସ୍ଥ୍ୟ ସଂଗଠନକୁ ଜଣାଇଲେଣି ଏବଂ ସଂଗଠନ ବି ତାହା ମାନିଗଲାଣି। ଏ ଭୂତାଣୁ ସଂକ୍ରମିତ ଲୋକର ଶ୍ୱାସରେ ବା ଛେପରେ ବା କଫରେ ବାହାରି ଆଉ କାହାର ପାଟି ବା ନାକ ବାଟେ ତା' ଦେହକୁ ଗଲେ ସେ ଲୋକଟି ରୋଗପ୍ରବଣ ବା କୋଭିଡ–୧୯ ପଜିଟିଭ୍ ଧରାଯିବ। 'କୋଭିଡ–୧୯ ପଜିଟିଭ୍' ମାନେ ନୁହେଁ ଯେ ଲୋକଟା ଗୋଟିଏ ରୋଗୀ ଭଳି ଦେଖାଯିବ। ତାହାଠାରେ କିଛି ଲକ୍ଷଣ ଦେଖାଯାଇ ନ ପାରେ, ମୁଁ ସୁସ୍ଥ ଦେଖାଯାଉଥିଲେ ବି ମୋ ଦେହ ଭିତରେ ଭୂତାଣୁଟା ପଶିନାହିଁ ବୋଲି କହିହେବ ନାହିଁ। ତେଣୁ ମୁଖା–ପିନ୍ଧିବା ନିଜକୁ ରକ୍ଷା କରିବା ପାଇଁ ଯେତିକି ଦରକାର ଅନ୍ୟମାନଙ୍କୁ ମୋଠାରୁ ରକ୍ଷା କରିବାକୁ ସେତିକି ଦରକାର। ସବୁ ଲୋକଙ୍କଠାରୁ ଦୂରରେ ରହିବା ସବୁବେଳେ ସମ୍ଭବ ହେଉ ନ ଥିବାରୁ ମାସ୍କଟି ଆମକୁ ଭୂତାଣୁଠାରୁ ଦୂରେଇ ରଖେ।

ଲକ୍‌ଡାଉନ୍, ଶଟ୍‌ଡାଉନ୍, କଣ୍ଟେନମେଣ୍ଟ ଆଦି ବ୍ୟବସ୍ଥା ଆମକୁ ନିଜ ଘରେ ବନ୍ଦୀ କରିଦେଉଛି। ଏବେ ଶୁଣିଲୁଣି ଘର ଭିତରେ ରହିବା ବିପଦମୁକ୍ତ ନୁହେଁ। ପବନରେ କରୋନା ଭାଇରସର କ୍ଷୁଦ୍ରାଣୁଗୁଡିକ ଭାସି ଭାସି ଯାଇପାରୁଛି ବୋଲି ବୈଜ୍ଞାନିକମାନେ ବିଶ୍ୱ ସ୍ୱାସ୍ଥ୍ୟସଂଗଠନକୁ ଲେଖି ଜଣାଇଛନ୍ତି। କଥାବାର୍ତ୍ତାରେ ଓ ହସରେ ବି ବାହାରୁଥିବା ଟିକି ଟିକି ଅଦୃଶ୍ୟ ଜଳକଣା (ଡ୍ରପ୍‌ଲେଟ୍)ରେ ଭୂତାଣୁ ଯାଇଥାଏ, ମୁଣ୍ଡର ଚାରିପଟେ କୁହୁଡି ଭଳିଆ ଖାଲି ଆଖିକୁ ଦିଶୁ ନ ଥିବା ଏକ ବାଦଲ ତିଆରି ହୋଇଯାଏ, ଶୀତଦିନେ ଆମ ଶ୍ୱାସ କିଭଳି କୁହୁଡ଼ି ସୃଷ୍ଟି କରେ ଆମେ ଦେଖିଥାଉ। ଏହି ଅଦୃଶ୍ୟ କୁହୁଡି ଭିତରେ ଥିବା ଭୂତାଣୁ ସେ ବାଟେ ଯାଉଥିବା ଲୋକର ମୁହଁକୁ ଘେରିଥାଏ, ସତେ ଯେମିତି କେହି ତା' ମୁହଁ ଆଡେ ଛେପ ଫୋପାଡିଛି କି ମୁହଁ ଉପରେ ଥୁ କରିଦେଇଛି। ସେଇଥିପାଇଁ ପ୍ରତି ଲୋକ ମୁହଁ ଓ ନାକକୁ ଘୋଡାଇ ରଖୁଥିବା ମାସ୍କ ପିନ୍ଧିବା ଦରକାର।

ଘର ଭିତରେ ଯଦି ପବନ ଯା' ଆସ କରୁ ନ ଥିବ ତେବେ ସେ ଘରଟିରେ ବାୟୁରେ ଭୂତାଣୁ ଭାସି ରହୁଥିବ। ପାଟିରୁ ବାହାରୁଥିବା ବାମ୍ପ ଉପରେ ନିର୍ଭର କରେ କେତେ ସଂଖ୍ୟାର ଭୂତାଣୁ ଥିବେ। ଯେମିତି ମଦ ପିଇବା ଜାଗା (ବାର୍) କିମ୍ବା ଖାଇ ବସିଥିବା ଜାଗା (ରେସ୍ତୋରାଁ)ରେ ଭୂତାଣୁ ମୁଣ୍ଡ ଉପରେ ଭାସି ବୁଲୁଥାନ୍ତି, ସେଠାରେ ବସିଥିବା ଲୋକେ ଶ୍ୱାସରେ ଭୂତାଣୁଗୁଡ଼ିକୁ ନିଅନ୍ତି। ଏଆରକଣ୍ଡିଶନ୍ ବ୍ୟବସ୍ଥା ଘର ଭିତର ପବନର ୯୦ ପ୍ରତିଶତରୁ ବେଶି ସେଇଠି ଥଣ୍ଡା କରିଥାଏ, ନୂଆ ପବନ ପ୍ରାୟ ନ ଥାଏ। ତେଣୁ ଆବଦ୍ଧ ଘର ବି ଭୂତାଣୁକୁ ଘର ଭିତରେ ରଖିପାରେ ଯଦି କେହି ସଂକ୍ରମିତ ଲୋକ ସେ ଘରେ ଖୋଲା ମୁହଁରେ ବୁଲିଛି।

ଆଉ ଗୋଟିଏ ନୂଆ କଥା ଜଣାପଡିଛି। ଡାକ୍ତରମାନେ କହିଲେଣି, କୋଭିଡ–୧୯ ଯେତେ ଶ୍ୱାସକ୍ରିୟାର–ରୋଗ ନୁହେଁ, ତାହାଠାରୁ ବେଶି ରକ୍ତକୋଷର–ରୋଗ। ଭୂତାଣୁ ଫୁସ୍‌ଫୁସ୍ ବାଟେ ସିନା ପଶେ, ସେଠି ଥିବା ରକ୍ତଶିରାର ଭିତର କାନ୍ଥରେ ଲାଖି ରହି କ୍ଷତ କରେ ବା କୋଷଗୁଡିକୁ ଛିଣ୍ଡାଇ ଦିଏ ; ବୃକ୍କ ଆଉ ମସ୍ତିଷ୍କ ଭଳି ବିଭିନ୍ନ ଅଙ୍ଗକୁ ବି ଏଭଳି ସଂକ୍ରମଣ କରେ। ଡାକ୍ତରମାନେ କୋଭିଡ୍–୧୯ ରୋଗୀର ଶବ ପରୀକ୍ଷା (ଅଟୋପ୍ସି) କଲାବେଳେ ଶରୀରଯାକ ହଜାର ହଜାର ଟିକି ଟିକି ରକ୍ତବିନ୍ଦୁ ବା ଛିଟିକା ଦେଖିବାକୁ ପାଉଛନ୍ତି। ଏଭଳି ଅବସ୍ଥା ହୃତ୍‌ପିଣ୍ଡକୁ ବନ୍ଦ କରିଦେଇପାରେ, ରୋଗୀର ସ୍ମୃତିଶକ୍ତିକୁ କମାଇ ଦେଇପାରେ (ଡିମେନ୍ସିଆ), ରୋଗୀ ରାସ୍ତାଘାଟ ଭୁଲିଯାଏ। ଏଭଳି ଅବସ୍ଥା ଯୋଗୁ କେତେକ ପିଲା ଓ ତରୁଣଙ୍କ ପାଦାଙ୍ଗୁଳି ତେଢାମେଢା ହୋଇଥାଏ।

ମୁଖା (ତୁଣ୍ଡି) ପିନ୍ଧିବାକୁ ମନା କରିବା ଲୋକ ମଦ ପିଇ ଗାଡି ଚଳାଉଥିବା ଲୋକ ସାଙ୍ଗରେ ସମାନ। ମଦ ନିଶାରେ ଗାଡି ଚଳାଇ ରାସ୍ତା ଯାକ ଧକ୍କା ଦେବା ଯେମିତି, ମହାମାରୀ ସମୟରେ ମୁଖା ନ ଲଗାଇ ଯିବାଆସିବା କରିବା ସେମିତି। ଫରକ ଏତିକି ଯେ, ତାହାର ଛେପ, କାଶ ଆଦିର ଧକ୍କା ଆଖିକୁ ଦିଶିବ ନାହିଁ। ଗୋଲ୍ଡମାନ୍ ସାକ୍ସ କମ୍ପାନୀ ସର୍ଭେ କରି କହିଛି ମୁଖା ପିନ୍ଧିବା ମାର୍କିନ୍ ଅର୍ଥନୀତିକୁ ସାହାଯ୍ୟ କରିବ, ବାରମ୍ବାର ଲକ୍‌ଡାଉନ୍ ଦରକାର ହେବନାହିଁ ମାନେ ଜିଡିପି ୫ ପ୍ରତିଶତ ବଢିଯିବ। ଲୁଗାଟିଏ ପିନ୍ଧିବା ଯେପରି ମଣିଷର ବ୍ୟକ୍ତିଗତ ଇଚ୍ଛା ନୁହେଁ ତାହା ଏକ ସାମାଜିକତା, ସେହିଭଳି ମୁଖାଟିଏ ପିନ୍ଧିବା ଏକ ସାମାଜିକ ଆବଶ୍ୟକତା ହେବା କଥା।

ଇମେଲ୍: sahadevas@yahoo.com

# ଆତ୍ମହତ୍ୟା ମାନସିକତା

ଡା. ବିରଞ୍ଚି ନାରାୟଣ ମଲ୍ଲିକ

ଚର୍ଚ୍ଚିତ ସିନେ କଳାକାର ସୁଶାନ୍ତ ସିଂ ରାଜପୁତ ଓ ପରେ ପରେ ଭୁବନେଶ୍ୱରର ଜଣେ ପ୍ରତିଷ୍ଠିତ ସମାଜସେବୀଙ୍କ ଆତ୍ମହତ୍ୟା ଘଟଣା ନିଶ୍ଚିତ ଭାବରେ ଆଲୋଡ଼ନ ସୃଷ୍ଟି କରିଛି। ଏ ବର୍ଷର ଜାତୀୟ ସ୍ୱାସ୍ଥ୍ୟ ପାର୍ଶ୍ୱଚିତ୍ର ଅନୁସାରେ ଦେଶରେ ବର୍ଷକୁ ୧ଲକ୍ଷ ୩୩ ହଜାର ୬୨୩ ଜଣ ଆତ୍ମହତ୍ୟା କରିଛନ୍ତି। ପ୍ରତିଦିନ ୩୬୬ ଭାରତୀୟ ଆତ୍ମହତ୍ୟା କରୁଛନ୍ତି। ଏ କ୍ଷେତ୍ରରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ତାରତମ୍ୟକୁ ବି ଦେଖିବାକୁ ପଡ଼ିବ। କାରଣ ମହିଳାଙ୍କ ତୁଳନାରେ ଅଧିକ ପୁରୁଷ ଆତ୍ମହତ୍ୟା କରୁଛନ୍ତି। ମୋଟ ଆତ୍ମହତ୍ୟାର ପ୍ରାୟ ୭୦ ପ୍ରତିଶତ ହେଲା ପୁରୁଷ। ବର୍ଷକରେ ୯୧,୫୨୮ ପୁରୁଷ ଆତ୍ମହତ୍ୟା କରିଥିବାବେଳେ ଆତ୍ମହତ୍ୟା କରିଥିବା ମହିଳାଙ୍କ ସଂଖ୍ୟା ୪୨,୦୮୮। ପୁରୁଷ ଆତ୍ମହତ୍ୟା ବର୍ଷକୁ ବର୍ଷ ବଢୁଛି। ୨୦୦୦ରେ ୬୬,୦୩୨ ପୁରୁଷ ଆତ୍ମହତ୍ୟା କରିଥିଲେ। ୨୦୦୮ରେ ସେମାନଙ୍କ ସଂଖ୍ୟା ୮୦,୫୪୪କୁ ବଢ଼ିଥିଲା ଓ ଏବେ ତାହା ଆଉ ୧୧ ହଜାର ବଢ଼ିଯାଇଛି। ଦେଖାଯାଉଛି ଯେ, ମହିଳାଙ୍କ ତୁଳନାରେ ଦୁଇଗୁଣ ପୁରୁଷ ଆତ୍ମହତ୍ୟା କରୁଛନ୍ତି। ସ୍ୱାସ୍ଥ୍ୟ ପରିସଂଖ୍ୟାନ ଅନୁସାରେ ଆତ୍ମହତ୍ୟାକାରୀଙ୍କ ମଧ୍ୟରୁ ସର୍ବାଧିକ ହେଲେ ୩୦ରୁ ୪୫ ବର୍ଷ ବୟସର। ଏଥିରୁ ଜଣାପଡୁଛି ଉପାର୍ଜନକ୍ଷମ ଓ ଘର ଚଳାଇବା ବୟସର ପୁରୁଷମାନେ ବିଭିନ୍ନ କାରଣରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ଏହି ମାନସିକ ସ୍ୱାସ୍ଥ୍ୟ ବିଶୃଙ୍ଖଳା ବୃଦ୍ଧି ସମସ୍ୟାକୁ କିପରି ରୋକାଯାଇପାରିବ ସରକାର ସେ ସଂକ୍ରାନ୍ତରେ ଉପଯୁକ୍ତ ନୀତି ପ୍ରଣୟନ କରିବା ଦରକାର। କାରଣ ଦେଶରେ ଅସଂକ୍ରମିତ ରୋଗଜନିତ ମୃତ୍ୟୁ ବଢୁଥିବାବେଳେ ସେଥିରେ ଏହାକୁ ଯୋଡ଼ିବାକୁ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପୃଥିବୀର ରୋଗ ଚାପ ସମ୍ପର୍କରେ ନିକଟରେ ପ୍ରକାଶ କରିଥିବା ରିପୋର୍ଟରେ ସଭ୍ୟ ରାଷ୍ଟ୍ରଗୁଡ଼ିକୁ ଉପଯୁକ୍ତ ନୀତି ପ୍ରଣୟନ ଜରିଆରେ ଆତ୍ମହତ୍ୟାଜନିତ ମୃତ୍ୟୁକୁ ରୋକିବା ପାଇଁ ପରାମର୍ଶ ଦେଇଛି। ନିଯୁକ୍ତି ନୀତି ପ୍ରଣୟନ କଲାବେଳେ ଉପରୋକ୍ତ ପ୍ରସଙ୍ଗରେ ନିଯୁକ୍ତିଦାତାଙ୍କ ବିଷୟକୁ ବିଚାରରେ ରଖିବାକୁ ପରାମର୍ଶ ଦିଆଯାଇଛି। ଦେଶରେ ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ପ୍ରାୟ ୧୫ କୋଟି ଭାରତୀୟଙ୍କ ମାନସିକ ଚିକିତ୍ସା ଆବଶ୍ୟକ। କିନ୍ତୁ ୩ କୋଟିରୁ କମ୍ ଲୋକ ଏହି ଚିକିତ୍ସା ନେଉଛନ୍ତି। ବିଷାଦ ଯୋଗୁ ପ୍ରତି ୨୦ ଜଣ ଭାରତୀୟଙ୍କ ମଧ୍ୟରୁ ଜଣେ ଅସୁସ୍ଥତାର ଶିକାର ହେଉଛନ୍ତି ବୋଲି ବେଙ୍ଗାଲୁରୁର ନିମ୍‌ହାଂସ୍ ସର୍ଭେରୁ ପ୍ରକାଶ। ମାନସିକ ଅସୁସ୍ଥତା ବଢୁଥିବା ବେଳେ ସେଥିପାଇଁ ଯଥେଷ୍ଟ ସଂଖ୍ୟକ ବିଶେଷଜ୍ଞ ଅର୍ଥାତ୍ ମନସ୍ତତ୍ତ୍ୱବିତ୍ ମନୋବ୍ୟାଧି ଚିକିତ୍ସକ ନାହାନ୍ତି। ଦେଶରେ ୬୬,୨୦୦ ମାନସିକ ରୋଗ ଚିକିତ୍ସକଙ୍କର ଅଭାବ ରହିଛି। ମାନସିକ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ସାଙ୍ଗକୁ ଆତ୍ମହତ୍ୟାର ସମସ୍ତ କାରଣ ବିଚାରକୁ ନିଆଯିବା ଦରକାର ଏବଂ ତା'ର ସମାଧାନ ଲାଗି ପଦକ୍ଷେପ ନିଆଯିବା ଆବଶ୍ୟକ। ତାହା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇ ବିଶେଷ ଭାବରେ ପରିବାର ଦ୍ୱାରା ବିଷାଦଗ୍ରସ୍ତ ଲୋକଙ୍କୁ ସୁଧାରିବାକୁ ବି ଉଦ୍ୟମ ହେବା ଲୋଡ଼ା।

ଆତ୍ମହତ୍ୟା ପଛରେ ସାମାଜିକ କାରଣ ସବୁ ରହିଛି। ବିଫଳ ବିବାହ, ବିବାହରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ପରକୀୟା ପ୍ରୀତି ଏଭଳି ପରିସ୍ଥିତି ପଛରେ ଥିବା କାରଣଗୁଡ଼ିକ ଭିତରୁ ଅନ୍ୟତମ। ଅର୍ଥସର୍ବସ୍ୱ ଜୀବନରେ ସ୍ନେହ, ସଦିଚ୍ଛା, ସମ୍ବେଦନଶୀଳତା ଓ ତ୍ୟାଗ ଭଳି ଭାବର ମୂଲ୍ୟ ଦ୍ରୁତଗତିରେ କମିବାରେ ଲାଗିଛି। ସେମିତି ଦୁରାରୋଗ୍ୟ ବ୍ୟାଧି ଯୋଗୁ ବୃଦ୍ଧି ପାଏ ଆତ୍ମହତ୍ୟା ଘଟଣା। ବ୍ୟୟବହୁଳ ଚିକିତ୍ସା ଲାଗି ସମର୍ଥ ଲୋକେ ବି କାହିଁକି ଏଭଳି ସ୍ଥଳେ ଆତ୍ମହତ୍ୟା କରୁଛନ୍ତି?

ଆଧୁନିକ ଜୀବନଶୈଳୀରେ ବ୍ୟସ୍ତବିବ୍ରତ ମଣିଷ ସମସ୍ୟା ସମାଧାନର ପନ୍ଥା ନ ପାଇ ଆତ୍ମହତ୍ୟାକୁ ଶେଷ ରାସ୍ତା ଭାବେ ବାଛି ନେଉଛି। ତଥ୍ୟାନୁଯାୟୀ, ଦେଶରେ ପ୍ରତି ୧ଘଣ୍ଟାରେ ହାରାହାରି ୧୫ ଜଣ ଆତ୍ମହତ୍ୟା କରୁଛନ୍ତି। ପ୍ରତି ୬ଟି ଆତ୍ମହତ୍ୟାରେ ଜଣେ ଗୃହିଣୀ ଜୀବନ ହାରୁଛନ୍ତି। ଅନ୍ୟପକ୍ଷରେ ପ୍ରତି ୧୦୦ଟି ଆତ୍ମହତ୍ୟାରେ ୬୮ ପୁରୁଷ ଓ ୩୨ ଜଣ ମହିଳା ଥିବା ଜଣାପଡ଼ିଛି। ସାମାଜିକ ଜୀବନଶୈଳୀରେ ଏବେ ବିଚିତ୍ର ବିରୋଧାଭାସ ଦେଖିବାକୁ ମିଳିଛି। ପୁରୁଷ ଓ ନାରୀ କର୍ମକ୍ଷେତ୍ରରେ ସମାନ ସ୍ଥାନ ଅଧିକାର କରୁଛନ୍ତି। ବଡ଼ ବଡ଼ କର୍ପୋରେଟ ସଂସ୍ଥାର ମୁଖ୍ୟ ଭାବେ ମହିଳାମାନଙ୍କୁ ଦେଖିବାକୁ ମିଳୁଛି। ଅନ୍ୟ ପକ୍ଷରେ ପୁରୁଷ କର୍ମକ୍ଷେତ୍ରରେ ବିଫଳତାକୁ ସହଜ ଭାବେ ଗ୍ରହଣ କରିପାରୁନାହିଁ। ଘରୋଇ ହିଂସାରେ ପୀଡ଼ିତାଟିଏ ମଧ୍ୟ ଆତ୍ମହତ୍ୟାକୁ ଶେଷ ପରିଣତି ବୋଲି ସ୍ଥିର କରିନେଉଛି। ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ସଂଖ୍ୟା ବଢ଼ିବା ଏହି ପ୍ରେମରେ ବିଫଳତାର ଏକ ମୁଖ୍ୟ କାରଣ। ଗତବର୍ଷ ପ୍ରେମ ବ୍ୟାପାରରେ ୨୭୫ ଜଣ ଜୀବନ ହାରିଥିବା ଜଣାପଡ଼ିଛି। ସେହିପରି ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ୬୭ ଜଣ ଛାତ୍ର ଓ ୫୦ ଜଣ ଛାତ୍ରୀ ଗତବର୍ଷ ଆତ୍ମହତ୍ୟା କରିଛନ୍ତି। ଦାରିଦ୍ର୍ୟ, ଅଭାବ ଅନଟନକୁ ସାମ୍ନା କରି ନ ପାରି ଅଭାବୀ ଲୋକଟିଏ ଆତ୍ମହତ୍ୟାକୁ ବାଛି ନେଉଛି। ଦେଶରେ ଚାଷୀ ଆତ୍ମହତ୍ୟା ମଧ୍ୟ ଏକ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଗତବର୍ଷ ଦେଶରେ ୫,୬୫୦ ଚାଷୀ ଆତ୍ମହତ୍ୟା କରିଛନ୍ତି ବୋଲି ଏନ୍‌ସିଆରବି ରିପୋର୍ଟରୁ ପ୍ରକାଶ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ପରିସଂଖ୍ୟାନ ଅନୁସାରେ ହାରାହାରି ୧ଲକ୍ଷ ଟଙ୍କାରୁ କମ୍ ବାର୍ଷିକ ଆୟ ଥିବା ଲୋକଙ୍କ ଆତ୍ମହତ୍ୟା ହାର ୬୯.୭ ପ୍ରତିଶତ। ବାର୍ଷିକ ୧ ଲକ୍ଷରୁ ୫ ଲକ୍ଷ ଟଙ୍କା ମଧ୍ୟରେ ଆୟ କରୁଥିବା ଲୋକଙ୍କ ଆତ୍ମହତ୍ୟା ହାର ୨୭.୯ପ୍ରତିଶତ। ୨୦୧୪ରେ ମହାରାଷ୍ଟ୍ରରେ ସର୍ବାଧିକ ୧୬,୩୧୦ ଜଣ ଆତ୍ମହତ୍ୟା କରିଛନ୍ତି। ୨୦୧୩ ତୁଳନାରେ ଓଡ଼ିଶାରେ ଆତ୍ମହତ୍ୟା ସଂଖ୍ୟା ପାଖାପାଖି ୧,୧୦୦ କମିଛି। ୨୦୧୩ରେ ୫,୨୫୨ଜଣ ଆତ୍ମହତ୍ୟା କରିଥିବାବେଳେ ୨୦୧୪ରେ ସେହି ସଂଖ୍ୟା ୪,୧୬୦କୁ ହ୍ରାସ ପାଇଛି। ଦେଶରେ ସଂଘଟିତ ଆତ୍ମହତ୍ୟା ମଧ୍ୟରେ ଓଡ଼ିଶାର ୩.୨ ପ୍ରତିଶତ ଅନ୍ତର୍ଭୁକ୍ତ। ରାଜ୍ୟରେ ବିବାହ ଓ ଯୌତୁକଜନିତ ଆତ୍ମହତ୍ୟାରେ ୭୧ ପୁରୁଷ ଓ ୧୦୦ ମହିଳା ଜୀବନ ହାରିଥିବା ଏହି ପରିସଂଖ୍ୟାନରୁ ପ୍ରକାଶ। ତେବେ ପାରିବାରିକ ସମସ୍ୟାରେ ରାଜ୍ୟର ୪୧୧ ପୁରୁଷ ଓ ୩୩୭ ମହିଳା ଗତବର୍ଷ ଆତ୍ମହତ୍ୟା କରିଛନ୍ତି। ଦୁରାରୋଗ୍ୟ କର୍କଟ ପୀଡ଼ିତଙ୍କ ମଧ୍ୟରୁ ୨୮, ପକ୍ଷାଘାତ ରୋଗୀଙ୍କ ମଧ୍ୟରୁ ୧୬, ମାନସିକ ବିକାରଗ୍ରସ୍ତ ରୋଗୀଙ୍କ ମଧ୍ୟରେ ୯୦ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ। ଜୀବନରେ ଗୋଟିଏ ରାସ୍ତା ବନ୍ଦ ହୋଇଗଲେ ଅନ୍ୟ ରାସ୍ତାଟିଏ ଖୋଲିଯାଏ। ତେଣୁ କୌଣସି ବିଫଳତାରେ ଭାଙ୍ଗିପଡ଼ିବା ଉଚିତ ନୁହେଁ। ଗୋଟିଏ ସମୟରେ ଶ୍ରେଣୀରେ ପଛୁଆ ଛାତ୍ର ଥିବା ଆଇନଷ୍ଟାଇନ୍ ପରବର୍ତ୍ତୀ ସମୟରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ହୋଇପାରିଥିଲେ। ସେହିପରି ଏକ ସମୟରେ ନିଜ କଣ୍ଠସ୍ୱର ପାଇଁ ଆକାଶବାଣୀ ପାଇଁ ମନୋନୀତ ହୋଇପାରି ନ ଥିବା ବଲିଉଡର କିମ୍ବଦନ୍ତୀ ନାୟକ ଅମିତାଭ ବଚ୍ଚନଙ୍କ କଣ୍ଠସ୍ୱରର ସଂଳାପ ଆଜି ସମୟରେ ବହୁ ମୂଲ୍ୟବାନ, ଏକଥା ପ୍ରମାଣିତ ହୋଇସାରିଛି। ଆତ୍ମହତ୍ୟା ଏକ ପାପ, ଏକ ଅପରାଧ। ଜୀବନଯୁଦ୍ଧରେ ପରାହତ ସୈନିକ ଭଳି ଅନୁଭବ କରି ଆତ୍ମହତ୍ୟାକୁ ଚରମ ପନ୍ଥା ଭାବେ ଆପଣେଇ ନେବା କେତେଦୂର ସମୀଚୀନ, ଏକଥା ଆଜିର ମଣିଷ ହୃଦୟଙ୍ଗମ କରିବା ଉଚିତ।

ସର୍ଜରି ବିଶେଷଜ୍ଞ, କଟକ,
ମୋ: ୯୪୩୭୨୭୭୭୪୮

## ଏଇ ଭାରତରେ

ଜୀବନରେ ରୋଜଗାର କରି ଚଳିବାର ଲକ୍ଷ୍ୟ କାହାର କେମିତି ଥାଇପାରେ, କିନ୍ତୁ ରାଜକୁମାରୀ କିନ୍ନରଙ୍କ ଦୃଷ୍ଟିଭଙ୍ଗୀ ଭିନ୍ନ। ସେ ଏକାକୀ ରୋଜଗାର କରି ୮ ଜଣ ଅନାଥ ଶିଶୁଙ୍କୁ ପାଳିପୋଷି ମଣିଷ କରିଛନ୍ତି। ଏମାନଙ୍କ ମଧ୍ୟରେ ୫ ଜଣ ଝିଅ ଓ ୩ ପୁଅ। ସବୁ ଝିଅ ଓ ବଡ଼ ପୁଅଙ୍କୁ ବାହା କରି ଦେଇଛନ୍ତି। ୯ ମାସର ପୁଅଟିଏ ଓ ୧୩ ବର୍ଷୀୟ ପୁଅ ଶୁଭମ୍ ସହ ତାଙ୍କର ବେଶି ସମୟ କଟୁଛି। ଟ୍ରାନ୍ସଓମ୍ୟାନ୍ ରାଜକୁମାରୀଙ୍କୁ ଏବେ ବୟସ ୫୫। ତାଙ୍କୁ ଲୋକମାନେ ଶ୍ରଦ୍ଧାରେ ଡାକନ୍ତି ରାଜକୁମାରୀ କିନ୍ନର ମା'। ସେ ଝାଡ଼ଖଣ୍ଡ ବୋକାରୋ ଜିଲ୍ଲାର ରିତୁଡିହି ଗାଁରେ ରହନ୍ତି। ୧୦ ବର୍ଷ ବୟସରେ ତାଙ୍କୁ ମା'ବାପା ଘରୁ ବାହାର କରିଦେବା ପରେ ସେ ବୋକାରୋ ଆସି ଏକ ମନ୍ଦିର ପାଖ ରାସ୍ତାରେ ଜୀବନ କଟାଇଥିଲେ। ପରେ ସେଠାକାର କିନ୍ନର ସମାଜ ତାଙ୍କୁ କୋଳେଇ ନେଇଥିଲା। ଜୀବନ ସଂଗ୍ରାମରେ ଜିତିବା ପରେ ସେ ଅନ୍ୟମାନଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଅସହାୟମାନଙ୍କୁ ଖାଦ୍ୟ ଓ ପୋଷାକ ବାଣ୍ଟୁଛନ୍ତି। ଗରିବ ପରିବାରର ଝିଅଙ୍କ ବାହାଘରରେ ବି ଖର୍ଚ୍ଚ କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ଥିବା ଅନାଥ ଆଶ୍ରମର ପିଲାଙ୍କ ଶିକ୍ଷା ପାଇଁ ଅର୍ଥ ଏବଂ ଗୃହହୀନ ବରିଷ୍ଠ ନାଗରିକଙ୍କୁ ବସ୍ତ୍ର ଓ ରାଶନ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଏଥିପାଇଁ ଆବଶ୍ୟକ ଅର୍ଥ ରୋଜଗାର କରିବା ଲାଗି ସେ ବହୁ କଷ୍ଟ ସ୍ୱୀକାର କରୁଛନ୍ତି। ନବଜାତ ଶିଶୁ ତଥା ନବଦମ୍ପତିଙ୍କୁ ଆଶୀର୍ବାଦ କରିବାକୁ ଯେଉଁମାନେ ରାଜକୁମାରୀଙ୍କୁ ଡାକିଥାନ୍ତି ସେମାନେ ତାଙ୍କୁ ଟଙ୍କା ଓ ଗହଣା ଦାନ ଦେଇଥାନ୍ତି। ରୋଜଗାର କରିବାକୁ ସେ ରାସ୍ତାରେ ନାଚନ୍ତି। ସହରର ବିଭିନ୍ନ ଜାଗାରେ କାମ ବି କରନ୍ତି। ଗହଣା ବିକି ସେ ଏହି କାର୍ଯ୍ୟରେ ଖର୍ଚ୍ଚ କରୁଛନ୍ତି। କରୋନା ମହାମାରୀ ସମୟରେ ଯେତେ କଷ୍ଟ ହେଲେ ମଧ୍ୟ ଏହି ସେବା ଜାରି ରଖିବେ ବୋଲି କହନ୍ତି ରାଜକୁମାରୀ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜୁଲାଇ ୧୯୯୫

- ବରିଷ୍ଠ ଅକାଳୀ ନେତା ତଥା ଅକାଳୀ ଦଳ ମାନ୍ ଗୋଷ୍ଠୀର ସଭାପତି ସିମରନ୍‌ଜିତ୍ ସିଂ ମାନ୍‌ଙ୍କୁ ଟାଡା ଆଇନ ବଳରେ ଗିରଫ କରାଯାଇଛି।
- ବିଶିଷ୍ଟ ବଙ୍ଗଳା ଲେଖିକା, ଔପନ୍ୟାସିକା ତଥା ଶିଶୁ ସାହିତ୍ୟିକା ଆଶାପୂର୍ଣ୍ଣା ଦେବୀଙ୍କ ୮୬ ବର୍ଷ ବୟସରେ ପରଲୋକ।
- କମ୍ପ୍ୟୁଟର ଜରିଆରେ ଚେସ୍ ଖେଳ ଅନୁଷ୍ଠିତ କରାଇବା ପାଇଁ ବିଶ୍ୱ ଚେସ୍ ସଂସ୍ଥା (ଫିଡେ) ପକ୍ଷରୁ ଏକ ନୂଆ ପ୍ରକାର କୌଶଳ ଉଦ୍ଭାବନ କରାଯାଇଛି।
- ଆଙ୍ଗୋଲାରେ ମୁତୟନ ହୋଇଥିବା ଜାତିସଂଘ ଶାନ୍ତି ସୈନ୍ୟଙ୍କୁ ସହଯୋଗ ଦେବା ପାଇଁ ୨୦୦ ଭାରତୀୟ ଶାନ୍ତି ସେନାଙ୍କ ଆଙ୍ଗୋଲା ଯାତ୍ରା।

## ଚିରନ୍ତନୀ

ମୁକୁଳାଇ କେଶ ଆକୁଳାଇ ମୋର ହିଆ
କିଏ ସେ ଆଜି ଗୋ ଦୁଆରେ ହୋଇଲ ଠିଆ?
ଅଙ୍ଗେ ଦୁକୂଳ ବଖାଣଇ ନିଜ ଶୋଭା।
ଶୂନ୍ୟ ଏ ଘରେ ଆସିଲ କାହାର ପ୍ରିୟା!
(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 7 | | 6 | 8 | 2 | | A | |
| | | C | | | 1 | | | 5 | | 4 | 7 | | 9 | |
| | | | | A | | 2 | | | | C | B | 6 | | 3 |
| | | | | | | | 0 | 6 | | | | | B | |
| | | | 9 | | 5 | A | C | | | 3 | | | E | 2 |
| | | | | | | 1 | | | | 5 | | | | 7 |
| | | E | 5 | | C | | | | | 0 | | | | B |
| | | | | 9 | 3 | | B | | | 2 | | | D | 8 |
| | | | | | 0 | | | | | 6 | D | 5 | C | |
| | | | 2 | B | | | | | | | 9 | | | |
| | | 7 | | 6 | | | | 8 | | | A | | | 9 |
| | | | | 3 | | | | | | | | 1 | | |
| | | 3 | | 2 | 9 | | | A | D | | 4 | | 6 | 5 |
| | 4 | 5 | | | | | | D | | 7 | 8 | A | | 0 |
| 9 | | 0 | | | D | 6 | | 7 | | | C | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | 6 | 8 | B | 0 | A | E | 3 | D | 2 | 1 | 5 | 4 | 7 |
| 7 | B | 1 | 9 | 6 | D | 4 | 2 | 0 | 5 | 3 | 8 | C | A | E |
| 5 | 0 | A | 2 | E | 3 | D | C | 1 | 7 | 4 | B | 6 | 9 | 8 |
| 4 | 8 | E | 7 | 1 | C | B | 5 | 9 | 6 | A | 0 | 2 | 3 | D |
| D | 2 | 3 | 4 | A | 5 | 6 | 7 | 8 | E | C | 9 | B | 0 | 1 |
| 6 | 5 | B | 0 | 7 | E | 1 | 8 | 4 | 2 | 9 | 3 | D | C | A |
| 3 | 9 | 2 | A | C | B | 5 | 6 | E | 8 | D | 7 | 0 | 1 | 4 |
| 1 | A | 0 | 5 | 8 | 4 | 2 | 9 | D | B | E | C | 3 | 7 | 6 |
| E | 7 | 4 | D | 3 | 6 | C | 0 | B | A | 1 | 5 | 8 | 2 | 9 |
| 8 | D | C | 1 | 9 | 2 | 3 | A | 7 | 0 | 6 | 4 | E | 5 | B |
| C | 4 | 7 | 6 | 0 | 1 | 9 | B | 5 | 3 | 8 | E | A | D | 2 |
| B | E | 8 | C | 5 | 9 | 0 | D | A | 4 | 7 | 2 | 1 | 6 | 3 |
| 2 | 6 | D | B | 4 | 7 | 8 | 3 | C | 1 | 5 | A | 9 | E | 0 |
| 0 | 1 | 9 | 3 | D | A | E | 4 | 2 | C | B | 6 | 7 | 8 | 5 |
| A | 3 | 5 | E | 2 | 8 | 7 | 1 | 6 | 9 | 0 | D | 4 | B | C |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଏଫ୍‌ଏମ୍ ରେଡିଓର ଉପଯୋଗ

ମହାଶୟ,

କରୋନା ମହାମାରୀ ତା'ର କାୟା ବିସ୍ତାର କରି ଚାଲିଲାବେଳେ ଆମ ପ୍ରିୟ ନେତାଙ୍କର ଭୂମିକା କ'ଣ, ବିଗତ ଜାନୁୟାରୀ ମାସରୁ ଜଣା ଯାଉନାହିଁ। ନେତାଙ୍କର ମନ୍ କି ବାତ୍ ଏଫ୍.ଏମ୍.ରେଡ଼ିଓରୁ ଶୁଣା ଯାଉନାହିଁ। ଶାସକ ଦଳର ନେତା ହୁଅନ୍ତୁ ବା ବିରୋଧୀ ଦଳର ନେତା ଏମାନଙ୍କୁ ସ୍ଥାନୀୟ ଏଫ୍.ଏମ୍. ରେଡ଼ିଓ କେନ୍ଦ୍ରର ପ୍ରୋଗ୍ରାମ୍‌ରେ ନିତ୍ୟ କିଛି ସମୟ ମନ୍ କି ବାତ୍ କହିବାକୁ ଦିଆଗଲେ ଭଲ ହୁଅନ୍ତା। ରାଜ୍ୟର ମୁଖ୍ୟ ଖବର ବାଦ୍ ସ୍ଥାନୀୟ ଖବର ଓ କରୋନା ସତର୍କତା ସମ୍ପର୍କରେ ଲୋକଙ୍କୁ ଶୁଣାଇଲେ ଲୋକେ ଉପକୃତ ହୋଇପାରନ୍ତେ। ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ସର୍ବତ୍ର ମୋବାଇଲ, ଲାପ୍‌ଟପ, ଟିଭି ନାହିଁ। ଏଣୁ ଏହି ଏଫ୍.ଏମ୍.ରେ ପାଠପଢ଼ା ସରକାର ଶୀଘ୍ର ଚାଲୁକରନ୍ତୁ। ରୋଗର ଲକ୍ଷଣ ବିଷୟରେ ଡାକ୍ତରମାନେ ମଧ୍ୟ ଭାଗ ନେଇ ରେଡ଼ିଓରେ ପ୍ରଚାର କରନ୍ତୁ। ସରକାର ଏହା ଶୀଘ୍ର କରିପାରିଲେ ବହୁଜନଙ୍କ ହିତ ହୋଇପାରିବ। ଲୋକପ୍ରତିନିଧିମାନେ ଏହି କରୋନା ଆତଙ୍କ ବେଳେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଏଫ୍.ଏମ୍ ରେଡ଼ିଓ ସେଣ୍ଟରଗୁଡ଼ିକୁ ତୁରନ୍ତ କାର୍ଯ୍ୟରେ ଲଗାନ୍ତୁ।

ଅଜୟ କୁମାର ବେହେରା, ଅରୁଣୋଦୟ ନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବ୍ଲକ ଯୋଡ଼ିପାରନ୍ତା ବଡ଼କମର ସେତୁ

ଢେଙ୍କାନାଳ ଅଫିସ,୧୩।୭

ବ୍ରାହ୍ମଣୀ ନଦୀରେ ସେତୁଟିଏ ହେଲେ ଏହା ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସହ ସିଧାସଳଖ ଓଡାପଡା ବ୍ଲକକୁ ଯୋଡ଼ିପାରନ୍ତା। ୫୫ନଂ ଏବଂ ୫୩ନଂ ଜାତୀୟ ରାଜପଥ ମଧ୍ୟରେ ସଂଯୋଗ ରକ୍ଷା କରିପାରନ୍ତା। ଢେଙ୍କାନାଳ ସଦର ମହକୁମାରୁ ଓଡାପଡା ବ୍ଲକ ଖଡଗପ୍ରସାଦ ଦେଇ ପରଜଙ୍ଗକୁ ଗମନାଗମନର ଉନ୍ନତ ମାର୍ଗଟିଏ ଫିଟାଇପାରନ୍ତା। ହେଲେ ଏସବୁ ଅଟକି ଯାଇଛି ପ୍ରସ୍ତାବରେ। ଦୁଇ ବର୍ଷ ହେଲା ନାବାର୍ଡରୁ ଅନୁମୋଦନ ମିଳୁ ନ ଥିବାରୁ ଏହି ବହୁ ପ୍ରତୀକ୍ଷିତ ବଡ଼କମର ସେତୁ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

ପୂର୍ତ୍ତ ବିଭାଗର ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବଡକମର ଓ ଓଡାପଡା ବ୍ଲକ ଖଡଗପ୍ରସାଦ ମଧ୍ୟରେ ଥିବା ବ୍ରାହ୍ମଣୀ ନଦୀ ଉପରେ ଏହି ସେତୁ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଫଳରେ ୧୫୩ କୋଟି ଟଙ୍କା ବ୍ୟୟରେ ୧୨୦୦ ମିଟର ଲମ୍ବ ଓ ୧୧ ମିଟର ଚଉଡାର ସେତୁ ନିର୍ମାଣ ନିମନ୍ତେ ସରକାରଙ୍କ ଯୋଜନା ରହିଥିଲା। ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ ଦୁଇଥର ଏହାର ପ୍ରସ୍ତାବ ଅନୁମୋଦନ ନିମନ୍ତେ ନାବାର୍ଡ ନିକଟକୁ ପଠାଯାଇଥିଲା। କିନ୍ତୁ ଏଯାଏ କିଛି ବି ପଦକ୍ଷେପ ନିଆଯାଇ ନାହିଁ। ଉକ୍ତ ପ୍ରସ୍ତାବ ଅନୁମୋଦନ ଲାଭ କଲେ ପରଜଙ୍ଗ ବ୍ଲକ ଓ ଓଡାପଡା ବ୍ଲକ ମଧ୍ୟରେ ସିଧାସଳଖ ସମ୍ପର୍କ ରକ୍ଷା ହୋଇପାରିବ। ଢେଙ୍କାନାଳରୁ ପରଜଙ୍ଗ ରାସ୍ତା ୨୫ କିମି ହ୍ରାସ ପାଇପାରିବ। ସେହିପରି ପରଜଙ୍ଗ ବ୍ଲକର ବଡକମର ଓ ଓଡ଼ାପଡ଼ା ବ୍ଲକର ଖଡଗପ୍ରସାଦ ଗ୍ରାମବାସୀ ବିଭିନ୍ନ ସମୟରେ ହେଉଥିବା ପର୍ବପର୍ବାଣିରେ ଏକାଠି ହୋଇପାରିବେ। ଓଡାପଡା ବ୍ଲକ ଅଞ୍ଚଳରେ ବହୁ ଶିଳ୍ପାନୁଷ୍ଠାନ ଗଢି ଉଠିଥିବାରୁ ସେଠାରେ କାମ କରୁଥିବା ପରଜଙ୍ଗ ଅଞ୍ଚଳର ଲୋକମାନେ ମଧ୍ୟ ସୁବିଧାରେ ଯାତାୟାତ କରିପାରିବେ। ଏଥିପାଇଁ ସେମାନଙ୍କୁ ଆଉ ଡଙ୍ଗା ଉପରେ ନିର୍ଭର କରିବାକୁ ପଡ଼ନ୍ତା ନାହିଁ କି ବ୍ରାହ୍ମଣୀ ଡଙ୍ଗାବୁଡ଼ି ପରି ଦୁର୍ଘଟଣା ଭବିଷ୍ୟତରେ ଘଟିବାର ଆଶଙ୍କା ରୁହନ୍ତା ନାହିଁ। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କହିଛନ୍ତି, ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ବଡକମର ସେତୁ ନିର୍ମାଣ ପାଇଁ ନାବାର୍ଡର ଅନୁମୋଦନ ନିମନ୍ତେ ଦୁଇଥର ପ୍ରସ୍ତାବ ଯାଇଛି। ପ୍ରସ୍ତାବ ଅନୁମୋଦିତ ହୋଇ ଆସିଲେ ସେତୁ ନିର୍ମାଣ କାର୍ଯ୍ୟ ଯଥାସମ୍ଭବ ଆରମ୍ଭ ହେବ।


ବଡକମର ଓ ଖଡଗପ୍ରସାଦଠାରେ ଥିବା ବ୍ରାହ୍ମଣୀ ନଦୀ।

- ୨ ବର୍ଷ ହେଲା ମିଳୁନି ଅନୁମୋଦନ
- ନାବାର୍ଡ ନିକଟରେ ଅଟକିଛି ପ୍ରସ୍ତାବ
- ନିର୍ମାଣ ନେଇ ବଢୁଛି ଅନିଶ୍ଚିତତା

## ଅନୁଗୋଳରେ ୭ ନୂଆ ପଜିଟିଭ୍

**ଅନୁଗୋଳ ଅଫିସ୍, ୧୩।୭:** ଅନୁଗୋଳ ଜିଲାରେ ସୋମବାର ଆଉ ୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ରହିଛନ୍ତି। ଅନ୍ୟ ୬ଜଣଙ୍କ ମଧ୍ୟରୁ ଅନୁଗୋଳ ପୌରାଞ୍ଚଳର ଜଣେ ୩୮ ବର୍ଷର ଯୁବକ ରହିଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡରେ ଚିକିତ୍ସିତ ତାଳଚେର ଅଞ୍ଚଳର ଜଣେ ୩୯ ବର୍ଷର ଯୁବକ, ତାଳଚେରଠାରେ ଥିବା ଏକ କାରଖାନାରେ କାର୍ଯ୍ୟରତ ଜଣେ ବ୍ୟକ୍ତି ଏବଂ ଅନ୍ୟ ଜଣେ କର୍ମଚାରୀଙ୍କ ସ୍ତ୍ରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଅନୁଗୋଳ ବ୍ଲକ ଅଞ୍ଚଳର ଜଣେ ୫୭ ବର୍ଷୀୟ ବ୍ୟକ୍ତି ଓ ବଅଁରପାଳ ବ୍ଲକ ଅଞ୍ଚଳର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଆଉ ଜଣେ କର୍ମଚାରୀ ପଜିଟିଭ ବାହାରିଛନ୍ତି। ସଂକ୍ରମିତ ୭ ଜଣଙ୍କ ମଧ୍ୟରୁ ୬ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ୧୦୦ ଡେଇଁଲା ସଂଖ୍ୟା

**ଢେଙ୍କାନାଳ ଅଫିସ,୧୩।୭:** ଢେଙ୍କାନାଳ ଜିଲାରେ ସୋମବାର ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ମୋଟ୍ ପଜିଟିଭ୍ ସଂଖ୍ୟା ୧୦୧ରେ ପହଞ୍ଚିଯାଇଛି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ପରଜଙ୍ଗ ବ୍ଲକ କୁମୁସି ସଙ୍ଗରୋଧ କେନ୍ଦ୍ରରୁ ୨ଜଣ, ସାନ୍ଦା ସଙ୍ଗରୋଧ କେନ୍ଦ୍ରରୁ ଜଣେ, ଗଁନ୍ଦିଆ ବ୍ଲକ ଖଣ୍ଡବନ୍ଧ ସଙ୍ଗରୋଧ କେନ୍ଦ୍ରରୁ ଜଣେ, ହୋମ୍ କ୍ୱାରାଣ୍ଟାଇନରେ ଥିବା ୨ଜଣ ଓ କଙ୍କଡାହାଡ ବ୍ଲକର ଜଣେ କ୍ୟାନସର ରୋଗୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନେ ରହୁଥିବା ସମସ୍ତ ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇଛି। ଦୁଇଟି ଗାଁ ଓ ଗୋଟିଏ ସଙ୍ଗରୋଧ କେନ୍ଦ୍ରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ନୂଆ ୭ଜଣଙ୍କ ମଧ୍ୟରୁ ୬ଜଣଙ୍କୁ ଢେଙ୍କାନାଳ ଜିଲା କୋଭିଡ୍ ହସପିଟାଲ ଓ ଅନ୍ୟ ଜଣଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ହସପିଟାଲକୁ ପଠାଯାଇଛି।

## ସଂକ୍ଷେପରେ

### ଜିଲାସ୍ତରୀୟ ଅଣୁ ଲୋକ ଅଦାଲତ

**ଢେଙ୍କାନାଳ ଅଫିସ,୧୩।୭:** ଢେଙ୍କାନାଳ ସିଭିଲ କୋର୍ଟ ଓ କାମାକ୍ଷାନଗର କୋର୍ଟ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ଅଣୁ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧୀକରଣର ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟର ଦୁର୍ଘଟଣା ଜନିତ ୨୯ଟି ମାମଲାର ଫଏସଲା କରାଯିବା ସହ ପ୍ରାପ୍ୟ ବାବଦକୁ ୧ କୋଟି ୫୯ଲକ୍ଷ ୭୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାଜଜ୍ ରାଜକିଶୋର ମହାପାତ୍ର ଉପସ୍ଥିତ ଥିଲେ। ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁକାନ୍ତ କିଶୋର ଜେନା ଅଦାଲତ ପରିଚାଳନା କରିଥିଲେ। ଆଇନସେବା ପ୍ରାଧିକରଣ ଓ ସିଭିଲକୋର୍ଟ କର୍ମଚାରୀମାନେ ସହଯୋଗ କରିଥିଲେ।

### କଳାବ୍ୟାଜ ପିନ୍ଧିଲେ ସ୍ୱାସ୍ଥ୍ୟ କର୍ମଚାରୀ

**ଛେଣ୍ଡିପଦା,୧୩।୭ (ସ୍ୱ.ପ୍ର.)** ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପିଏମ(ବ୍ଲକ ପ୍ରୋଗ୍ରାମ ମ୍ୟାନେଜର)ଙ୍କ ବଦଳି ଓ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ସୋମବାର ସ୍ୱାସ୍ଥ୍ୟ କର୍ମଚାରୀମାନେ କଳାବ୍ୟାଜ ପିନ୍ଧିଥିଲେ। ନିଦାନ କେନ୍ଦ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆନୁଷଙ୍ଗିକ ଉପକରଣ ଯୋଗାଇବାକୁ ବାରମ୍ବାର ଅବଗତ କରାଯାଉଥିଲେ ହେଁ ବିପିଏମ୍ କର୍ଣ୍ଣପାତ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ରୋଗୀଙ୍କୁ ଚିକିତ୍ସା ବେଳେ ଅସୁବିଧା ହେଉଥିବା ସ୍ୱାସ୍ଥ୍ୟକର୍ମୀମାନେ ପ୍ରକାଶ କରିଛନ୍ତି। ଖବରପାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଭୟ କୁମାର ଦାଶ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୟ କୁମାର ବେହେରା ଓ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଧୀରେନ କୁମାର ପ୍ରଧାନଙ୍କ ସହିତ ଆଲୋଚନା କରିବା ସହିତ ଆନ୍ଦୋଳନ ନ କରିବା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଗିଦ୍ କରିଥିଲେ। ସମସ୍ତ କର୍ମଚାରୀ ଆପୋସ ବୁଝାମଣା ସହ ସହଯୋଗ ଭିତ୍ତିରେ ସମସ୍ୟା ସମାଧାନ କରିବାକୁ ପରାମର୍ଶ ଦେବାପରେ ଆନ୍ଦୋଳନ ହଟିଥିଲା।

### ସଂଗ୍ରହ ହେଲା ୪୫ ସ୍ୱାବ୍

**ଅନୁଗୋଳ ଅଫିସ୍, ୧୩।୭:** ଅନୁଗୋଳ ବ୍ଲକ ଛେଲିଆପଡ଼ା ପଞ୍ଚାୟତର ଜଣେ ବ୍ୟକ୍ତି କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସୋମବାର ମେଡିକାଲ ଟିମ୍ ସେଠାରୁ ମୋଟ୍ ୪୫ ଜଣଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ଯଦି ପଞ୍ଚାୟତରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଏ ତା'ହେଲେ ଜିଲାପାଳଙ୍କ ଅନୁମତି ଆଣି ପଞ୍ଚାୟତକୁ ଶଟ୍‌ଡାଉନ୍ କରାଯିବ ବୋଲି ଛେଲିଆପଡ଼ା ସରପଞ୍ଚ ସୁଧୀର ବାଘ ସୂଚନା ଦେଇଛନ୍ତି।

### ୫୨ ନମୁନା ନେଗେଟିଭ୍

**ଢେଙ୍କାନାଳ ଅଫିସ, ୧୩।୭:** ଢେଙ୍କାନାଳ ସହରରେ ଥିବା ଏକ ମନ୍ଦିରର ଜଣେ ପୂଜକ ଗତ ସପ୍ତାହରେ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୫୨ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ରବିବାର ସନ୍ଧ୍ୟାରେ ସମସ୍ତଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ୍ ଆସିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ରଙ୍କ ସୂତ୍ରରୁ ଜଣାପଡିଛି।

### ପାଉଁଶ ପରିବହନକୁ ବିରୋଧ

**କଣିହାଁ, ୧୩।୭(ଡି.ଏନ.ଏ.):** କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ଆଶ୍‌ପଣ୍ଡରୁ ପାଉଁଶ ପରିବହନକୁ ବିରୋଧ କରି ସୋମବାର ଟାକୁଆ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଦୈନିକ ହଜାରେରୁ ଊର୍ଦ୍ଧ୍ୱ ଭାରିଯାନରେ ପାଉଁଶ ପରିବହନ ହେଉଛି। ଅଧିକାଂଶ ଗାଡ଼ିରେ ପାଲ ଭିଡ଼ା ଯାଉ ନ ଥିବାରୁ ପାଉଁଶ ଉଡି ପରିବେଶ ପ୍ରଦୂଷିତ ହେଉଛି। ବର୍ଷା ହେଲେ ପାଉଁଶ କାଦୁଅରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ବାରମ୍ବାର ପ୍ରଶାସନିକ ଅଧିକାରୀ ତଥା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ଅବଗତ ସତ୍ତ୍ୱେ କେହି ଦୃଷ୍ଟି ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ସୁଦ୍ଧା କୌଣସି ଅଧିକାରୀ ପହଞ୍ଚି ନ ଥିବାରୁ ଆନ୍ଦୋଳନ ଜାରି ରହିଥିଲା। ତହସିଲଦାର ପତିତପାବନ ଦେବତା କହିଛନ୍ତି, ଗ୍ରାମବାସୀଙ୍କ ବିରୋଧ ଜାରି ରହିଛି। ସମସ୍ୟାକୁ ନେଇ ମଙ୍ଗଳବାର ଆଲୋଚନା କରାଯିବ।

## ସଙ୍ଗରୋଧ କେନ୍ଦ୍ରରୁ ନାବାଳକ ଫେରାର

ଅନୁଗୋଳ ଅଫିସ୍, ୧୩।୭

ଅନୁଗୋଳ ଜିଲା ତାଳଚେର ବ୍ଲକ କଲିୟରୀ ପୋଲିସ ଭଦ୍ରକରୁ ମାଲବାହୀ ଟ୍ରେନ୍ ଯୋଗେ ଚାଲିଆସିଥିବା ଜଣେ ନାବାଳକଙ୍କୁ ଦୁଇଦିନ ତଳେ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିରେ ଜିମା ଦେଇଥିଲା। ଜିଲା ଶିଶୁ ମଙ୍ଗଳ ଅଧିକାରୀ ତାଙ୍କୁ ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ ସରକାରୀ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିଥିଲେ। ଗତ ଶନିବାର ନାବାଳକଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠା ଯାଇଥିବାବେଳେ ବିଳମ୍ବିତ ରାତିରେ ସେ କେଉଁଆଡ଼େ ଚମ୍ପଟ ମାରିଥିବା ସୂଚନା ମିଳିଛି। ଏ ନେଇ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି। ଜିଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ସଞ୍ଜୀବ କର କହିଛନ୍ତି, କରୋନା ପାଇଁ କୌଣସି ପିଲାଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ରଖିବାକୁ ବାରଣ ରହିଥିବାରୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ସେଠାରୁ ମିଳିବାକୁ ଥିବା ପ୍ରମାଣପତ୍ର ସହ କୋଭିଡ ପରୀକ୍ଷା ରିପୋର୍ଟ ଦେଖାଇ କୌଣସି ଶିଶୁ ଯତ୍ନ କେନ୍ଦ୍ରରେ ସମ୍ପୃକ୍ତ ନାବାଳକଙ୍କୁ ରଖାଯାଇଥାନ୍ତା। କିନ୍ତୁ ସେ କେଉଁଆଡ଼େ ପଳାଇ ଯାଇଥିବା ସମିତି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

## ଭୋଗମଣ୍ଡପ ରୂପରେଖ ପ୍ରସ୍ତୁତ


ଭୋଗମଣ୍ଡପ ପ୍ରସ୍ତୁତ ନିମନ୍ତେ ମାପଚୁପ କରାଯାଉଛି।

ଛେଣ୍ଡିପଦା,୧୩।୭(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ପଥରନାଳଠାରେ ଥିବା ଗିରି ଗୋବର୍ଦ୍ଧନ ପୀଠର ଭୋଗ ମଣ୍ଡପ ନିର୍ମାଣର ରୂପରେଖ ପ୍ରସ୍ତୁତ କରାଯାଇଛି। ସୋମବାର ଗାଁ ସଭାପତି ଦଣ୍ଡଧର ଦେହୁରୀ, ଜଙ୍ଗଲ କମିଟି ସଭାପତି ଧ୍ରୁବ ଚରଣ ଦେହୁରୀ, ଉପସଭାପତି ସୁଶୀଲ କୁମାର ମହାପାତ୍ର, ଶଙ୍କର ଗଡନାୟକ, ସିଦ୍ଧାର୍ଥ ଶଙ୍କର ସାହୁ, ଶାରଦା ପ୍ରସାଦ ସାହୁ, କିଶୋରୀ ଦେହୁରୀ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ବ୍ଲକ କନିଷ୍ଠ ଯନ୍ତ୍ରୀ ବିଜୟ ଚନ୍ଦ୍ର ନିଖଣ୍ଡ ଭୋଗ ମଣ୍ଡପ ପାଇଁ ରୂପରେଖ ଦେଇଥିଲେ। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଭୋଗ ମଣ୍ଡପ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିବା ଜଣାଯାଇଛି।

## କୋଭିଡ୍ କଟକଣା ଯାଞ୍ଚ କରିବ ୩ ଟିମ୍

**ଅନୁଗୋଳ ଅଫିସ୍, ୧୩।୭:** ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ହେଉଥିବାରୁ ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଅନୁଗୋଳ ତହସିଲଦାର, ପୌରନିର୍ବାହୀ ଅଧିକାରୀ ଓ ପୋଲିସର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସବୁ ସ୍ଥାନରେ କୋଭିଡ୍ କଟକଣା ପାଳନ ହେଉଛି କି ନା ତାହା ଯାଞ୍ଚ କରିବାକୁ ୩ଟି ଟିମ୍ ଗଠିତ କରାଯାଇଥିଲା। ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଢ଼ା ହୋଇଥିବା ଟିମ୍ ସୋମବାର, ବୁଧବାର ଓ ଶୁକ୍ରବାର ବିଭିନ୍ନ ଅଞ୍ଚଳରେ ବୁଲି ଅମାନିଆଙ୍କୁ ବୁଝାଇବା ସହ ଜରିମାନା ଆଦାୟ କରିବ। ଏଥିସହ ସହରରେ ଥିବା ଡେଲି ମାର୍କେଟ ଅନୁଗୋଳ ଷ୍ଟାଡିୟମକୁ ଉଠିବ ବୋଲି ସ୍ଥିର ହୋଇଛି। ବ୍ୟବସାୟୀମାନେ ହ୍ୟାଣ୍ଡୱାଶ ରଖିବା ବାଧ୍ୟତାମୂଳକ କରାଯାଇଛି।

## କଲେଜ ସ୍ୱୟଂଶାସିତ ମାନ୍ୟତା ବିଚାରାଧୀନ

**ଏମ୍‌ପିଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପତ୍ର**

ଢେଙ୍କାନାଳ ଅଫିସ,୧୩।୭

କରୋନା ଲକ୍‌ଡାଉନ ଶେଷ ହେବାପରେ ଅଟୋନୋମସ କଲେଜଗୁଡିକୁ ନେଇ ଗଠିତ ଷ୍ଟାଣ୍ଡିଂ କମିଟି ନିକଟରେ ଢେଙ୍କାନାଳ କଲେଜର ସ୍ୱୟଂଶାସିତ ମାନ୍ୟତା ବଜାୟ ରଖିବା ପ୍ରସ୍ତାବ ଉପସ୍ଥାପନ କରାଯିବ। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଗତ ୮ ତାରିଖରେ ଏମ୍‌ପି ମହେଶ ସାହୁଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଗତ ଜାନୁୟାରୀରେ ୨୦୨୨-୨୩ ପର୍ଯ୍ୟନ୍ତ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ବଜାୟ ରଖିବା ପାଇଁ ଏମ୍‌ପି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର ଲେଖିଥିଲେ। ଏହାର ଉତ୍ତରରେ ସ୍ୱୟଂଶାସିତ ମାନ୍ୟତା ପ୍ରସଙ୍ଗକୁ ୟୁନିଭରସିଟି ଗ୍ରାଣ୍ଟ କମିଶନ ବିଚାର କରିଥିବା କେନ୍ଦ୍ରମନ୍ତ୍ରୀ ଏମ୍‌ପିଙ୍କୁ ଜଣାଇଛନ୍ତି। ଅଟୋନୋମସ କଲେଜଗୁଡିକୁ ନେଇ ଗଠିତ ଷ୍ଟାଣ୍ଡିଂ କମିଟି ନିକଟରେ ଏହି ବିଚାର ବାବଦରେ ଉପସ୍ଥାପନ କରାଯିବ ବୋଲି ପତ୍ରରେ ମନ୍ତ୍ରୀ ଦର୍ଶାଇଛନ୍ତି।

## ବର୍ଷେ ହେଲା ବସିନି ରୋଗୀକଲ୍ୟାଣ ସମିତି ବୈଠକ

ବଅଁରପାଳ, ୧୩।୭(ଡି.ଏନ.ଏ.)

- ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ଉନ୍ନୟନ କାର୍ଯ୍ୟ ଆଗଉନି
- ଫାଟିଗଲାଣି କାର୍ଯ୍ୟାଳୟ କାନ୍ଥ

ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ, ରୋଗୀ ସେବା ଉନ୍ନତମାନର କରିବାକୁ ରୋଗୀ କଲ୍ୟାଣ ସମିତି ବୈଠକ ଜରୁରୀ ଥିବାବେଳେ ଅନୁଗୋଳ ଜିଲା ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ପ୍ରତି ୬ ମାସରେ ଥରେ ବୈଠକ ବସିବାର ନିୟମ ଥିଲେ ହେଁ ଦୀର୍ଘ ବର୍ଷେ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ତାହା ଅନୁଷ୍ଠିତ ହୋଇନାହିଁ। ଫଳରେ ପୂର୍ବରୁ ଥିବା ସମସ୍ୟା ସୁଧୁରୁ ନ ଥିବା ବେଳେ ନୂତନ ସମସ୍ୟା ଯୋଗୁ ଏଠାରେ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବହୁ ସମସ୍ୟା ଦେଇ ଗତି କରୁଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ହଜାର ହଜାର ଲୋକ ନିର୍ଭରଶୀଳ। ହେଲେ ଏହାର ଉନ୍ନତୀକରଣ ସହ ରୋଗୀଙ୍କୁ ଉପଯୁକ୍ତ ସେବା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଦୀର୍ଘ ଦିନ ହେଲା କେନ୍ଦ୍ରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆଗେଇପାରୁନାହିଁ। ବହୁ ପୁରାତନ କାର୍ଯ୍ୟାଳୟର କାନ୍ଥ ଫାଟିବା ସହ ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ଏଠାରେ ଭଲ ସଭାଗୃହଟିଏ ମଧ୍ୟ ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସୁଧାରିବା ସହ ଉପଯୁକ୍ତ ସେବା ପ୍ରଦାନ ପାଇଁ ପ୍ରତି ୬ ମାସରେ ଥରେ ରୋଗୀ କଲ୍ୟାଣ ସମିତି ବୈଠକ ବସିବା କଥା। ବୈଠକରେ ସମସ୍ୟା ଆଲୋଚନା ସହ ସମାଧାନ ପାଇଁ ପଦକ୍ଷେପ ନିଆଯିବା କଥା। ହେଲେ ବର୍ଷେ ହେଲାଣି ତାହା ହୋଇନାହିଁ। ଶେଷ ଥର ପାଇଁ ଏହି ବୈଠକ ଗତ ବର୍ଷ ଜୁନରେ ବସିଥିଲା। ବଅଁରପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ଥିବାବେଳେ ବିଡିଓ, ମେଡିକାଲ ଅଫିସର, ସିଡିପିଓ, ପରିମଳ ବିଭାଗ ଯନ୍ତ୍ରୀ, ବ୍ଲକ ଶିକ୍ଷା ଅଧିକାରୀ, ଆର୍‌ଡି ବିଭାଗ ଅଧିକାରୀ ଏହାର ସଦସ୍ୟ ରହିଥିଲେ ମଧ୍ୟ ଏହି ବୈଠକ ବସୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ସମିତି ଅଧ୍ୟକ୍ଷା ଅଞ୍ଜଳି ଭୋଇ କୁହନ୍ତି, ୬ ମାସରେ ଥରେ ବୈଠକ ବସିବା କଥା। କିନ୍ତୁ କରୋନା ପାଇଁ ଚଳିତ ବର୍ଷ ବୈଠକ ବିଳମ୍ବ ହୋଇଛି। ଆସନ୍ତା ୧୬ ତାରିଖରେ ସମିତି ବୈଠକ କରାଯିବା ପାଇଁ ଯୋଜନା ରହିଛି।


ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

## ବଣସିଂହ, ନିହଲପ୍ରସାଦ ଶଟ୍‌ଡାଉନ

ଢେଙ୍କାନାଳ ଅଫିସ,୧୩।୭

ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ଓ ଗଁନ୍ଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତକୁ ସୋମବାର ଶଟ୍‌ଡାଉନ ଘୋଷଣା କରାଯାଇଛି। ପଡୋଶୀ ଅଞ୍ଚଳରେ କରୋନା ସଂକ୍ରମଣ ବଢୁଥିବା ନଜରରେ ରଖି ଏହି ଦୁଇ ପଞ୍ଚାୟତକୁ ସ୍ଥାନୀୟ ସରପଞ୍ଚ ଶଟ୍‌ଡାଉନ ଘୋଷଣା କରିଛନ୍ତି। ବଣସିଂହ ପଞ୍ଚାୟତ କେବଳ ସୋମବାର ଶଟଡାଉନ ହୋଇଥିବା ସରପଞ୍ଚ କପିଳ ଘଡେଇ ଜଣାଇଛନ୍ତି। ନିହଲପ୍ରସାଦ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ରହିବ ବୋଲି ସରପଞ୍ଚ ତାପସ କୁମାର ସାହୁ ଜଣାଇଛନ୍ତି।

## ୫ ଦିନ ହେଲା ପାଣି ପ୍ରକଳ୍ପ ଅଚଳ

**ମାଧପୁର, ୧୩।୭:** ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କନ୍ଧପଡା ପାନୀୟ ଜଳ ପ୍ରକଳ୍ପ ୫ ଦିନ ହେଲା ଅଚଳ ହୋଇପଡିଛି। ଫଳରେ ମାଧପୁର, କମ୍ପଲା ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ବର୍ତ୍ତମାନ ସ୍ୱାସ୍ଥ୍ୟପ୍ରତି ଅଧିକ ସଚେତନ ରହିବାକୁ ସରକାରଙ୍କ ପକ୍ଷରୁ କୁହାଯାଉଥିବାବେଳେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇବା ଦିଗରେ ତତ୍ପରତା ପ୍ରକାଶ ପାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ସେମାନେ ବାଧ୍ୟ ହୋଇ ଖୋଲା କୂଅ, ପୋଖରୀ ପାଣି ବ୍ୟବହାର କରୁଛନ୍ତି। ଏପରିକି କୌଣସି କୂଅ କିମ୍ବା ପୋଖରୀରେ ବ୍ଲିଚିଂ ମଧ୍ୟ ପକାଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ସେମାନଙ୍କୁ ପାନୀୟ ଜଳ ଯୋଗାଣ କରିବାକୁ ଦାବି ହୋଇଛି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରାଙ୍କୁ ପଚାରିବାରେ କହିଛନ୍ତି, ବିଭାଗ ତରଫରୁ ସବୁ ଠିକ୍‌ଠାକ୍ ଅଛି। ଏହା ବିଦ୍ୟୁତ୍ ବିଭାଗର କାମ। ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର ବାରିକ କହିଛନ୍ତି, ଟ୍ରାନ୍ସଫର୍ମର ପୋଡିଯାଇଛି। ମରାମତି ପାଇଁ ଆଉ କିଛିଦିନ ଲାଗିବ।

## ଟ୍ରେଲର ଲୁଟ୍ ଘଟଣାରେ ୩ ଗିରଫ

ଛେଣ୍ଡିପଦା,୧୩।୭(ସ୍ୱ.ପ୍ର.)

ଜରପଡା ପୋଲିସ ଗତ ଜାନୁୟାରୀରେ ଏକ ଟ୍ରେଲର ଲୁଟ୍ ଘଟଣାରେ ରବିବାର ୩ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଅନୁଗୋଳର ଏକ ହୋଟେଲ ମାଲିକ ବିଭୂଦତ୍ତ ପତି, ହେମସୁରପଡାର ଶୁଭ୍ରାଂଶୁ ଜେନା ଓ ଗଡତଳମୁଳର ପ୍ରତାପ ରଣା। ପୂର୍ବରୁ ଅନୁଗୋଳର ନୀଳମଣି ସାହୁ, ନରସିଂହପୁରର ତପନ ରାଉତ ଓ ସନ୍ତୋଷ ସାହୁଙ୍କୁ ଗିରଫ କରାଯାଇଥିଲା। ଆଉ ୨ ଅଭିଯୁକ୍ତ ଫେରାର ଅଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## ପୂରୁନି ପରିବାରର ପେଟ

- ଦୟନୀୟ ଅବସ୍ଥାରେ ଲୋକନଙ୍କ ସଂସାର
- ପହଞ୍ଚିନି ସରକାରଙ୍କ କୌଣସି ସହାୟତା
- ଖାଦ୍ୟ ସୁରକ୍ଷା ଯୋଜନାରେ କରାଯାଇନି ସାମିଲ

ଖମାର,୧୩।୭

ସୁସ୍ଥ ଥିବା ସମୟରେ ମୂଲ ମଜୁରି କରି ଶାଗ ମୁଗରେ ଚଳାଇ ନେଉଥିଲେ ସଂସାର। ହେଲେ ଅଜଣା ରୋଗର ଶିକାର ହେବାପରଠାରୁ ସେହି ଦାୟିତ୍ୱ ପଡ଼ିଛି ସ୍ତ୍ରୀଙ୍କ ଉପରେ। ନିଜେ ଘରେ ରହି ୪ ଝିଅପୁଅ ଓ ସାନଭାଇଙ୍କ ଦେଖାଶୁଣା କରୁଥିବା ବେଳେ ପରିବାର ପାଇଁ ଦାନା ଯୋଗାଡ଼ କରୁଛନ୍ତି ସ୍ତ୍ରୀ। କିନ୍ତୁ ସବୁଦିନ ୭ ଜଣଙ୍କ ପେଟ ପୂରାଇବା ସ୍ତ୍ରୀଙ୍କ ପକ୍ଷେ ସମ୍ଭବ ହେଉନି। ପ୍ରଶାସନ ରାଶନକାର୍ଡ ଖଣ୍ଡେ ଦେଇ ନ ଥିବାରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଗଣ୍ଡେ ମଧ୍ୟ ମିଳୁନି। ଫଳରେ ଅତି ଦୟନୀୟ ଅବସ୍ଥାରେ ବଞ୍ଚିବାକୁ ପଡୁଛି ଅନୁଗୋଳ ଜିଲା ପାଲଲହଡା ବ୍ଲକ ଆଲୋରୀ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ଲୋକନ ଚାତରଙ୍କ ପରିବାରକୁ।

ଲୋକନଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ହେଲା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହୁନି। ସେ ପୂର୍ବପରି ଖଟିବାକୁ ବାହାରକୁ ଯାଇପାରୁ ନାହାନ୍ତି। ପିଲାମାନେ ଛୋଟ ହୋଇଥିବାରୁ ଓ ସାନଭାଇ ସ୍କୁଲରେ ପଢୁଥିବାରୁ ସେ କିମ୍ବା ସ୍ତ୍ରୀ ଉଳି ଚାତରଙ୍କ ମଧ୍ୟରୁ ଜଣେ କେହି ଘରେ ରହିବା ଜରୁରୀ। ତେଣୁ ବାଧ୍ୟ ହୋଇ ସେ ଘରେ ପିଲାଙ୍କୁ ଜଗାରଖା କରୁଥିବା ବେଳେ ସ୍ତ୍ରୀଙ୍କୁ ବାହାରେ କାମ କରିବାକୁ ପଡୁଛି। ସମ୍ବଳ କହିଲେ ଦୁଇଟି ହାଣ୍ଡି ଓ ଗୋଟିଏ କଡେଇକୁ ଛାଡ଼ି ତାଙ୍କ ନିକଟରେ କିଛି ନାହିଁ। ସବୁଦିନ କାମଧନ୍ଦା ମଧ୍ୟ ମିଳୁନି। ଏପରି ଅବସ୍ଥାରେ ସମସ୍ତଙ୍କ ପାଇଁ ଖାଇବା ଯୋଗାଡ଼ କରିବା ସମ୍ଭବ ହେଉନି। ଓଳିଏ ଖାଇଲେ ଆରଓଳି ଉପାସ ରହିବାକୁ ପଡୁଛି। ଛୁଆପିଲାଙ୍କ ଦାୟିତ୍ୱ ନେବା ସହିତ ବେଳେ ବେଳେ ସେ ପାଖ ଜଙ୍ଗଲରୁ କେନ୍ଦୁପତ୍ର, ମହୁଲ ଓ ଶାଳମଞ୍ଜି ସଂଗ୍ରହ କରୁଛନ୍ତି। ସରକାର ଗରିବଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କରିଥିବା ବେଳେ ତାଙ୍କ ନିକଟରେ ତାହା ପହଞ୍ଚିପାରି ନାହିଁ। ଏପରି କି ରାଶନ କାର୍ଡଟିଏ ମଧ୍ୟ ସେ ପାଇପାରି ନାହାନ୍ତି। ସରକାରୀ ଆବାସ ତ ଦୂରର କଥା କରୋନା ସମୟରେ ବିନା ରାଶନ କାର୍ଡଧାରୀଙ୍କୁ ମିଳୁଥିବା ଚାଉଳ, ଡାଲି ବି ତାଙ୍କୁ ଦିଆଯାଇ ନାହିଁ ବୋଲି ଲୋକନ ଅଭିଯୋଗ କରିଛନ୍ତି। ତୁରନ୍ତ ଲୋକନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଜିଲା ପରିଷଦ ସଦସ୍ୟ ସରୋଜ ସାହୁ ଦାବି କରିଛନ୍ତି।

ଏ ସମ୍ପର୍କରେ ଆଲୋରୀ ନାଏବ ସରପଞ୍ଚ ମୀନା ସାହୁ କହିଛନ୍ତି, ଲୋକନଙ୍କ ସମସ୍ୟା ନେଇ ସେ ସରପଞ୍ଚ ଓ ଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏଯାଏ କିଛି ପଦକ୍ଷେପ ନିଆଯାଇ ନାହିଁ। ପଞ୍ଚାୟତ ଭିଏଲଡବ୍ଲ୍ୟୁ କୁନୁ ସାହୁ କହିଛନ୍ତି, ଲୋକନଙ୍କ ପରିବାର ପୂର୍ବରୁ ତାଳଚେରରେ ରହୁଥିଲେ। ତେଣୁ କିଛି ସରକାରୀ ସୁବିଧା ଏଯାଏ ପାଇନାହାନ୍ତି। ସରପଞ୍ଚ ଯୋଗେଶ୍ୱର ଶୁଣ୍ଡି କହିଛନ୍ତି, ସମସ୍ୟା ସମ୍ପର୍କରେ ନାଏବ ସରପଞ୍ଚ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅସୁବିଧା କେଉଁଠି ରହିଛି ତାହା ମଙ୍ଗଳବାର ସମାଧାନ କରାଯିବ। ପଞ୍ଚାୟତ ସମିତି ଅଧ୍ୟକ୍ଷ ନବକିଶୋର ନାଏକ ଶୀଘ୍ର ସରକାରୀ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି।


ଦୁଇ ପିଲାଙ୍କ ସହ ଲୋକନ ଚାତର।

**ଡାକ୍ତର, ପାରାମେଡିକାଲ କର୍ମୀଙ୍କୁ ମିଳିବ ଖାଦ୍ୟ**

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କୋଭିଡ୍ ହସ୍ପିଟାଲ, କୋଭିଡ୍ ହେଲ୍‌ଥ ସେଣ୍ଟର ଏବଂ କୋଭିଡ୍ କେୟାର ସେଣ୍ଟରଗୁଡ଼ିକରେ ନିୟୋଜିତ ଡାକ୍ତର ଏବଂ ପାରାମେଡିକାଲ କର୍ମୀମାନଙ୍କୁ ଏଣିକି ଦୈନିକ ଡାଏଟ୍ ଆଲାଉନ୍ସ ମିଳିବ। ଦୈନିକ ଖାଇବା ବାବଦରେ ସରକାର ଜଣଙ୍କ ପିଛା ୨୪୦ ଟଙ୍କା ଖର୍ଚ୍ଚ କରିବେ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୋମବାର ସମସ୍ତ ଜିଲାର ଜିଲାପାଳ, ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ପିଏଚ୍‌ଓମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏହି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସମସ୍ତ ଖର୍ଚ୍ଚ କରାଯିବ।

## ସଂକ୍ଷେପରେ

### ମନସା ପ୍ରସାଦ ନାଲ୍‌କୋ ନିର୍ଦ୍ଦେଶକ



**ବର୍ଅଁରପାଳ, ୧୩।୭(ଡି.ଏନ୍.ଏ.):** ନାଲ୍‌କୋର ପ୍ରୋଜେକ୍ଟ ଓ ଟେକ୍ନିକାଲ ନିର୍ଦ୍ଦେଶକ ଭାବେ ମନସା ପ୍ରସାଦ ମିଶ୍ର ମନୋନୀତ ହୋଇଛନ୍ତି। ବର୍ତ୍ତମାନ ସେ ନାଲ୍‌କୋ ଏସ୍ଆଣ୍ଡପିର ନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏବେ ନିର୍ଦ୍ଦେଶକ ଥିବା ସଞ୍ଜୀବ ରାଏଙ୍କ କାର୍ଯ୍ୟକାଳ ଆସନ୍ତା ଅକ୍ଟୋବରରେ ଶେଷ ହେଉଛି। ନିର୍ଦ୍ଦେଶକ ପଦବୀ ଲାଗି ବିଭାଗ ପକ୍ଷରୁ ଅନୁଷ୍ଠିତ ଏକ ସାକ୍ଷାତକାର କାର୍ଯ୍ୟକ୍ରମରେ ମନସା ପ୍ରସାଦ ମିଶ୍ର, ବିଜୟ କୁମାର ଦାସ, କେ. କେ. ପଣ୍ଡା, ସୁବ୍ରତ କର, ସୁଶୀଲ ପାଢ଼ି, ଅମୀୟ କୁମାର ସ୍ୱାଇଁ, ସତୀଶ ଚନ୍ଦ୍ର ରାଏ, ସଞ୍ଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ମନସା ପ୍ରସାଦଙ୍କୁ ଏହି ପଦବୀ ପାଇଁ ମନୋନୀତ କରାଯାଇଥିବା ସୂଚନା ମିଳିଛି।

### ବାଙ୍କୀ ମୁଖ୍ୟ ଚିକିତ୍ସାଳୟ ଓପିଡି ବନ୍ଦ

- ଡାକ୍ତରଙ୍କ ପୁଅକୁ କରୋନା
- ୬ ଡାକ୍ତର ହୋମ୍ କ୍ୱାରାଣ୍ଟାଇନ୍‌ରେ

**ବାଙ୍କୀ, ୧୩।୭(ସ୍ୱ.ପ୍ର.):** କଟକ ଜିଲା ବାଙ୍କୀ ମୁଖ୍ୟ ଚିକିତ୍ସାଳୟ ଓପିଡିକୁ ୨୪ ଘଣ୍ଟା ପାଇଁ ବନ୍ଦ କରି ଦିଆଯାଇଛି। ଏହି ଚିକିତ୍ସାଳୟରୁ ଅବସର ନେବା ପରେ ଚୁକ୍ତିଭିତ୍ତିରେ କାର୍ଯ୍ୟ କରୁଥିବା ଜଣେ ଡାକ୍ତରଙ୍କ ପୁଅ କରୋନା ପଜିଟିଭ୍ ବୋଲି ଜଣାପଡ଼ିଛନ୍ତି। ଏହାପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ସୋମବାର ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ସୂଚନା ଦେଇଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ପୁଅ ୫ ଜୁଲାଇରେ ମହାରାଷ୍ଟ୍ରର ପୁଣେରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ୧୧ ଜୁଲାଇରେ ଡମପଡ଼ା ବ୍ଲକର ଇନ୍ଦୁମତୀ ପାଟଣାରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ସୋମବାର ଏହି ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତଙ୍କୁ ଭୁବନେଶ୍ୱରସ୍ଥିତ କିମସ୍ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ତାଙ୍କ ମା'ଓ ବାପାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏଥିସହ ବାପାଙ୍କ ସଂସ୍ପର୍ଶରେ ଆସିଥିବା ୬ ଜଣ ଡାକ୍ତରଙ୍କୁ ମଧ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯାଇଛି। କେବଳ ଜରୁରିକାଳୀନ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଧୂଳେଶ୍ୱର ପ୍ରଧାନ କହିଛନ୍ତି।

### ଥାନାରୁ ଫେରାରବେଳେ ଅଭିଯୁକ୍ତଙ୍କ ଜୀବନ ଗଲା

**ରାୟଗଡ଼ା ଅଫିସ, ୧୩।୭:** ରାୟଗଡ଼ା ଟାଉନ୍ ଥାନା ନିକଟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଥାନାରୁ ଫେରାର୍ ହେଲାବେଳେ ଜଣେ ଅଭିଯୁକ୍ତଙ୍କ ଟ୍ରକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ରାୟଗଡ଼ା ଜିଲା ଟିକିରି ଥାନା ଅଞ୍ଚଳର ସନ୍ତୋଷ ପଣ୍ଡୁ। ଏକ ବଳାତ୍କାର ଅଭିଯୋଗରେ ରବିବାର ରାତିରେ ଟିକିରି ପୋଲିସ ସନ୍ତୋଷଙ୍କୁ ବିଷମକଟକ ଅଞ୍ଚଳରୁ ଗିରଫ କରିଥିଲା। ସୋମବାର ଡାକ୍ତରୀ ମାଇନା ପରେ ତାଙ୍କୁ ପଚରାଉଚରା କରିବା ପାଇଁ ରାୟଗଡ଼ା ଟାଉନ୍ ଥାନା ପରିସରରେ ଥିବା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟକୁ ନିଆଯାଇଥିଲା। କୋର୍ଟ ଚାଲାଣ ପାଇଁ ପୋଲିସ ପ୍ରସ୍ତୁତି ଚଳାଇଥିବା ସମୟରେ ସନ୍ତୋଷ ସେଠାରୁ ସେଠାରୁ ଫେରାର ହେବାକୁ ଚେଷ୍ଟା କରିଥିଲେ। ଥାନାରୁ ଦୌଡ଼ି ରାସ୍ତା ଉପରକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ରାୟଗଡ଼ା ଏସ୍‌ପି ଶର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି।

# ରବି ଧାନ କିଣା: କାଗଜପତ୍ରରେ ଧାର୍ଯ୍ୟ ପୂରଣ

**ଯାଜପୁର ଅଫିସ, ୧୩।୭**

ଗତ ମେ ୧୫ରୁ ଆରମ୍ଭ ହୋଇଥିବା ରବି ଋତୁ ଧାନ କିଣାରେ କୋରେଇ, ଦଶରଥପୁର, ବଡ଼ଚଣା, ବିଞ୍ଝାରପୁର ଓ ଧର୍ମଶାଳା ବ୍ଲକରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। କରୋନା ସଂକ୍ରମଣ ଯୋଗୁ ଅଧିକାଂଶ ଚାଷୀ ରବି ଧାନ ଚାଷ କିମ୍ବା କ୍ରୟ ପ୍ରକ୍ରିୟାରେ ଭାଗ ନେଇପାରିନାହାନ୍ତି। ଏହାର ସୁଯୋଗରେ ଚାଷୀଙ୍କ ନାଁରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରାଯାଇ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରାଯାଇଛି। ଧାନ କିଣାରେ ଭାଗ ନେଇଥିବା କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚଜି) ଜରିଆରେ ଏଭଳି ଦୁର୍ନୀତି ହୋଇଥିବା ଏବଂ କାଗଜପତ୍ରରେ ଧାର୍ଯ୍ୟ ପୂରଣ କରି ଅଧିକାରୀ ମାଲାମାଲ୍ ହୋଇଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି।

ଚଳିତ ରବି ଋତୁ ଧାନ ସଂଗ୍ରହ ବର୍ଷରେ ୩୨ଟି ପ୍ୟାକ୍ସ ଓ ୧୪ ମହିଳା ଏସ୍ଏଚଜି ଜରିଆରେ ୫,୦୦୫ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। କିନ୍ତୁ ରବି ଧାନ ସଂଗ୍ରହ ଶେଷ ପରେ ୨୯ ପ୍ୟାକ୍ସ ମାଧ୍ୟମରେ ୧,୦୦,୭୩୭.୯୧ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ସେହିପରି ୧୩ ମହିଳା ଏସ୍ଏଚଜି ମାଧ୍ୟମରେ ୪୧,୪୩୯.୧୧ କୁଇଣ୍ଟାଲ ଧାନ କିଣାଯାଇଛି। ସେଥିମଧ୍ୟରୁ ଅନ୍ନପୂର୍ଣ୍ଣା ମହିଳା ଏସ୍ଏଚଜି ୭୫୦ କୁଇଣ୍ଟାଲ, ବାବା ଆଖଣ୍ଡଳମଣି ମହିଳା ଏସ୍ଏଚଜି ୬୫୦୦ କୁଇଣ୍ଟାଲ, ଗ୍ରାମ ପଞ୍ଚାୟତ ଏସ୍ଏଚଜି ୧୭୯୭ କୁଇଣ୍ଟାଲ, ଜଗନ୍ନାଥ ମହିଳା ଏସ୍ଏଚଜି ୧୨୪୬.୪ କୁଇଣ୍ଟାଲ, ମା' ଲକ୍ଷ୍ମୀ ମହିଳା ଏସ୍ଏଚଜି ୧୦୬୯.୬ କୁଇଣ୍ଟାଲ, ମା' ନାଗେଶ୍ୱରୀ ମହିଳା ଏସ୍ଏଚଜି ୧୩୬୦ କୁଇଣ୍ଟାଲ, ମା' ସାରଳା ଏସ୍ଏଚଜି ୯୩୪୯.୪୪ କୁଇଣ୍ଟାଲ, ମହାବୀର ମହିଳା ଏସ୍ଏଚଜି ୩୪୨୨.୯୨ କୁଇଣ୍ଟାଲ, ମହାବୀର ଶକ୍ତି ମହିଳା ଏସ୍ଏଚଜି ୨୬୯୯.୨ କୁଇଣ୍ଟାଲ, ଓମ୍ ଶ୍ରୀଶ୍ରୀ ବୁଦ୍ଧଲିଙ୍ଗ ଏସ୍ଏଚଜି ୧୪୯.୯୯ କୁଇଣ୍ଟାଲ, ରାମେଶ୍ୱର ମହିଳା ଏସ୍ଏଚଜି ୫୪୯୪.୫୬ କୁଇଣ୍ଟାଲ ଓ ସାବିତ୍ରୀ ସଞ୍ଚୟ ସମିତି ୩୪୦୦ କୁଇଣ୍ଟାଲ ରବିଧାନ କିଣିଛନ୍ତି।

**ଦୁର୍ନୀତି ଅଭିଯୋଗ**
- ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ବିପୁଳ ଟଙ୍କା ଆତ୍ମସାତ
- କରୋନା ଯୋଗୁ ଚାଷ କରିପାରିନାହାନ୍ତି ଶତାଧିକ ଚାଷୀ
- ଅଧିକାରୀ ମାଲାମାଲ୍
- ବେପାରୀଙ୍କ ପାଖରେ ବିକ୍ରି କରି ଚାଷୀ କ୍ଷତିରେ

ଜିଲାରେ ପ୍ରାୟ ୩,୫୦୦ ହେକ୍ଟର ଜମିରେ ରବି ଧାନ ଚାଷ ହୋଇଥାଏ ଏବଂ ହେକ୍ଟର ପିଛା ୪୦ କୁଇଣ୍ଟାଲ ଆଧାରରେ ଧାନ କିଣା ଯାଇଥାଏ ବୋଲି ଜିଲା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଉପରୋକ୍ତ ଧାନ ସଂଗ୍ରହ ପରିମାଣକୁ ଅବଲୋକନ କଲେ ହେକ୍ଟର ପିଛା ୪୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। କିନ୍ତୁ ଚଳିତ ରବି ଋତୁରେ ଧାନ ଚାଷ ଓ ସଂଗ୍ରହ ସମୟରେ କରୋନା ସଂକ୍ରମଣ ଯୋଗୁ ଚାଷୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଶତାଧିକ ଚାଷୀ ଧାନ ଚାଷ କରିପାରି ନାହାନ୍ତି। ଯେଉଁମାନେ ଚାଷ କରିଛନ୍ତି, ସେମାନଙ୍କ ମଧ୍ୟରୁ ବହୁ ଚାଷୀ ସେମାନଙ୍କ କଷ୍ଟୋପାର୍ଜିତ ଧାନକୁ ସରକାରୀ ଭାବେ ବିକ୍ରି କରି ପାରିନାହାନ୍ତି। କୋରେଇ ବ୍ଲକ ସାଳକଣା, ଖିଲିପଙ୍ଖା, ଗୋବିନ୍ଦପୁର, କସାଗଡିଆ, ବ୍ରାହ୍ମଣଦା ଆଦି ଗ୍ରାମର ଶତାଧିକ ଚାଷୀଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ସେମାନଙ୍କ ମଧ୍ୟରୁ ଚାଷୀ ମୀନହରି ସ୍ୱାଇଁ ୨୦୦ କୁଇଣ୍ଟାଲ, କମଳାକାନ୍ତ ବିଶ୍ୱାଳ ୧୦୦ କୁଇଣ୍ଟାଲ, ନିକୁଞ୍ଜ ବିହାରୀ ସ୍ୱାଇଁ ୭୦ କୁଇଣ୍ଟାଲ ଧାନ ବିକ୍ରି କରିପାରନ୍ତି। ସେମାନେ କୁହନ୍ତି, ରବି ଧାନ ବିକ୍ରି କରିବାକୁ ବାରମ୍ବାର ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ ଦିନ ଗଡ଼ାଇ ଶେଷରେ ମନା କରିଦେବାରୁ ସେମାନେ ବେପାରୀଙ୍କୁ କୁଇଣ୍ଟାଲ ପିଛା ମାତ୍ର ୧୦୦୦ ଟଙ୍କାରେ ବିକ୍ରି କରି କ୍ଷତିରେ ପଡିଛନ୍ତି ବୋଲି କହିଛନ୍ତି। ଏଭଳି ସ୍ଥିତିରେ ସରକାରଙ୍କ ହେକ୍ଟର ପିଛା ୪୦ କୁଇଣ୍ଟାଲ ଧାନ ସଂଗ୍ରହ ସମୀକରଣ କିଭଳି ଭାବେ ସତ୍ୟ ହୋଇଛି, ତାହା ତଦନ୍ତ ସାପେକ୍ଷ।

ଏ ସଂକ୍ରାନ୍ତରେ ଡିଏସ୍‌ଡବ୍ଲ୍ୟୁଓ ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, କୌଣସି ମହିଳା ଏସ୍ଏଚଜି ବିରୋଧରେ ରବି ଧାନ କିଣାରେ ହେରଫେର ଅଭିଯୋଗ ହୋଇନାହିଁ। ଚାଷୀ ମହଲରୁ ଅଭିଯୋଗ ଆସିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ଓଡ଼ିଶା ଅଧ୍ୟକ୍ଷ ହେଲେ ସୁଦର୍ଶନ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ):** ଏଆଇସିସି ଅଧୀନରେ କାର୍ଯ୍ୟ କରୁଥିବା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷା ସୁଶ୍ରୀ ମିନାକ୍ଷୀ ନଟରାଜନ ଓଡ଼ିଶା ପାଇଁ ସୁଦର୍ଶନ ଦାସଙ୍କୁ ସଙ୍ଗଠନର ଅଧ୍ୟକ୍ଷଭାବେ ନିଯୁକ୍ତି ଦେଇଛନ୍ତି। ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଭାରତୀୟ ଜାତୀୟ କଂଗ୍ରେସ ଦଳର ଏକ ଛାମୁଆ ସଙ୍ଗଠନ ଭାବେ କାର୍ଯ୍ୟ କରିଆସୁଛି। ଗାନ୍ଧୀ, ଆମ୍ବେଡକରଙ୍କ ଆଦର୍ଶକୁ ମୂଳମନ୍ତ୍ର ଭାବେ ଗ୍ରହଣ କରି ଗ୍ରାମ ସ୍ୱରାଜ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆସୁଛି। ଓଡ଼ିଶାରେ ଏହାର କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ସୁଦର୍ଶନଙ୍କୁ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିପରି ତା'ର ଶକ୍ତି ପ୍ରଦର୍ଶନ କରିପାରିବ ସେଦିଗରେ ସେ କାର୍ଯ୍ୟ କରିବେ ବୋଲି ସୁଦର୍ଶନ କହିଛନ୍ତି।

# ବ୍ରହ୍ମପୁରର ସମସ୍ତ ପ୍ରବେଶ ପଥ ସିଲ୍

**ବ୍ରହ୍ମପୁର ଅଫିସ, ୧୩।୭**

ବ୍ରହ୍ମପୁର ସହରର ସମସ୍ତ ପ୍ରବେଶ ପଥ ମଙ୍ଗଳବାରରୁ ସମ୍ପୂର୍ଣ୍ଣ ସିଲ୍ ହେବ। କେବଳ ଅତ୍ୟାବଶ୍ୟକ ସାମଗ୍ରୀ, କୋଭିଡ୍ କାର୍ଯ୍ୟରେ ନିୟୋଜିତ କର୍ମକର୍ତ୍ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ସହର ବାହାରକୁ କିମ୍ବା ଭିତରକୁ ଯାତାୟାତ କରି ପାରିବେ ନାହିଁ ବୋଲି ସୋମବାର ସନ୍ଧ୍ୟାରେ ଟାଉନହଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଅତି ଜରୁରୀ ଥିବା ବ୍ୟକ୍ତି ପୋଲିସ ସହାୟତା ନମ୍ବର କିମ୍ବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପାସ୍ ନେଇ ଯାଇପାରିବେ ବୋଲି ଏସ୍‌ପି କହିଛନ୍ତି। ବ୍ରହ୍ମପୁରରେ ବର୍ତ୍ତମାନ କରୋନା ସ୍ଥିତି ସଙ୍ଗିନ ହେଉଛି। ଏହା ବ୍ୟତୀତ ସଂକ୍ରମଣକୁ ପ୍ରତିହତ କରିବାକୁ ନେଇ ମଙ୍ଗଳବାରରୁ ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ନିୟମ ଖିଲାପକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ସହରରେ ଚାଲିଥିବା ସ୍ୱାସ୍ଥ୍ୟ ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସହରରେ ୫୭୩୮୩ ପରିବାରଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା ବେଳେ ୩୩୯ ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୬୮ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହା ବ୍ୟତୀତ ୬୨୦୨ ଜଣଙ୍କଠାରେ ମଧୁମେହ ଓ ରକ୍ତଚାପ ଭଳି ରୋଗ ଥିବା ଚିହ୍ନଟ କରାଯାଇଛି। ଉକ୍ତ ଲୋକଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା କମିଶନର ସୂଚନା ଦେଇଥିଲେ।

- ରାସ୍ତା ପାର୍ଶ୍ୱରେ ମାଛ, ମାଂସ ଦୋକାନ ବନ୍ଦ
- ଗୃହ ନିର୍ମାଣ ସାମଗ୍ରୀ, ତେଜରାତି ଦୋକାନ ଖୋଲା

ଏହାବ୍ୟତୀତ କୋଭିଡ୍ ସ୍ଥିତିର ମୁକାବିଲା ପାଇଁ ମଙ୍ଗଳବାରରୁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ସେବା ନମ୍ବର ଜାରି କରାଯାଇଛି। ସହରର ଯେ କୌଣସି ବ୍ୟକ୍ତି କରୋନା ସମ୍ପର୍କିତ ଲକ୍ଷଣ ଥିବା ଅନୁଭବ କଲେ ବିଏମ୍‌ସିର ସେବା ନମ୍ବର ୦୬୮୦-୨୨୫୦୨୯୦କୁ ଫୋନ କରି ଘରେ ଚିକିତ୍ସା ସେବା ପାଇ ପାରିବେ। ସହରରେ ଥିବା ସମସ୍ତ ୮ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ମଙ୍ଗଳବାରରୁ କୋଭିଡ୍ କ୍ଲିନିକ ଭାବେ କାର୍ଯ୍ୟକରିବ ବୋଲି କମିଶନର ସୂଚାଇଛନ୍ତି। ଗୃହ ନିର୍ମାଣ ସାମଗ୍ରୀ ଦୋକାନ, ତେଜରାତି ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ। ରାସ୍ତା ପାର୍ଶ୍ୱରେ ମାଛ ମାଂସ ଦୋକାନ ଖୋଲିବ ନାହିଁ ବୋଲି କମିଶନର କହିଛନ୍ତି। ସହରରେ ଆସନ୍ତା ୪ ଦିନ ମଧ୍ୟରେ ଆମ୍ବପୁଆରେ ୫୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ଏବଂ ୧୦୦ ଶଯ୍ୟା ବିଶିଷ୍ଟ କାଭିଡ୍ ହସ୍ପିଟାଲ ଖୋଲିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

# ୩ କୁଇଣ୍ଟାଲ ରତ୍ନପଥର ଜବତ, ଜଣେ ଅଟକ

**ଜୁନାଗଡ଼, ୧୩।୭(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ପଲାସ ଗ୍ରାମରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଓ ଜୁନାଗଡ଼ ପୋଲିସ ରବିବାର ସନ୍ଧ୍ୟାରେ ଚଢ଼ାଉ କରି ୩ କୁଇଣ୍ଟାଲ ୨ କେଜି ରତ୍ନପଥର(ରୁବି ଓ ପାନ୍ନା)ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ସୁଜିତ ମେହେରଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି। ପୋଲିସ ଏକ ମାମଲା (ନଂ.୧୯୬/୨୦) ରୁଜୁ କରିଛି।

ସୁଜିତଙ୍କ ଘରେ ବିପୁଳ ପରିମାଣର ରତ୍ନପଥର ଗଚ୍ଛିତ ଥିବା ଭୁବନେଶ୍ୱର କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ କୌଣସି ସୂତ୍ରରୁ ଖବର ପାଇଥିଲା। ରବିବାର ସନ୍ଧ୍ୟାରେ ଏହି ଟିମ୍ ଜୁନାଗଡ଼ ପୋଲିସ ସହାୟତାରେ ସୁଜିତଙ୍କ ଘରେ ଅତର୍କିତ ଚଢ଼ାଉ କରିଥିଲା। ଏହି ଚଢାଉ ବେଳେ ସେମାନେ ସୁଜିତଙ୍କ ଘରୁ ୪ଟି ବସ୍ତାରେ ଥିବା ୩ କୁଇଣ୍ଟାଲ ୨ କେଜି ରତ୍ନପଥର ଜବତ କରିଥିଲେ। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ରତ୍ନପଥରର ଆନୁମାନିକ ମୂଲ୍ୟ କେତେ ହେବ ତାହା ଜଣାପଡ଼ିନାହିଁ। ଏହି ଚଢ଼ାଉରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍‌ର ଏସ୍ଆଇ ଜଗନ୍ନାଥ ସାହୁ, ଆଶିଷ ଜେନା ଓ ଜୁନାଗଡ଼ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପ୍ରମୁଖ ସାମିଲ ଥିଲେ। ଅନ୍ୟପକ୍ଷେ, ଏହି ରତ୍ନପଥର କେଉଁଠୁ ଆସିଲା ଓ ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ପୋଲିସ ଛାନ୍‌ଭିନ୍ ଚଳାଇଛି।



ଜବତ ରତ୍ନପଥର।





କରୋନା ସଂକ୍ରମିତ ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ଆଶୁ ଅରୋଗ୍ୟ କାମନା କରି ସୋମବାର ପୁରୀଠାରେ ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାଶଙ୍କ ମୃତ୍ତିକା କଳା।

# ସ୍ୱାବ୍ ସଂଗ୍ରହ ଭ୍ୟାନ ପାଇଁ ଦେଲେ ୧୫ ଲକ୍ଷ

## ନ୍ୟୁୟର୍କରେ ଥିବା ଓଡ଼ିଆ ଡାକ୍ତରଙ୍କ ବଦାନ୍ୟତା

**ଛତ୍ରପୁର, ୧୩।୭(ଡି.ଏନ୍.ଏ.)**





ରାଜ୍ୟରେ କରୋନା ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ କିଛିଦିନ ହେଲା ଗଞ୍ଜାମ ଜିଲାରୁ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ମୃତକଙ୍କ ସଂଖ୍ୟା ମଧ୍ୟ ୫୦ ଛୁଇଁବାକୁ ବସିଲାଣି। ଏଭଳି ସମୟରେ ନ୍ୟୁୟର୍କରେ ଥିବା ଓଡ଼ିଆ ଡାକ୍ତର ତାପ୍ତି ପଣ୍ଡା ବଦାନ୍ୟତା ଦେଖାଇଛନ୍ତି। ଗଞ୍ଜାମରେ ଭ୍ରାମ୍ୟମାଣ ସ୍ୱାବ ସଂଗ୍ରହ ଓ କରୋନା ଟେଷ୍ଟ ପାଇଁ ୧୫ ଲକ୍ଷ ଟଙ୍କାର ଏକ ଭ୍ୟାନ ଦେଇଛନ୍ତି। ଏହା ତାଙ୍କର ଓଡ଼ିଶାର ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ମନୋଭାବକୁ ଦର୍ଶାଉଛି। ଏଥିପାଇଁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜିଲାରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ ଚାଲିଛି। ଯାହାଠାରେ କରୋନା ଲକ୍ଷଣ ବାହାରିବ ସମ୍ପୃକ୍ତ ୱାର୍ଡକୁ ଭ୍ରାମ୍ୟମାଣ ଭ୍ୟାନ ଯାଇ ସ୍ୱାବ୍ ସଂଗ୍ରହ କରୁଛି। ସନ୍ଦିଗ୍ଧଙ୍କୁ ଆଉ ହସ୍ପିଟାଲ ଆସିବାକୁ ପଡ଼ିବନାହିଁ। ସଂକ୍ରମଣ ଏଡ଼ାଇବାରେ ଏହା ସହାୟକ ହେଉଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ ଏପରି ଏକ ଭ୍ୟାନ ଜିଲାକୁ ଆସି ସ୍ୱାବ ସଂଗ୍ରହ କରୁଛି। ଛଅଫୁଟ ବ୍ୟବଧାନରେ ରଖି ଏକ ସମୟରେ ଦୁଇଜଣଙ୍କ ସ୍ୱାବ ସଂଗ୍ରହ କରାଯାଉଛି। ଲାବରେଟୋରି ଟେକ୍ନିସିଆନ, ସ୍ୱାସ୍ଥ୍ୟକର୍ମୀ ଓ ଆଟେଣ୍ଡାଣ୍ଟଙ୍କୁ ନେଇ ଗଠିତ ଟିମ ଏହି କାର୍ଯ୍ୟ କରୁଛନ୍ତି।

# ନବମ ଭୂଗୋଳ ବହିରେ ବିଭ୍ରାନ୍ତିକର ତଥ୍ୟ

**ନୟାଗଡ଼ ଅଫିସ, ୧୩।୭:** ନବମ ଶ୍ରେଣୀ ଭୂଗୋଳ ବହିରେ ବିଭ୍ରାନ୍ତିକର ତଥ୍ୟ ଛାତ୍ରୀଛାତ୍ରଙ୍କୁ ଅଡୁଆରେ ପକାଇଛି। ଏହା ଛାତ୍ରୀଛାତ୍ରଙ୍କୁ ଭୁଲ ସୂଚନା ଦେବ। ଭୂଗୋଳ ବହି ୧୮ ପୃଷ୍ଠାରେ ଲେଖାହୋଇଛି, ଜିଲାଗୁଡିକୁ ୫୮ ସବ୍‌ଡିଭିଜନରେ ଓ ପ୍ରତି ସବ୍‌ଡିଭିଜନକୁ ୧୭୧ ତହସିଲରେ ବିଭକ୍ତ କରାଯାଇଛି। ପୁଣି ତହସିଲଗୁଡିକୁ ୩୧ ବ୍ଲକରେ ଓ ପ୍ରତ୍ୟେକ ବ୍ଲକକୁ ୬୨୩୪ ଗ୍ରାମ ପଞ୍ଚାୟତରେ ବିଭକ୍ତ କରାଯାଇଛି। ଏହି ତଥ୍ୟ ଠିକ୍ ନୁହେଁ ବୋଲି କେତେକ ଛାତ୍ରୀଛାତ୍ର ଅଭିଯୋଗ କରି ତୁରନ୍ତ ସଂଶୋଧନ ଦାବି କରିଛନ୍ତି। ନୟାଗଡ ବ୍ରଜେନ୍ଦ୍ର ହାଇସ୍କୁଲର ଭୂଗୋଳ ଶିକ୍ଷକ ପ୍ରଦୀପ୍ତ ଡାକୁଆ କୁହନ୍ତି, ରାଜ୍ୟରେ ୩୧୭ ତହସିଲ ଅଛି। କିନ୍ତୁ ନୂଆ ଭୂଗୋଳ ବହିରେ ୧୭୧ ତହସିଲ ଦର୍ଶାଯାଇଛି। ସେହିପରି ୬୭୯୮ ପଞ୍ଚାୟତ ସ୍ଥାନରେ ୬୨୩୪ ପଞ୍ଚାୟତ ଭୁଲ ଭାବେ ଲେଖା ଅଛି। ପୁଣି ତଥ୍ୟର ସଂଖ୍ୟାରେ ମଧ ତ୍ରୁଟି ରହିଛି। ଶିକ୍ଷକ ଏହାକୁ ସଂଶୋଧନ କରି ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ଦରକାର।



ଓଡ଼ିଶାକୁ ୩୦ଟି ଜିଲ୍ଲାରେ ବିଭକ୍ତ କରାଯାଇଛି। ଜିଲ୍ଲାଗୁଡ଼ିକୁ ୫୮ଟି ସବଡିଭିଜନରେ ଏବଂ ପ୍ରତ୍ୟେକ ସବଡିଭିଜନକୁ ୧୭୧ଟି ତହସିଲରେ ଏବଂ ଏହି ତହସିଲଗୁଡ଼ିକୁ ୩୧୪ଟି ବ୍ଲକ ଓ ପ୍ରତ୍ୟେକ ବ୍ଲକକୁ ୬୨୩୪ଟି ଗ୍ରାମପଞ୍ଚାୟତରେ ବିଭକ୍ତ କରାଯାଇଛି। ଭୁବନେଶ୍ୱର ଓଡ଼ିଶାର ରାଜଧାନୀ। ସମସ୍ତ ପ୍ରଶାସନିକ ମୁଖ୍ୟ କାର୍ଯ୍ୟାଳୟ ସେଠାରେ ଅବସ୍ଥିତ। ନିମ୍ନରେ ଆମ ରାଜ୍ୟର ଜିଲ୍ଲା ଓ ସେଗୁଡ଼ିକର ସଦର ମହକୁମାର ଏକ ତାଲିକା ଦିଆଗଲା।

ବହିରେ ଲେଖାଯାଇଥିବା ଭୁଲ ତଥ୍ୟ।

# ଅନ୍ୟ ରାଜ୍ୟରେ ମିଳୁଛି, ଓଡ଼ିଶାରେ ନାହିଁ

**କଟକ ଅଫିସ, ୧୩।୭**

ମହାମାରୀ କରୋନା ଯୋଗୁ ସାଢ଼େ ୩ମାସରୁ ଅଧିକ ସମୟ ହେଲା ରାଜ୍ୟର ପ୍ରାୟତଃ ସମସ୍ତ କୋର୍ଟ କାର୍ଯ୍ୟ ପ୍ରଭାବିତ ହୋଇଛି। କମ୍ ତଥା ଅତି ଜରୁରି ମାମଲାର ଶୁଣାଣି ହେଉଥିବାରୁ ଅନେକ ଆଇନ୍‌ଜୀବୀ ରୋଜଗାର ହରାଇଛନ୍ତି। ସେମାନଙ୍କ ପକ୍ଷେ ଘର ଚଳାଇବା କଷ୍ଟକର ହୋଇପଡ଼ିଛି। ଅପରପକ୍ଷେ ଆର୍ଥିକ ଦୁର୍ବଳ ଶ୍ରେଣୀର ଆଇନ୍‌ଜୀବୀଙ୍କୁ ସହାୟତା ପ୍ରଦାନ ପାଇଁ ଗତ ଏପ୍ରିଲ୍ ପହିଲାରୁ ଓଡ଼ିଶା ରାଜ୍ୟ ଆଇନ୍‌ଜୀବୀ ପରିଷଦ ଅଣ୍ଟା ଭିଡ଼ିଛି। ଏଥିଲାଗି ଆଶାୟୀ ଆଇନ୍‌ଜୀବୀଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଇଛି। ରାଜ୍ୟର ପ୍ରାୟ ୧୫ ହଜାର ଅର୍ଥାତ ୫୦ ପ୍ରତିଶତ ଆଇନ୍‌ଜୀବୀ ଆବେଦନ କରିଛନ୍ତି। କିନ୍ତୁ ଏଯାଏ ସହାୟତା ମିଳିନି। କେବେ ମିଳିବ ତାହା ଅନିଶ୍ଚିତତାରେ। ଏଭଳି ସ୍ଥିତିରେ ରାଜ୍ୟ ସରକାରଙ୍କ ମୁଣ୍ଡରେ ଦାୟିତ୍ୱ ଲଦିଛି ଆଇନ୍‌ଜୀବୀ ପରିଷଦ। ଅନ୍ୟ ରାଜ୍ୟ ସରକାର ସହାୟତା ଦେଉଥିବାରୁ ଓଡ଼ିଶା ସରକାର ମଧ୍ୟ ଏ ଦିଗରେ ଆଗେଇ ଆସୁ ବୋଲି ପରିଷଦ ଦାବି କରିଛି।

ରୋଜଗାର ହରାଇ ଦୁଃଖକଷ୍ଟରେ ଦିନ କାଟୁଥିବା ଆଇନ୍‌ଜୀବୀଙ୍କ ମଧ୍ୟରେ ସହାୟତା ନ ମିଳିବାକୁ ନେଇ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଏପ୍ରିଲ୍ ୧ରେ ରାଜ୍ୟ ଆଇନ୍‌ଜୀବୀ ପରିଷଦର ସ୍ୱତନ୍ତ୍ର କମିଟି ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ପରିଷଦ ପକ୍ଷରୁ ଜରୁରିକାଳୀନ ଆର୍ଥିକ ସହାୟତା ନିୟମ-୨୦୨୦ ପ୍ରସ୍ତୁତ କରାଯାଇଥିଲା।

**ଆଇନ୍‌ଜୀବୀଙ୍କୁ ସହାୟତା**
- ଘୋଷଣା କରିଛନ୍ତି ୫ ରାଜ୍ୟର ସରକାର
- ଓଡ଼ିଶାରେ ଆବେଦନ କଲେଣି ୧୫ ହଜାର

କେବଳ କରୋନା ନୁହଁ, ଭବିଷ୍ୟତରେ ଯଦି କୌଣସି ପ୍ରକାର ପ୍ରାକୃତିକ ଦୁର୍ବିପାକ ଦେଖାଦିଏ, ଯାହା ଦ୍ୱାରା ଆଇନ୍‌ଜୀବୀଙ୍କ ରୋଜଗାର ପ୍ରଭାବିତ ହୁଏ, ତେବେ ଏହି ନିୟମ ଅନୁଯାୟୀ ଆର୍ଥିକ ସହାୟତା ଦେବା ପାଇଁ ଏହି ନିୟମରେ ବ୍ୟବସ୍ଥା ରହିଛି। ଏହି ନିୟମକୁ ଅନୁମୋଦନ ପାଇଁ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆକୁ ପଠାଯାଇଥିଲା। ମେ' ୫ରେ କାଉନସିଲ୍ ଏହାକୁ ଅନୁମୋଦନ କରିବା ପରେ ସହାୟତା ମିଳିବା ନେଇ ଆଶା ଦେଖାଦେଇଥିଲା। ଫଳରେ ଆଶାୟୀ ଆଇନଜୀବୀମାନେ ନିଜ ଓକିଲ ସଂଘ ଜରିଆରେ ଆବେଦନ କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ସହାୟତା ମିଳି ନ ଥିବାରୁ ନିକଟରେ ଅନୁଷ୍ଠିତ ପରିଷଦର ସ୍ୱତନ୍ତ୍ର କମିଟି ବୈଠକରେ ଏନେଇ ଆଲୋଚନା ହୋଇଥିଲା। କର୍ଣ୍ଣାଟକ, ଦିଲ୍ଲୀ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ଓଡ଼ିଶା ସରକାର ଆଇନ୍‌ଜୀବୀଙ୍କୁ ସହାୟତା ଦେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ସରକାର ତୁରନ୍ତ ପରିଷଦର ଆଇନ୍‌ଜୀବୀ କଲ୍ୟାଣ କର୍ପସ ପାଣ୍ଠିକୁ ଆର୍ଥିକ ସହାୟତା ଯୋଗାଇ ଦେଲେ ଆଇନଜୀବୀମାନେ ଉପକୃତ ହେବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

## ଛଟେଇ କରିବନି ୱିପ୍ରୋ

ଦେଶର ପ୍ରମୁଖ ଆଇଟି ଫାର୍ମ ୱିପ୍ରୋ ଲିମିଟେଡ କୋଭିଡ୍-୧୯ ସମୟରେ କର୍ମଚାରୀଙ୍କୁ ଛଟେଇ କରିବନି। ବର୍ତ୍ତମାନ କମ୍ପାନୀ ଏଭଳି କୌଣସି ଯୋଜନା ରଖିନାହିଁ ବୋଲି ଅଧ୍ୟକ୍ଷ ରିସଦ୍ ପ୍ରେମଜୀ ସୋମବାର ସ୍ପଷ୍ଟ କରିଛନ୍ତି। କମ୍ପାନୀର ୭୪ତମ ବାର୍ଷିକ ସାଧାରଣ ସଭା(ଏଜିଏମରେ) ରିସଦ କହିଛନ୍ତି ଯେ, କମ୍ପାନୀର ୯୫% କର୍ମଚାରୀ ବର୍ତ୍ତମାନ ଘରେ ରହି କାମ କରୁଛନ୍ତି। ଆଗାମୀ ଦିନରେ ଯଦି ସ୍ଥିତିରେ ସୁଧାର ନ ଆସେ ତେବେ (ୱାର୍କ ଫର୍ମ ହୋମ)କୁ ୧୨ରୁ ୧୮ମାସ ପର୍ଯ୍ୟନ୍ତ ବଢାଯାଇ ପାରେ।

# ୨୦୩୦ ସୁଦ୍ଧା 'ଗ୍ରୀନ୍ ରେଲୱେ'

ଭୁବନେଶ୍ୱର,୧୩।୭ (ବ୍ୟୁରୋ)



୨୦୩୦ ମସିହା ସୁଦ୍ଧା ଭାରତୀୟ ରେଳ ବ୍ୟବସ୍ଥାକୁ ଗ୍ରୀନ ରେଳବାଇ(ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ)ରେ ପରିଣତ କରାଯିବ। ସମ୍ପୂର୍ଣ୍ଣ ବିଦ୍ୟୁତିକରଣ ସହ ଲୋକୋମୋଟିଭରେ ଶକ୍ତି ସକ୍ରିୟତା ବୃଦ୍ଧି, ଇନଷ୍ଟଲେସନ/ଷ୍ଟେସନଗୁଡ଼ିକୁ ଗ୍ରୀନ ସାର୍ଟିଫିକେସନ କରାଯିବ। ରେଳ ବଗିଗୁଡ଼ିକରେ ବାୟୋ ଶୌଚାଗାର ଖଞ୍ଜାଯିବ ଏବଂ ପାରମ୍ପରିକ ଶକ୍ତି ପରିବର୍ତ୍ତେ ସେସବୁକୁ ଅକ୍ଷୟ ଶକ୍ତିକ୍ଷମ କରାଯିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ଭାରତୀୟ ରେଳବାଇ ଜିରୋ କାର୍ବନ ନିର୍ଗମନ ଲକ୍ଷ୍ୟ ହାସଲ କରାଯାଇପାରିବ। ୨୦୨୩ ଡିସେମ୍ବର ସୁଦ୍ଧା ଦେଶର ସବୁ ବ୍ରଡ୍ ଗେଜ୍ ରେଳପଥର ବିଦ୍ୟୁତିକରଣ କାର୍ଯ୍ୟ ସଂପୂର୍ଣ୍ଣ କରାଯିବ। ସୌର ଓ ବାୟୁରୁ ଉତ୍ପାଦିତ ଶକ୍ତି ରେଳବାଇ ବିଜୁଳି ଗ୍ରୀଡ୍‌କୁ ଇନ୍ଧନ ଯୋଗାଇବ। ଏବେ ସୁଦ୍ଧା ୪୦ ହଜାର ଆର୍‌କେଏମ୍ ବିଦ୍ୟୁତିକରଣ କାର୍ଯ୍ୟ ଶେଷ ହୋଇଥିବା କୁହାଯାଇଛି। ଭାରତୀୟ ରେଳବାଇ ନିକଟରେ ୫୧ ହଜାର ହେକ୍ଟର ଜମି ରହିଥିବା ବେଳେ ଏଥିରେ ୨୦ ଗିଗାୱାଟର ସୌର ଶକ୍ତି ପ୍ଲାଣ୍ଟ ସ୍ଥାପନ କରାଯାଇପାରିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ହୋଣ୍ଡା ଟୁହ୍ୱିଲର୍ସ ପକ୍ଷରୁ ଅନ୍‌ଲାଇନ ବୁକିଂ

**ଭୁବନେଶ୍ୱର,୧୩।୭:** ହୋଣ୍ଡା ମୋଟର ସାଇସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଅନ୍‌ଲାଇନ ବୁକିଂ ବ୍ୟବସ୍ଥା ଶୁଭାରମ୍ଭ କରାଯାଇଛି। କୋଭିଡ୍ କଟକଣା ଯୋଗୁ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। କମ୍ପାନୀର ଅଫିସିଆଲ ୱେବସାଇଟରେ ଏ ନେଇ ସବିଶେଷ ସୂଚନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ, ସ୍ପର୍ଶବିହୀନ ଭାବେ ଗ୍ରାହକଙ୍କ ସହ ସମ୍ପର୍କ ସ୍ଥାପନ କରିବାରେ ଏକ ପ୍ରମୁଖ ମାଧ୍ୟମ ହେଉଛି ଡିଜିଟାଇଜେସନ। କମ୍ପାନୀର ଅଫିସିଆଲ ୱେବସାଇଟରେ ଅନ୍‌ଲାଇନ ବୁକିଂ ପ୍ଲାଟଫର୍ମ ସୁବିଧା ରହିଛି। ଏହା ଦ୍ୱାରା ଗ୍ରାହକ ଘରୁ ନ ବାହାରି ନିଜ ପସନ୍ଦର ହୋଣ୍ଡା ୨ଚକିଆ ଯାନ ବୁକିଂ କରିବାରେ ସକ୍ଷମ ହୋଇ ପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଗ୍ରାହକମାନେ ମାତ୍ର ୧୯୯୯ ଟଙ୍କା ଦେଇ ଯାନ ବୁକିଂ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ରିଲାଏନ୍ସର ଭର୍ଚୁଆଲ ଏଜିଏମ୍

**ନୂଆଦିଲ୍ଲୀ,୧୩।୭:** ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍) ଚଳିତ ବର୍ଷ ଭର୍ଚୁଆଲ ଉପାୟରେ ହେବ। ମହାମାରୀ ଯୋଗୁ ଅନ୍‌ଲାଇନରେ ଏହି ବୈଠକ ବୁଧବାର ଆୟୋଜନ କରାଯାଉଛି। ଭିଡିଓ କନଫରେନ୍ସ ସହ ଅନ୍ୟ ଅଡିଓ ଭିଜୁଆଲରେ ଏହା ଅନୁଷ୍ଠିତ ହେବ। ରିଲାଏନ୍ସ ଏଜିଏମ୍ ଅଂଶୀଦାରଙ୍କ ସମେତ କର୍ପୋରେଟ ଜଗତ, ମିଡିଆ, ନିବେଶକଙ୍କ ଲାଗି ବହୁ ପ୍ରତୀକ୍ଷିତ ହୋଇ ରହିଥାଏ। ଏଥିରେ ପ୍ରଥମ ଥର ଲାଗି ନୂଆ ଭର୍ଚୁଆଲ ପ୍ଲାଟଫର୍ମ ଦେଖିବାକୁ ମିଳିବ। ଦେଶ ବିଦେଶର ୫୦୦ଟି ସ୍ଥାନରୁ ୧ ଲକ୍ଷ ଅଂଶୀଦାର ଏଥିରେ ଲଗ୍‌ଇନ୍ କରିପାରିବେ।

## ତହସିଲ କାର୍ଯ୍ୟାଳୟ, ଚମ୍ପୁଆ, ଜି.: କେନ୍ଦୁଝର

ବିଜ୍ଞାପନ ସଂଖ୍ୟା: ୨୭୨୫ ତାରିଖ: ୧୩।୦୭।୨୦୨୦

ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିଲାମ ଇସ୍ତାହାର

CORRIGENDUM (ଭୁଲ୍ ସଂଶୋଧନ ପତ୍ର)

ତହସିଲ କାର୍ଯ୍ୟାଳୟ, ଚମ୍ପୁଆର ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷୀୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ଦେଇଥିବା ବିଜ୍ଞାପନ ସଂଖ୍ୟା ୨୩୭୧/ତାରିଖ ୩୦।୦୬।୨୦୨୦ରେ ନିମ୍ନରେ ସମ୍ୟକ୍ ସଂଶୋଧନ କରାଗଲା।

୧. ବିଜ୍ଞାପନରେ ଦର୍ଶାଯାଇଥିବା ସଲ୍‌ଭେନ୍‌ସି ସାର୍ଟିଫିକେଟ ଅଥବା (ସମ୍ପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁଥିବା ମୋଟ Minimum Guaranteed Quantity (MGQ), ରୟାଲିଟି ପରିମାଣର ସମାନ ଅର୍ଥର Bank Guaranteeରେ ସଲ୍‌ଭେନ୍‌ସି ସାର୍ଟିଫିକେଟକୁ ଉଚ୍ଛେଦ କରାଗଲା ଏବଂ କେବଳ Bank Guarantee ଯାହାକି ପାଞ୍ଚ ବର୍ଷ ନିମନ୍ତେ ବୈଧ ରହିଥିବା ସଙ୍ଗେ ସଙ୍ଗେ IT Return ଦାଖଲ କରିବେ ଓ ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କଠାରୁ ସ୍ଥାବର ସମ୍ପତ୍ତିର ତାଲିକା ଦରଖାସ୍ତ ସହ ସଂଲଗ୍ନ କରିବା ବିଧେୟ।

ସ୍ୱା./- ତହସିଲଦାର-ତଥା-କ୍ଷମତାସମ୍ପନ୍ନ ପ୍ରାଧିକାରୀ, ଚମ୍ପୁଆ

## ପ୍ଲେ ଷ୍ଟୋରରୁ ହଟିଲା ୧୧ ଆପ୍

**ନୂଆଦିଲ୍ଲୀ, ୧୩।୭:** ବର୍ତ୍ତମାନ ସାଇବାର ଅପରାଧ ମାମଲା ବଢି ଚାଲିଛି। ହ୍ୟାକରମାନେ ବିଭିନ୍ନ ଆପ୍ଲିକେଶନ ଦ୍ୱାରା ଲୋକଙ୍କୁ ଆର୍ଥିକ ଠକେଇ କରୁଥିବା ଦେଖାଯାଉଛି। ଏହାକୁ ଧ୍ୟାନରେ ରଖି ଗୁଗଲ ଏହାର ପ୍ଲେ ଷ୍ଟୋରରୁ ୧୧ ମୋବାଇଲ ଆପ୍‌କୁ ହଟାଇଛି। ଏହି ଆପ୍‌ଗୁଡିକ ଦ୍ୱାରା ବିଲିଂ ଠକେଇ ହେଉଥିବା ଅଭିଯୋଗ ଆସିଛି। ଏହି ଆପ୍ଲିକେଶନ ନିଜ ଫୋନରେ ରଖିଥିଲେ ଲୋକମାନେ ଏହାକୁ ତୁରନ୍ତ ହଟାଇବା ବୁଦ୍ଧିମାନର କାମ ହେବ। ଏହି ଆପ୍‌ଗୁଡିକୁ ଲୋକମାନେ ୫ ଲକ୍ଷ ଥର ଡାଉନଲୋଡ କରିଛନ୍ତି। ଚୋରୀ ମେସେଜ, ରିଲାକ୍ସେସନ୍ ମେସେଜ, ମେମୋରୀ ଗେମ୍, ଲଭିଂ ମେସେଜ, ଫ୍ରେଣ୍ଡ ଏସ୍‌ଏମ୍‌ଏସ୍, କଣ୍ଟାକ୍ଟ ମେସେଜ, କମ୍ପ୍ରେସ ଇମେଜ, ଆପ୍ ଲକର, ରିକଭର ଫାଇଲ, ରିମାଇଣ୍ଡ ଆଲାରାମ୍ ଏବଂ ଚେରୀ ମେସେଜ ଭଳି ଆପ୍ ପ୍ଲେ ଷ୍ଟୋରରୁ ହଟିଥିବା ଜଣାପଡିଛି। ଯଦି ଏଭଳି କୌଣସି ଆପ୍ ଫୋନରେ ରଖିଥାନ୍ତି ତେବେ ଏହାକୁ ହଟାଇ ଦେବାକୁ ସାଇବର ନିରାପତ୍ତା ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

# ଖୁଚୁରା ମୁଦ୍ରାସ୍ଫୀତି ୬.୦୯%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୩।୭:** ଜୁନରେ ଖୁଚୁରା ମୁଦ୍ରାସ୍ଫୀତି ୬.୦୯%କୁ ବୃଦ୍ଧି ଘଟିଛି। ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ହେବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ସୋମବାର ଜାରି ହୋଇଥିବା ସରକାରୀ ଡାଟାରୁ ଏହା ଜଣାପଡିଛି। ଖାଦ୍ୟ ବର୍ଗରେ ମୁଦ୍ରାସ୍ଫୀତି ୭.୮୭%କୁ ବୃଦ୍ଧି ଘଟିଥିବା ଖାଉଟି ମୂଲ୍ୟ ସୂଚୀ(ସିପିଆଇ) ଡାଟାରୁ ସାମ୍ନାକୁ ଆସିଛି। କରୋନା ମହାମାରୀ ଯୋଗୁ ଡାଟା ସଂଗ୍ରହ ବର୍ତ୍ତମାନ ପ୍ରଭାବିତ ହୋଇଛି। ସ୍ୱଳ୍ପ ଡାଟାକୁ ନେଇ ମୁଦ୍ରାସ୍ଫୀତି ରିପୋର୍ଟ ପ୍ରକାଶ କରାଯାଉଛି ବୋଲି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଏହା କୁହାଯାଇଛି। ଗତ ବର୍ଷ ଜୁନରେ ଖୁଚୁରା ମୁଦ୍ରାସ୍ଫୀତି ୩.୧୮% ରହିଥିଲା। ମହାମାରୀ ଯୋଗୁ ଏପ୍ରିଲ ଏବଂ ମେ ମାସରେ ସରକାର ସିପିଆଇ ଡାଟା ଜାରି କରିନାହାନ୍ତି।

# ପରିବର୍ତ୍ତିତ କୌଶଳ ସହ ଫେରିପାରେ ଟିକ୍‌ଟକ୍

**ନୂଆଦିଲ୍ଲୀ,୧୩।୭:** ଚାଇନା ସେନା ଆକ୍ରମଣ ଫଳରେ ଭାରତ ସରକାର ଟିକ୍‌ଟକ୍ ସହ ଚାଇନାର ୫୯ ଆପ୍ଲିକେଶନକୁ ଭାରତ ବଜାରରୁ ବ୍ୟାନ୍ କରି ଦେଇଛନ୍ତି। ଏହା ଦ୍ୱାରା କମ୍ପାନୀ ଗଭୀର କ୍ଷତି ସହୁଛି। ବିଶ୍ୱର ପ୍ରମୁଖ ବଜାରଗୁଡିକ ମଧ୍ୟରେ ଭାରତ ବଜାର କମ୍ପାନୀ ଲାଗି ଭଲ ରାଜସ୍ୱ ପ୍ରଦାନ କରୁଥିଲା। ହେଲେ ଚାଇନା ସେନାର ଏଭଳି କାର୍ଯ୍ୟ ଦ୍ୱାରା ବାଇଟଡାନ୍ସ ଦ୍ୱାରା ସ୍ଥାପନା ହୋଇଥିବା ଟିକଟକ ଆପ୍ ଗଭୀର କ୍ଷତି ସହୁଛି। ରୟଟର୍ସର ଏକ ରିପୋର୍ଟ ମୁତାବକ ଚାଇନା ପାଇଁ ଟିକ୍‌ଟକ୍‌କୁ କ୍ଷତି ସହିବାକୁ ପଡିଥିବାରୁ ଏହା ପରିବର୍ତ୍ତିତ କୌଶଳ ସହ ଆସିପାରେ। ଏହା ଚାଇନା ପରେ ଆମେରିକା ଢଙ୍ଗରେ କାରବାରକୁ ଓହ୍ଲାଇପାରେ ବୋଲି ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଆମେରିକା ମଧ୍ୟ ଏହି ମୋବାଇଲ ଆପ୍ ଉପରେ କଟକଣା ଲଗାଇ ପାରେ ବୋଲି ଶୁଣାଯାଉଛି। ଟିକ୍‌ଟକ୍ ବ୍ୟବହାର ନ କରିବାକୁ ଆମାଜନ୍ ଏହାର କର୍ମଚାରୀଙ୍କୁ ବାରଣ କରିଥିବା ଖବର ଆସିଛି। ବଜାରର ଏଭଳି ବିଭିନ୍ନ ସମସ୍ୟାକୁ ଧ୍ୟାନରେ ରଖି ଟିକ୍‌ଟକ୍ ଚାଇନା ସହ ଏହାର ସମ୍ପର୍କ ଛିନ୍ନ କରିବା ସହ ବିକଳ୍ପ ପନ୍ଥା ଆପଣାଇବାକୁ ଯୋଜନା କରୁଛି। କମ୍ପାନୀ ଏହାର କର୍ପୋରେଟ ଢାଞ୍ଚାରେ ମଧ୍ୟ ପୁନର୍ଗଠନ କରିପାରେ। ଏହାର ମୁଖ୍ୟ କାର୍ଯ୍ୟାଳୟକୁ କମ୍ପାନୀ ନୂଆ ସ୍ଥାନକୁ ମଧ୍ୟ ନେଇପାରେ ବୋଲି ଶୁଣାଯାଉଛି। ଏଭଳି ସ୍ଥାନଗୁଡିକରୁ କୌଣସି ଏକ ସ୍ଥାନରେ କମ୍ପାନୀ ନିଜର ନୂଆ ମୁଖ୍ୟ କାର୍ଯ୍ୟାଳୟ ସ୍ଥାପନ କରିପାରେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN
୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

MAHESWARI FINANCE
LOAN
IN 3 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082
9911637672

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ODISHA STATE MEDICAL CORPORATION LIMITED (OSMCL)

In front of Ram Mandir, Convent Square, Unit - III,
Bhubaneswar - 751001
Tel. (0674) 2380660/2380608
Website: www.osmcl.nic.in, Email: logistics.osmcl.od@nic.in
*Assuring Quality, Saving Lives*

### NOTICE INVITING E-TENDER FOR SUPPLY OF ANTI-CANCER DRUGS AND MEDICAL CONSUMABLES (Re-Tender) FOR THE YEAR (2019-20)

Bid Ref. No. OSMCL/2019-20/DRUGS-DHS-ACD-RE-TENDER/12 Date: 10.07.2020

No. CAD-255: **Online Bids** through **e-Tender portal (https://tendersodisha.gov.in)** are invited from eligible bidders for **Supply of Anti-Cancer Drugs and Medical Consumables (Re-Tender)** as per the particulars mentioned below:

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of Bid | 10.07.2020, 3 P.M. | |
| 2 | Date & time for submission of queries by E-mail ID **logistics.osmcl.od@nic.in** | 15.07.2020 upto 5.00 P.M. | |
| 3 | Date & time of Online bid submission | Start Date & Time | End Date & Time |
| | | 20.07.2020, 3 PM | 10.08.2020, 6.00 P.M. |
| 4 | Date & time for submission of Tender Documents, Tender Document Fee and EMD amount as per Section - IV of tender document | Start Date & Time | End Date & Time |
| | | 12.08.2020, 10 A.M. | 19.08.2020, 11.00 A.M. |
| 5 | Date & time of online Technical bid opening | 19.08.2020, 12.30 P.M. | |
| 6 | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

**Sd./- Managing Director, OSMCL**
**OIPR-10112/11/0014/2021**

## DEPARTMENT OF WATER RESOURCES ODISHA COMMUNITY TANK DEVELOPMENT MANAGEMENT SOCIETY

7th Floor, Rajiv Bhawan, Bhubaneswar
Ph. 0674-2391363, E-mail: spuoiipcra.od@gov.in

**CANCELLATION OF ITEM 1 OF EOI INVITED VIDE No. OIIPCRA-EoI-3/2019 Dated: 29.03.2019**

The Expression of Interest for the "Carrying out study and preparation of Integrated Irrigation and Agriculture Plan (IIAP)" for Odisha Integrated Irrigation Project for Climate Resilient Agriculture (OIIPCRA) invited for the Item No. 1 of the EoI No. OIIPCRA-EoI-3/2019 dated 29.03.2019 by the Office of OCTDMS is hereby cancelled. This is for notice of all concerned.

**CANCELLATION OF ITEM 3, 4 & 5 OF EOI INVITED VIDE No. OIIPCRA-EoI-2/2019 Dated 08.03.2019**

The Expression of Interest for the "External 3rd Party Quality Control & Quality Assurance (QC & QA) Agency, Zone - I (Berhampur), Zone - II (Baripada) and Zone - III (Bhawanipatna)" for Odisha Integrated irrigation Project for Climate Resilient Agriculture (OIIPCRA) invited for Item No. 3, 4 & 5 of the EoI No. OIIPCRA-EoI-2/2019 dated 08.03.2019 by the Office of OCTDMS is hereby cancelled. This is for notice of all concerned.

**CANCELLATION OF ITEM AT SERIAL NUMBER 1 IN TENDER PACKAGE BGR-08 UNDER RFB-OIIPCRA-W-2-2/2019 DATED 31.12.2019 AND RFB No. OIIPCRA-W-2-3/2019 Dated 25.02.2020**

The tender for works in package BGR-08 under RFB-W-2-2/2019 Dt.31.12.2019 and the National Competitive Bid invited vide this office RFB-OIIPCRA-W-2-3/2019, Dt.25.02.2020 for all pakcages for Civil construction works (Rehabilitation of Minor Irrigation Projects under OIIPCRA) are hereby cancelled. This is for notice of all concerned.

**Sd./- Project Director, OCTDMS-cum-Addl. Secretary, DoWR, Odishaah**

**No. A-172** **OIPR-32234/11/0001/2021**

## OFFICE OF THE DIVISIONAL FOREST OFFICER: NAYAGARH FOREST DIVISION

Email – dfo_nayagarh@rediffmail.com / dfonayagarh2016@gmail.com
Contact No. 06753-252226 / 253226

### TENDER NOTICE

**Important Days:**
Last date of sale of tender Paper : **24.07.2020 (5.30) P.M**
Last date of submission of tender paper: **28.07.2020 (10.30) P.M**

**No. MM-54:-** Sealed Tenders are invited from reputed Registered Dealers / Manufacturer / Individuals for supply of good quality fertilizer as per THE FERTILISER (CONTROL) ORDER 1985 of Government of India Ministry of Agriculture and Rural Development Vermicompost, FYM, Organic Fertilizer for use in different Plantation programme in Nayagarh Forest Division under various schemes including MGNREGA during the year 2020-21. The tender application form shall be obtained from the O/O the Divisional Forest Officer, Nayagarh Division on any working day from 10.00 AM to 5.30 PM up to **24.07.2020** on payment of Rs. 1000.00 (Non-refundable) and EMD amount Rs.15000/- separately should be submitted inshape of Bank Draft in favour of Divisional Forest Officer, Nayagarh Division alongwith tender. The last date of submission of sealed tender by Regd. Post / Speed Post / Courier Service / By hand is 28.07.2020 upto 10.30 A.M. Only the technical bids shall be opened at 4.00 P.M of 28.07.2020 in presence of the bidder or his/her authorized representative in the office of the undersigned. The financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done based on the quality and cost of the materials. The undersigned reserves the right to reject any or all tenders without assigning any reason thereof.

**(Dhanraj H.D., IFS)**
**Divisional Forest Officer, Nayagarh Division**
OIPR-08026/11/0004/2021

## OFFICE OF THE CDM & PHO, CUTTACK

Dept. of Health & Family Welfare, Govt. of Odisha

**Advt. No. 8890** **Date: 13.07.20**

### TENDER CALL NOTICE FOR RI ITEMS

Sealed tenders are invited from registered agency for procurement of RI items of Health Institutions. The eligibility criteria and detail terms & conditions may be downloaded from the website **www.cuttack.nic.in**. The tenders should reach the office of the undersigned by 17 July 2020 (till 12.00 P.M.). Through Speed Post/ Registered Post/Courier. The tenders will be opened at 3.00 P.M. on 17 July 2020. The undersigned reserves the right to reject any or all the tenders without assigning any reason thereof.

**Sd./- CDM & PHO, Cuttack**

## OFFICE OF THE DFO-CUM-DMU CHIEF, OFSDP PHASE - II, JHARSUGUDA FOREST DIVISION

At/P.O.- Badmal, Via- K.M. Road, Jharsuguda, PIN - 768202
E-mail: dmuchiefjsg@gmail.com, Ph.: 06645-277151

### ADVERTISEMENT

**FOR CONTRACTUAL ENGAGEMENT OF FMU COORDINATOR (TRAINING & PROCESS DOCUMENTATION) UNDER ODISHA FORESTRY SECTOR DEVELOPMENT PROJECT - II**

The DFO-cum-DMU Chief, Jharsuguda DMU (Divisional Management Unit) invites application from suitable candidates for engagement of one Post FMU (Field Management Unit) Coordinator (Training & Process Documentation) in Belpahar FMU of Jharsuguda DMU on Contractual Basis under the Odisha Forestry Sector Development Project, Phase-II.

Interested candidates may obtain terms of reference and application form from the O/o. DFO-cum-DMU Chief, Jharsuguda office during office hours or may download from the **www.ofsds.in/www.dfojharsuguda.org** website. Duly filled in application complete in all respect along with Demand Draft from any Nationalized Bank for Rs.500/- (non-refundable) in favour of Divisional Forest Officer-cum-DMU Chief, Jharsuguda Forest Division should reach the O/o. the undersigned on or before 4.00 P.M. on dated 10th August, 2020.

**Sd./- DFO-cum-DMU Chief, Jharsuguda Forest Division**

## OFFICE OF THE DISTRICT EDUCATION OFFICER, SONEPUR (MDM CELL)

### TENDER CALL NOTICE

**No. 3191** **Date: 13.07.2020**

Sealed tenders are invited from the intending registered transport agent having valid "Carrier Licence" for engagement of transport agent under MDM Programme for transport of Rice from CWC, Go-down to School points in Subarnapur District. **One Bidder can apply for one Block only**. He should mention clearly the name of the Block in the Tender papers. The tender paper for the above purpose containing the term and conditions, cost of tender papers, EMD and statutory requirement can be downloaded from the district website i.e. **www.subarnapur.nic.in** or available at DPMU (MDM), Sonepur. The tender papers complete in all respect should reach the Office of the DEO, Sonepur by 14.08.2020 through Registered Post/Speed Post only and the sealed tenders will be opened in the office chamber of DM & Collector, Subarnapur on dated 17.08.2020 in presence of the bidders or his/her authorized representative. The tender received beyond the date and time mentioned above shall not be taken into consideration. The authority shall not responsible for any postal dealy. The Collector, Subarnapur reserves the right to reject/cancel/withdraw any or all the tenders without assigning any reason thereof and shall bear no liability what so ever consequent upon such decission.

1. Period of sale of tender paper : Date 14.07.2020 to 14.08.2020 (Office hours)
2. Last date of receipt tender paper : Date 14.08.2020 before 5.00 P.M.
3. Date of Opening of Technical Bid and Financial Bid : Date 17.08.2020 at 10.30 A.M.

**Sd./- Collector, Subarnapur**

## NOTICE INVITING BID

## ODISHA STATE MEDICAL CORPORATION LIMITED (OSMCL)

In front of Ram Mandir, Convent Square, Unit - III, Bhubaneswar - 751001
Tel. (0674) 2380950, Website: www.osmcl.nic.in, Email: logistics.osmcl.od@nic.in

Bid Ref. No. OSMCL/2019-20/DRUGS-DHS-RE-TENDER/11 Date: 10.07.2020

No. CAD-254: **Online Bids** through **e-Tender portal (https://tendersodisha.gov.in)** are invited from eligible bidders for **Supply of Drugs & Medical Consumables Items as per the particulars mentioned below.**

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of Bid | 10.07.2020, 3 P.M. | |
| 2 | Date & time for submission of queries by E-mail ID **logistics.osmcl.od@nic.in** | 15.07.2020 upto 5.00 P.M. | |
| 3 | Date & time of Online bid submission | Start Date & Time | End Date & Time |
| | | 20.07.2020, 3 PM | 10.08.2020, 6.00 P.M. |
| 4 | Date & time for submission of Tender Documents, Tender Document Fee and EMD amount as per Section - IV of tender document | Start Date & Time | End Date & Time |
| | | 12.08.2020, 10 A.M. | 19.08.2020, 11.00 A.M. |
| 5 | Date & time of online Technical bid opening | 19.08.2020, 11.30 A.M. | |
| 6 | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

**Sd./- Managing Director, OSMC Ltd., Odisha**
**OIPR-10112/11/0013/2021**



କୋଏମ୍ବାଟୁର: ତାମିଲନାଡୁର କୋଏମ୍ବାଟୁର ନିକଟସ୍ଥ ଥୋଣ୍ଡାମୁଥୁର ଅଞ୍ଚଳର ନରସିପୁରମ୍ ଗାଁରୁ ଏକ ୧୫ ଫୁଟ ଲମ୍ବର ଅହିରାଜ ସାପ ଧରାପଡ଼ିଛି। ସ୍ଥାନୀୟ ବନ ବିଭାଗ କର୍ମଚାରୀ ଏହାକୁ ଧରି ଜଙ୍ଗଲରେ ଛାଡ଼ିଛନ୍ତି। ଶନିବାର ଗାଁ ନିକଟରେ ଥିବା ଏକ ବୁଦା ମୂଳରେ ବଡ଼ ଅହିରାଜ ରହିଥିବା ଦେଖି ଗାଁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ବନ ବିଭାଗ କର୍ମଚାରୀ ସାପକୁ ଧରିଥିଲେ। ପରେ ବନ ବିଭାଗ ପକ୍ଷରୁ ଏନେଇ ଟୁଇଟ୍ କରି ସୂଚନା ଦିଆଯାଇଥିଲା। ସାପ ଧରାଯାଉଥିବାର ଫଟୋ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।

# ଫଟୋଗ୍ରାଫରଙ୍କ କ୍ୟାମେରା ଭଳି ଘର



**ବେଙ୍ଗାଲୁରୁ:** ପ୍ରତ୍ୟେକ ବ୍ୟକ୍ତିଙ୍କର କୌଣସି ନା କୌଣସି ଜିନିଷ ପ୍ରତି ସଉକ ରହିଥାଏ। କାହାର ନୃତ୍ୟ ପ୍ରତି ତ ଆଉ କାହାର ସଙ୍ଗୀତ ପ୍ରତି। ଆଉ ସେଇ ସଉକ ପାଇଁ ଜଣେ ଜଣେ ପାଗଳ ପ୍ରାୟ ହୋଇପଡ଼ନ୍ତି। ଏମିତି ଜଣେ ବ୍ୟକ୍ତି ହେଲେ କର୍ନାଟକର ବେଲଗାମରେ ରହୁଥିବା ରବି ହେଙ୍ଗଲ। ପେସାରେ ସେ ଜଣେ ଫଟୋଗ୍ରାଫର। ଫଟୋଗ୍ରାଫି ପ୍ରତି ପିଲାଟି ଦିନରୁ ରବିଙ୍କ ସଉକ ରହିଆସିଛି। ଯେମିତି ସେ ବଡ଼ ହେଲେ ଏଥିପ୍ରତି ତାଙ୍କର ଦୁର୍ବଳତା ବଢ଼ିବାକୁ ଲାଗିଲା। ଫଟୋଗ୍ରାଫି ପ୍ରତି ତାଙ୍କର ଏତେମାତ୍ରାରେ ଦୁର୍ବଳତା ରହିଛି ଯେ, ସେ ନିଜ ଘରକୁ କ୍ୟାମେରା ଡିଜାଇନର ତିଆରି କରିଛନ୍ତି। ଦୂରରୁ ଏହି ଘରକୁ ଦେଖିଲେ ମନେହୁଏ, ସତେଯେପରି ଗୋଟିଏ ବଡ଼ କ୍ୟାମେରା ରଖାଯାଇଛି। ଏମିତିକି ସେ ଘରର ନାମ ରଖିଛନ୍ତି 'କ୍ଲିକ୍'। ଖାଲି ସେତିକି ନୁହେଁ ରବିଙ୍କ ୩ ପିଲାଙ୍କ ନାମ ଇପ୍ସୋନ, କାନୋନ ଏବଂ ନିକୋନ ନାମରେ ନାମକରଣ କରାଯାଇଛି।




ବିବାହ ଶୁଭେଚ୍ଛା
ସୌମ୍ୟ ରଞ୍ଜନ ମହାରଣା
ପ୍ରିୟଙ୍କା ନାୟକ
ଖଣ୍ଡିତର, ଜିଲା- ଯାଜପୁର
ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
-: ଶୁଭେଚ୍ଛା ସହ :-
ବାପା, ମାଆ, ସମସ୍ତ ବନ୍ଧୁ ଓ ପରିବାର ବର୍ଗ।
ଧ-୧୭୭୪୦


# କାଲିଫର୍ନିଆ ବିଚ୍‌ରେ ମସ୍ତି କରୁଛନ୍ତି ସନି



ସନି ଲିଓନ

**ମୁମ୍ବାଇ:** ବଲିଉଡ୍‌ର ହଟ୍ ଏବଂ ବୋଲ୍ଡ ଅଭିନେତ୍ରୀ ସନି ଲିଓନ ଏବେ ଆମେରିକାରେ ସ୍ୱାମୀଙ୍କ ସହିତ ସମୟ କାଟୁଛନ୍ତି। ମୁମ୍ବାଇରେ ଥିବାବେଳେ ସାମାଜିକ ଦୂରତାକୁ ମାନୁଥିବା ବେଳେ କାଲିଫର୍ନିଆରେ ମଧ୍ୟ ସାମାଜିତ ଦୂରତାକୁ ସେ ମାନି ଚଳୁଛନ୍ତି। ସନି ଡାନିଏଲଙ୍କ ସହିତ ସମୁଦ୍ର କୂଳରେ ବୁଲି ମସ୍ତି କରୁଥିବା ନଜର ଆସିଛନ୍ତି। ସନି ସମୁଦ୍ର କୂଳରେ ମସ୍ତି କରୁଥିବାର ଦୁଇଟି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଫଟୋ ଶେୟାର କରି ଲେଖିଛନ୍ତି, ସୋସିଆଲ ଡିଷ୍ଟାନ୍ସିଂ ଏବଂ ସମୁଦ୍ର କୂଳରେ ମସ୍ତି କରିବାର ଲାଇଫ୍ ସବୁଠାରୁ ଭଲ। ଏହା ସହିତ ଆଉ ଏକ ଫଟୋରେ ଲେଖିଛନ୍ତି, 'ବିଚ୍‌ରେ ସାମାଜିକ ଦୂରତ୍ୱ ପାଳନ'। ଏହି ଫଟୋରେ ସନି ବେଶ ହଟ୍ ଅନ୍ଦାଜରେ ନଜର ଆସିଛନ୍ତି। ଏହି ଫଟୋ ଇନ୍‌ଷ୍ଟାରେ ପୋଷ୍ଟ ହେବା ପରେ ଫ୍ୟାନ୍‌ମାନେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଏହା ସହିତ ସନି ତାଙ୍କ ସ୍ୱାମୀ ଡାନିଏଲଙ୍କ ଫଟୋ ମଧ୍ୟ ଶେୟାର କରି ଲେଖିଛନ୍ତି ଯେ, ଚମକୁଥିବା ଖରା ସହିତ ହଟି ଡାନିଏଲଙ୍କ ସହ ସମୟ କାଟିବା ବେଶ୍ ରୋମାଣ୍ଟିକ। ଏବେ ମୋ ପରିବାରକୁ ସମୟ ଦେଇପାରୁଥିବାରୁ ମୋତ ଭଲ ଲାଗୁଛି ବୋଲି ସନି କହିଛନ୍ତି। ଭାରତରେ କରୋନା ସଂକ୍ରମଣ ବ୍ୟାପୁଥିବା ଯୋଗୁ ସନି ପରିବାର ସହିତ ଆମେରିକା ଚାଲିଯାଇଛନ୍ତି। ଆମେରିକାରେ ମଧ କରୋନା ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ। କିନ୍ତୁ ସେ ସେଠାରେ ପିଲାମାନଙ୍କୁ ଅଧିକ ସୁରକ୍ଷିତ ରଖିପାରିବେ ବୋଲି ନିଜ ପର୍ସନାଲ ପ୍ଲେନ୍‌ରେ ଆମେରିକା ଯାଇଥିଲେ।

# ୫ବର୍ଷ ଶିଶୁର ଓପନ୍ ହାର୍ଟ ସର୍ଜରି



**ଚେନ୍ନାଇ:** ପୋଲିସ ପ୍ରତି ସାଧାରଣ ଜନତାଙ୍କ ଚିନ୍ତାଧାରା ଅନେକ ସମୟରେ ଭଲ ନ ଥାଏ। କିନ୍ତୁ ଏହି ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ବିଭିନ୍ନ ସମୟରେ ଖାକି ପୋଷାକର ମର୍ଯ୍ୟାଦା ମଧ୍ୟ ବଢ଼ାଇଛନ୍ତି। ତାମିଲ୍‌ନାଡୁର ଚେଙ୍ଗଲପାଟୁ ଜିଲା ଗୁଡୁଭାନ୍‌ଚେରୀସ୍ଥିତ କାର୍ତ୍ତିକଙ୍କ କ୍ଷେତ୍ରରେ ଏପରି କିଛି ଘଟିଛି। ଚେନ୍ନାଇ ଜିଲା ଅନ୍ତର୍ଗତ ନନ୍ଦମ୍ବକ୍କମ୍ ଥାନାର ହେଡ୍ କନଷ୍ଟେବଲଙ୍କ ଉଦ୍ୟମ ଏବଂ ଅନ୍ୟ ପୋଲିସ କର୍ମଚାରୀଙ୍କ ସହଯୋଗରେ କାର୍ତ୍ତିକଙ୍କ ୫ବର୍ଷର ଝିଅର ହାର୍ଟ ଅପରେଶନ ସମ୍ଭବ ହୋଇପାରିଛି। ସେଲ୍‌ସମ୍ୟାନ୍‌ଭାବେ କାମ କରୁଥିବା କାର୍ତ୍ତିକ ଗୁଡୁଭାନ୍‌ଚେରୀଠାରେ ସ୍ତ୍ରୀ ପ୍ରିୟଙ୍କା ଏବଂ ୫ବର୍ଷର ଝିଅ କାଭିସ୍କାଙ୍କ ସହ ରୁହନ୍ତି। ତେବେ ଝିଅ କାଭିସ୍କାଙ୍କ ହୃତ୍‌ପିଣ୍ଡ(ହାର୍ଟ)ରେ ଜନ୍ମରୁ ହିଁ ଏକ ବ୍ଲକ୍ ରହିଥିବାବେଳେ ୩ଥର ଆଞ୍ଜିଓଗ୍ରାମ୍ ସରିଛି। ଏଥିସହ ଜନ୍ମ ପରଠାରୁ ତାଙ୍କୁ ଔଷଧ ଖାଇବାକୁ ପଡୁଛି। ତେବେ ଲକ୍‌ଡାଉନ୍ ପୂର୍ବରୁ ଡାକ୍ତର ଝିଅର ଏକ ଆଞ୍ଜିଓଗ୍ରାମ୍ କରିବା ପାଇଁ କାର୍ତ୍ତିକଙ୍କୁ ପରାମର୍ଶ ଦେଇଥିଲେ। ତେବେ ଲକ୍‌ଡାଉନ୍‌ରେ କାମଧନ୍ଦା ବନ୍ଦ ଏବଂ ଟଙ୍କା ଅଭାବ ଯୋଗୁ ତାହା କରିପାରୁ ନ ଥିଲେ। ୨ବର୍ଷ ହେଲା କାର୍ତ୍ତିକଙ୍କ ପଡ଼ିଶା ଘରେ ରହୁଥିବା ହେଡ୍ କନଷ୍ଟେବଲ ପି. ସେନ୍ଥିଲ୍ କୁମାର କାର୍ତ୍ତିକଙ୍କ ଝିଅ ବିଷୟରେ ଜାଣିବାକୁ ପାଇଥିଲେ। ସେନ୍ଥିଲ୍ ଏବଂ ତାଙ୍କ ସ୍ତ୍ରୀ ୩୦ ହାଜର ଟଙ୍କା ସାହାଯ୍ୟ କରିବା ସହ କାଭିସ୍କାଙ୍କ ଆଞ୍ଜିଓଗ୍ରାମ୍ କରାଇବା ପାଇଁ କହିଥିଲେ। ଇତିମଧ୍ୟରେ ଝିଅର ଶରୀର ଅସୁସ୍ଥ ହେବାସହ ଡାକ୍ତର ତାଙ୍କୁ ଓପନ୍-ହାର୍ଟ ସର୍ଜରି ପାଇଁ ପରାମର୍ଶ ଦେଇଥିଲେ। କାର୍ତ୍ତିକ ସାହାଯ୍ୟ ମାଗିବା ପାଇଁ ମନଉଣା କରୁଥିଲେ ବୋଲି ସେନ୍ଥିଲ୍ ଅନ୍ୟ ଜଣେ ପଡ଼ୋଶୀଙ୍କଠାରୁ ଶୁଣିବାକୁ ପାଇଥିଲେ। ସେନ୍ଥିଲ୍ ନିଜ ଥାନା ଇନ୍‌ସପେକ୍ଟର ଥାଙ୍ଗରାଜଙ୍କୁ କାଭିସ୍କା ବିଷୟରେ ଜଣାଇଥିଲେ। ଇନ୍‌ସପେକ୍ଟର ମଧ୍ୟ ଶିଶୁଟିର ଚିକିତ୍ସା ପାଇଁ ସହଯୋଗ କରିବାକୁ ଚିନ୍ତା କରିଥିଲେ। ଦୁହେଁ ସ୍ଥାନୀୟ ଏକ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ସମସ୍ତ ଥାନା କର୍ମଚାରୀଙ୍କ ନିକଟରୁ ୪୫ହଜାର ସଂଗ୍ରହ କରିଥିଲେ। ସରକାରଙ୍କ ଏକ ଯୋଜନାରେ ମଧ ୧.୨୫ ଲକ୍ଷ ଟଙ୍କା ମିଳିଲା। ସେହିପରି ଅନ୍ୟ କେତେକ ସହୃଦୟ ବ୍ୟକ୍ତିଙ୍କ ନିକଟରୁ ୩ଲକ୍ଷ ଟଙ୍କା ସଂଗ୍ରହ କରାଯାଇଥିଲା। ୫ଲକ୍ଷ ଟଙ୍କା ଆଦାୟ କରିବା ପରେ ମାସେ ତଳେ କାଭିସ୍କାଙ୍କୁ ଓପନ୍-ହାର୍ଟ ସର୍ଜରି ପାଇଁ ଭର୍ତ୍ତି କରାଯାଇଥିଲା। ଶନିବାର ସେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ଏ ନେଇ କାର୍ତ୍ତିକ କୁହନ୍ତି, ଯୁବାବସ୍ଥାରେ ପୋଲିସକୁ ନେଇ ମୋର ଖରାପ ଅନୁଭୂତି ରହିଥିଲା। ହେଲେ ଜଣେ ଖାକି ପୋଷାକଧାରୀ ମୋ ଝିଅର ଜୀବନ ବଞ୍ଚାଇବେ, ମୁଁ କଳ୍ପନା କରି ନ ଥିଲି।

**୫ ଲକ୍ଷ ଟଙ୍କା ଯୋଗାଡ଼ କଲା ପୋଲିସ**

# ଆଗ୍ନେୟଗିରିରୁ ବାହାରୁଛି ଘନନୀଳ ଲାଭା



**ଜାକର୍ତ୍ତା:** ଇଣ୍ଡୋନେସିଆର ଏକ ଆଗ୍ନେୟଗିରିରୁ ଘନନୀଳ ରଙ୍ଗର ଲାଭା ଉଦ୍‌ଗିରଣ ହେବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଲାଭାର ରଙ୍ଗ ସାଧାରଣତଃ ଲାଲ ରହୁଥିବାବେଳେ ଏଭଳି ରଙ୍ଗ ନେଇ ଲୋକେ ନାନା ପ୍ରକାରଣ ଆଶଙ୍କା ମଧ୍ୟରେ ରହୁଛନ୍ତି। ସୋସିଆଲ୍ ମିଡ଼ିଆରେ ଲାଭାର ରଙ୍ଗକୁ ନେଇ ଏବେ ଚର୍ଚ୍ଚା ଜାରି ରହିଛି। ଉଦ୍‌ଗିରଣ ହେଉଥିବା ଘନନୀଳ ରଙ୍ଗର ଲାଭାର ଭିଡ଼ିଓ ଏବଂ ଫଟୋକୁ ୟୁଜର ଶେୟାର କରି ଚାଲିଛନ୍ତି। କାୱାହ ଲିଜେନ୍ ଆଗ୍ନେୟଗିରି ଉଦ୍‌ଗିରଣ ହେବା ପରେ ଏଥିରୁ ଏଭଳି ରଙ୍ଗର ଲାଭା ବାହାରିଛି। ଅବତାର ଫିଲ୍ମ ଭଳି ଲାଭା ରଙ୍ଗ ଦେଖାଯାଉଥିବା ସୋସିଆଲ୍ ମିଡ଼ିଆରେ ୟୁଜରମାନେ ମତ ଦେଇଛନ୍ତି। ପ୍ୟାରିସ୍‌ର ଫଟୋଗ୍ରାଫର ଓଲିଭର୍ ଗ୍ରୁନେୱାଲ୍ଡ ଆଗ୍ନେୟଗିରି ଉଦ୍‌ଗିରଣର ଫଟୋ ଶେୟାର କରିଛନ୍ତି। ସେ କହିଛନ୍ତି ଯେ, ଅତ୍ୟଧିକ ସଲଫ୍ୟୁରିକ୍ ଗ୍ୟାସ୍ ଆଗ୍ନେୟଗିରିରୁ ଉଦ୍‌ଗିରଣ ହେଉଥିବାରୁ ରଙ୍ଗ ଏଭଳି ଘନନୀଳ ରଙ୍ଗ ଧାରଣ କରିଛି। ତରଳ ସଲଫର ଲାଭା ଭଳି ପାହାଡ଼ ତଳକୁ ବହି ଆସୁଥିବା ସେ କହିଛନ୍ତି। ଏତେ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ରାତିରେ ଏହି ଘନନୀଳ ରଙ୍ଗ ବେଶ୍ ଆକର୍ଷଣୀୟ ଏବଂ ସୁନ୍ଦର ଦେଖା ଯାଉଥିବା ସେ ପ୍ରକାଶ କରିଛନ୍ତି। ରାତି ଅନ୍ଧାରରେ ଏହା ଚକମକ କରୁଥିବା ସେ କହିଛନ୍ତି।

# ଐଶ୍ୱର୍ଯ୍ୟାଙ୍କ ଆରୋଗ୍ୟ କାମନା କଲେ ପୂର୍ବତନ ପ୍ରେମିକ



ବିବେକ ଓବେରୟ

**ମୁମ୍ବାଇ:** ବଲିଉଡ୍‌ରେ ବିଗ୍ ବି ଅମିତାଭ ବଚ୍ଚନଙ୍କ ପରିବାର ଏବେ କରୋନା କବ୍‌ଜାରେ। ଅମିତାଭଙ୍କ ସମେତ ପୁଅ ଅଭିଷେକ ବଚ୍ଚନ, ବୋହୂ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ନାତୁଣୀ ଆରାଧ୍ୟାଙ୍କର ରିପୋର୍ଟ ମଧ କରୋନା ପଜିଟିଭ ଆସିଛି। ସୌଭାଗ୍ୟବଶତଃ ଜୟାଙ୍କ ରିପୋର୍ଟ ନେଗେଟିଭ ଆସିଛି। କହିବାକୁ ଗଲେ ପୂରା ବଚ୍ଚନ ପରିବାର ଏବେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ବଚ୍ଚନ ପରିବାରର ସଦସ୍ୟଙ୍କୁ କରୋନା ଆକ୍ରାନ୍ତକରିବା ଜଣାପଡ଼ିବା ପରେ ଅନ୍ୟ କଳାକାରମାନେ ସେମାନଙ୍କ ଆରୋଗ୍ୟ କାମନା କରୁଥିବା ଦେଖାଯାଇଛି। ଏହି ତାଲିକାରେ ଏବେ ଐଶ୍ୱର୍ଯ୍ୟା ରାୟଙ୍କ ପୂର୍ବତମ ପ୍ରେମିକ ବିବେକ ଓବେରୟ ବି ସାମିଲ ହୋଇଛନ୍ତି। ବିବେକ ନିଜ ଟ୍ୱିଟର୍ ଆକାଉଣ୍ଟରୁ ଐଶ୍ୱର୍ଯ୍ୟା ଓ ଆରାଧ୍ୟାଙ୍କ ଏକ ଫଟୋ ପୋଷ୍ଟ କରି ବଚ୍ଚନ ପରିବାର ପାଇଁ ପ୍ରାର୍ଥନା କରିଛନ୍ତି। ବିବେକ ଟୁଇଟ କରି ଲେଖିଛନ୍ତି ଯେ, 'ପରିବାର ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ ବୋଲି ଭଗବାନଙ୍କୁ ପ୍ରାର୍ଥନା କରୁଛି'। କେବଳ ଏତିକି ନୁହେଁ ବିଗ୍ ବି ଓ ଅଭିଷେକ ବଚ୍ଚନଙ୍କୁ କରୋନା ହୋଇଥିବା ନେଇ ଖବର ସାମ୍ନାକୁ ଆସିବା ପରେ ବି ସେ ଟୁଇଟ କରିଥିଲେ। ବିବେକ ଲେଖିଥିଲେ, ଆମେ ସମସ୍ତେ ଆପଣଙ୍କ ପାଇଁ ପ୍ରାର୍ଥନା କରିବୁ। ଆପଣ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ। ତେବେ ବିବେକ ଓବରୟ ଟୁଇଟ୍ କରିବା ପରେ ଐଶ୍ୱର୍ଯ୍ୟା ଓ ବିବେକଙ୍କ ପୂର୍ବ ପ୍ରେମ ମାମଲା ପୁଣିଥରେ ସତେଜ ହୋଇ ଉଠିଛି। ଏବେ ଉଭୟେ ନିଜ ନିଜ ଜୀବନରେ ଆଗେଇ ସାରିଥିବା ବେଳେ ଏଭଳି କରୋନା ସମୟରେ ବିବେକ ବଚ୍ଚନ ପରିବାରର ସୁସ୍ଥତା କାମନା କରିବାକୁ ଲୋକମାନେ ପ୍ରଶଂସା କରୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ ଯେ, ବିବାହ ପୂର୍ବରୁ ଐଶ୍ୱର୍ଯ୍ୟା ଓ ବିବେକଙ୍କ ମଧ୍ୟରେ ଦୀର୍ଘଦିନର ପ୍ରେମ ସମ୍ପର୍କ ରହିଥିଲା।


## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ



ସ୍ୱର୍ଗତ ବସନ୍ତ କୁମାର ନନ୍ଦ
ଗୋଡ଼ିସାହି, କାମାକ୍ଷାନଗର
ଆବିର୍ଭାବ: ୨୧।୦୩।୧୯୪୫
ତିରୋଧାନ: ୦୫।୦୭।୨୦୨୦
ତୁମ ଅକାଳ ବିୟୋଗରେ ଆମେ ସମସ୍ତେ ମର୍ମାହତ। ତୁମର ଅଭାବ ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ ଓ ପରିବାରବର୍ଗ।
ଧ-୧୭୭୪୨

ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଶ୍ରୀପ୍ରା ଦାଶ
ଗ୍ରାମ: ବୀରରାମଚନ୍ଦ୍ରପୁର, ସାକ୍ଷିଗୋପାଳ, ଜି:- ପୁରୀ
ତିରୋଧାନ: ତା. ୨୨।୦୭।୨୦୦୩
ନିନା, ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା, କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କୁ ଚିରକାଳ ଅନୁପ୍ରାଣିତ କରୁଥିବ। ତୋର ଅନୁପସ୍ଥିତି ଆମ୍ଭ ସମସ୍ତଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛି।
-:ଶୋକସନ୍ତପ୍ତ:-
ସ୍ୱାମୀ- ମନୋଜ କୁମାର ଦାଶ ଓ ପରିବାରବର୍ଗ।
ଧ-୬୯୧୩୦

୮ମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି
ତିରୋଧାନ: ୧୨।୦୭।୨୦୧୨
(ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥି)
ଗ୍ରାମ-ଜଳପୋକ, ଜିଲ୍ଲା-କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ-ଅନସୂୟା ମହାନ୍ତି, ପୁଅ ଜନ୍ମେଜୟ ମହାନ୍ତି, ବୋହୂ: କୃଷ୍ଣପ୍ରିୟା ମହାନ୍ତି, ମୃତ୍ୟୁଞ୍ଜୟ ମହାନ୍ତି, ମମତାଞ୍ଜଳି ମହାନ୍ତି, ନାତୁଣୀ: ଶାଶ୍ୱତୀ ମହାନ୍ତି ଏବଂ ପରିବାରବର୍ଗ।
ଧ-୧୭୭୩୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଞ୍ଚାନନ ଧଳ
ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୨।୧୯୪୪
ତିରୋଧାନ: ୦୪।୦୭।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମ୍ଭମାନଙ୍କ ହୃଦୟରେ ସର୍ବଦା ସ୍ମୃତିହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୭୭୩୮

# ମନ୍‌ସୁନ୍ ଫ୍ୟାଶନ

ସାଧାରଣତଃ ମହିଳାମାନେ ଫ୍ୟାଶନ ପ୍ରିୟ। କେଉଁ ସମୟରେ କିଭଳି ପୋଷାକ ପିନ୍ଧିଲେ ଅଧିକ ଆକର୍ଷଣୀୟ ଲାଗିବେ ତାକୁ ନେଇ ସେମାନେ ଖୁବ୍ ସଚେତନ। ତେବେ ଆପଣ ଯଦି ଏ ମନ୍‌ସୁନ୍‌ରେ ନିଜ ଗେଟ୍‌ଅପ୍‌କୁ ନେଇ ଚିନ୍ତିତ ତେବେ ଜାଣି ରଖନ୍ତୁ କେତୋଟି କଥା...





**ୱାନ୍ ପିସ୍ ଶର୍ଟ ଡ୍ରେସ୍:** ବର୍ଷାଦିନେ ପାଣି କାଦୁଅ ଆଦିରେ ଶୀଘ୍ର ଶୁଖିପାରୁଥିବା ଭଳି ୱାନ ପିସ୍ ଡ୍ରେସ୍ ସବୁଠୁ ଭଲ। ଏହା ପିନ୍ଧିବାକୁ ଯେତିକି କମ୍ଫର୍ଟେବଲ୍ ଦେଖିବାକୁ ସେତିକି ଷ୍ଟାଇଲିସ୍ ମଧ୍ୟ। ତା'ଛଡା ଏଥିରେ ଓଢଣି କିମ୍ବା ଶାଢିରେ ପାଣି କିମ୍ବା କାଦୁଅ ଲାଗିଯିବା ଭଳି ଟେନ୍‌ଶନ୍ ବି ନାହିଁ।

**କୁଲୋଟ୍ସ:** ଏହି ଡ୍ରେସ୍ ବର୍ତ୍ତମାନ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଏହାର ବିଭିନ୍ନ କଲର ଏବଂ ଭେରାଇଟି ମାର୍କେଟରେ ମିଳୁଛି। ଏହାକୁ ଉଭୟ ଫର୍ମାଲ ଏବଂ କାଜୁଆଲ ଗେଟ୍‌ଅପ୍ ଭାବେ ବ୍ୟବହାର କରାଯାଇପାରୁଥିବାରୁ ଏହାର ଚାହିଦା ବର୍ତ୍ତମାନ ଅଧିକ ରହିଛି। ତା'ଛଡା ଏହାର ଫୁଲ୍ ଲେଛ ଏବଂ ଥ୍ରୀଫୋର୍ଥ ଲେଛ ବି ରହିଛି, ଯାହାକୁ ବିଭିନ୍ନ ଷ୍ଟାଇଲିସ୍ ଟପ୍ସ ସହ ପେୟାର କଲେ ସୁନ୍ଦର ଲାଗିଥାଏ। ବିଶେଷ କରି ଲେନିନ୍ କ୍ରପ୍‌ଟପ୍ କିମ୍ବା ଡେନିମ୍ ଜ୍ୟାକେଟ୍ ସାଙ୍ଗେ ଏହାର କମ୍ବିନେଶନ୍ ଫ୍ୟାଶନେବଲ୍ ଲାଗିଥାଏ। ଏହା ବର୍ଷା ପାଣି ଲାଗିଲେ ଖୁବ୍ ଶୀଘ୍ର ଶୁଖିବା ସହିତ ଗୋଡରେ ଅଧିକ ସମୟ ପାଣି ଲାଗି ଫଙ୍ଗାଲ୍ ଇନ୍‌ଫେକ୍ସନ, ଥଣ୍ଡା ଭଳି ସମସ୍ୟା ଉପୁଜି ନ ଥାଏ।

**ବେଲ୍ ସ୍ଲିଭ୍ ଡ୍ରେସ୍:** ଢିଲା ହାତ ଥିବାରୁ ଏହି ଡ୍ରେସ୍ ପିନ୍ଧିବାକୁ ଖୁବ୍ ଆରାମଦାୟକ। ତା'ଛଡା ବେଲ୍ ସ୍ଲିଭ୍ ଥିବା ଫ୍ରକ୍, କୁର୍ତ୍ତି ହେଉ କିମ୍ବା ଟପ୍ସ ଷ୍ଟାଇଲିସ୍ ଲୁକ୍ ଦେଇଥାଏ। ଏହି ଟପ୍ସକୁ ଶର୍ଟ୍ସ, ରଫ୍ ଜିନ୍ସ ଆଦି ସହ ପିନ୍ଧିଲେ ଟ୍ରେଣ୍ଡି ଲାଗିଥାଏ। ଏହା ଢିଲା ହୋଇଥିବାରୁ ବର୍ଷାଦିନେ କ୍ୟାରି କରିବା ସହଜ।

**ବଡିକନ୍ ଡ୍ରେସ୍:** ନି ଲେଛ ବଡିକନ୍ ଡ୍ରେସ୍ ମନ୍‌ସୁନ୍ ଫ୍ୟାଶନ୍ ଲାଗି ବେଷ୍ଟ ଚଏସ୍। କାରଣ ଏହା ଅପେକ୍ଷାକୃତ ଷ୍ଟାଇଲିସ୍ ଏବଂ ଟ୍ରେଣ୍ଡି ଲୁକ୍ ଦିଏ। ତା'ଛଡା ବର୍ଷାରେ ଓଦା କିମ୍ବା କାଦୁଅ ଲାଗିବାର ଟେନ୍‌ଶନ୍ ବି ଏଥିରେ କମ୍।



# ଗାଡ଼ି ଚଲାଉଥିଲେ...

ବର୍ତ୍ତମାନ ଅଧିକାଂଶ ମହିଳା ଟୁ ହ୍ୱିଲର ହେଉ ବା ଫୋର୍ ହ୍ୱିଲର ଗାଡି ଚଲାଉଥିବାର ଦେଖିବାକୁ ମିଳୁଛି। ତେବେ ଗାଡି ଚଲାଇବା ସମୟରେ କେତୋଟି ସମାନ୍ୟ କଥାକୁ ଅଣଦେଖା କରିବା ଦ୍ୱାରା ଅନେକେ ଦୁର୍ଘଟଣାର ଶିକାର ହେଉଥିବାର ନଜିର ବି ରହିଛି। ତେଣୁ କେଉଁ ସବୁ ଦିଗ ପ୍ରତି ସଜାଗ ରହିଲେ ନିରାପଦ ଭାବେ ଗାଡି ଚଲାଇପାରିବେ ଜାଣି ରଖନ୍ତୁ ସେ ସମ୍ପର୍କରେ...



– ଗାଡି ଚଲାଉଥିବା ସମୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ପିଡ୍ ନିୟନ୍ତ୍ରଣ। ଏଥିପ୍ରତି ସଜାଗ ରହିଲେ ଦୁର୍ଘଟଣା ଆଶଙ୍କା କମ୍। ରାସ୍ତାରେ ସବୁବେଳେ ଟ୍ରାଫିକ୍ ନିୟମ ମାନନ୍ତୁ।

– ନୂଆ ନୂଆ ଗାଡି ଚଲାଉଥିଲେ ଗହଳି ସ୍ଥାନକୁ ନ ଯିବା ଭଲ। ନଚେତ୍ ଦୁର୍ଘଟଣାର ଆଶଙ୍କା ରହିଛି।

– ଅଧିକାଂଶ ମହିଳା କେଶ ଖରାପ ହୋଇଯିବ ଭାବି ହେଲ୍‌ମେଟ ପିନ୍ଧିବାକୁ ପସନ୍ଦ କରନ୍ତି ନାହିଁ। ହେଲେ ଦୁଇଚକିଆ ଗାଡ଼ି ଚଲାଉଥିଲେ ସୁରକ୍ଷା ଦୃଷ୍ଟିରୁ ସର୍ବପ୍ରଥମେ ହେଲ୍‌ମେଟ୍ ପିନ୍ଧିବାକୁ ଭୁଲନ୍ତୁ ନାହିଁ। କାରଣ ଦୈବାତ୍ କୌଣସି ଦୁର୍ଘଟଣାର ସମ୍ମୁଖୀନ ହେଲେ ଏହା ମୁଣ୍ଡକୁ ସୁରକ୍ଷିତ ରଖିଥାଏ।

– ଗାଡି ଚଲାଇବା ସମୟରେ ମୁହଁ ଦେଖିବା କିମ୍ବା ସଜାଡି ହେବାର ବଦଭ୍ୟାସ ଅନେକଙ୍କର ରହିଛି। ଯାହାଦ୍ୱାରା ନା କେବଳ ରାସ୍ତା ଉପରୁ ଧ୍ୟାନ ଭଙ୍ଗ ହୋଇଥାଏ ବରଂ ମିରର୍‌ରେ ପଛ ଗାଡି ମଧ୍ୟ ଦେଖି ହୋଇ ନ ଥାଏ। ଫଳରେ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଇଥାଏ।

– ଗାଡି ଚଲାଇବା ବେଳେ ନିଜକୁ କମ୍ଫର୍ଟେବଲ୍ ଲାଗିବା ଭଳି ପୋଷାକ ପିନ୍ଧନ୍ତୁ। ଯଦି ଶାଢି କିମ୍ବା ଚୁଡିଦାର, ସାଲୱାର୍– ପଞ୍ଜାବୀ ଭଳି ପୋଷାକ ପିନ୍ଧୁଛନ୍ତି ତେବେ ଏହାର ପଣତ ଏବଂ ଓଢ଼ଣି ଆଦିକୁ ଭଲ ଭାବେ ସମ୍ଭାଳି ରଖନ୍ତୁ। କାରଣ ଅନେକ ସମୟରେ ଏଥିପାଇଁ ଦୁର୍ଘଟଣା ହେଉଥିବାର ନଜିର ରହିଛି।

# ଶିଶୁର ମାଲିସ୍



ମାଲିସ୍ ଏମିତି ଶବ୍ଦଟିଏ, ଯାହାର ନାଁ ଶୁଣିଲା ମାତ୍ରେ ଯେମିତି ଆରାମରେ ନିଦ ଆସିଯାଏ। କେତେବେଳେ ଏହା ଥକାପଣ ଦୂର କରେ ତ ଆଉ କେତେବେଳେ ଏହା ଯନ୍ତ୍ରଣା କମାଇବାରେ ସାହାଯ୍ୟ କରି ଶରୀରକୁ ଆରାମ ଦେଇଥାଏ। ତେବେ ଏହି ମାଲିସ୍ ସବୁଠୁ ଅଧିକ ଆରାମଦାୟକ ଓ ଉପକାରୀ ହୋଇଥାଏ ଶିଶୁଙ୍କ ପାଇଁ...

ଡା. ସରୋଜିନୀ ଷଡ଼ଙ୍ଗୀ

ଜନ୍ମହେଲା ପରେ ପରେ ମା' ଶିଶୁକୁ ନିଜ ଦେହରେ ଜଡ଼ାଇ, କୋଳକୁ ନେଇ ମମତାର ଉଷ୍ମ ସ୍ପର୍ଶ ଦେବାସହ ନିଜର ସ୍ତନ୍ୟପାନ କରାଇଥାଏ । ଏହା ଶିଶୁ ପାଇଁ ଏକ ସୁରକ୍ଷା କବଚ ଭଳି କାମ କରିଥାଏ। ଏହା ସହ ଶିଶୁର ଉଭୟ ମାନସିକ ତଥା ଶାରୀରିକ ବିକାଶ ଭଲ ଭାବେ ହେବା ଲାଗି ଆବଶ୍ୟକ ହୋଇଥାଏ ନିୟମିତ ତେଲ ମାଲିସ, ଯାହାକି ଶିଶୁର ଶରୀର ବିଶେଷଭାବରେ ମୁହଁ, ଦେହ, ପାଦ ଓ ତାଳୁ, ନରମ ଓ କୋମଳ ହୋଇଥାଏ । ମା'ର କୋମଳ ସ୍ପର୍ଶ ଦ୍ୱାରା ଶିଶୁ ଖୁସି ହୁଏ ଓ ତା'ର ମାନସିକ ବିକାଶ ଭଲଭାବରେ ହୋଇଥାଏ। ନିୟମିତ ମାଲିସ୍ ଦ୍ୱାରା ମା' ଓ ଶିଶୁର ବନ୍ଧନ ଦୃଢ଼ରୁ ଦୃଢ଼ତର ହୋଇଥାଏ ଏବଂ ଶିଶୁ ସେଇ ମାଲିସ୍ ସମୟକୁ ସବୁଦିନ ଅନେଇ ରହିଥାଏ ।

**ମାଲିସ୍ କରିବାର ପ୍ରଣାଳୀ–** ଶିଶୁକୁ ମାଲିସ୍ କରିବା ବେଳେ ମା' ଦୁଇ ହାତକୁ ସାବୁନ୍‌ରେ ପରିଷ୍କାର କରି ଧୋଇବା ଦରକାର । ନ ହେଲେ ମା'ର ହାତରୁ ବା' ତେଲମାଲିସ କରୁଥିବା ମହିଳାଙ୍କ ପାଖରୁ ଶିଶୁକୁ ନାନାଦି ରୋଗ ସଂକ୍ରମଣ ହୋଇପାରେ। ରୁମ୍ ଭିତରକୁ ଯେପରି ଥଣ୍ଡା ପବନ ପଶି ନ ଆସେ, ସେଥିପାଇଁ ଯତ୍ନଶୀଳ ହେବା ଆବଶ୍ୟକ। ରୁମ୍ ଯେମିତି ବେଶି ଥଣ୍ଡା ବା' ବେଶି ଗରମ ନ ହେବ ସେଥି ପାଇଁ ଦୃଷ୍ଟିଦେବା ଦରକାର। ଶିଶୁକୁ ଖୁଆଇସାରିବା ପରେ ମାଲିସ୍ ନ କରି, ଖାଲିପେଟରେ ମାଲିସ୍ କରିବା ଭଲ । ଏହାଛଡ଼ା ଥଣ୍ଡା ତେଲ ନୁହେଁ ସାମାନ୍ୟ ଉଷୁମ ତେଲରେ ମାଲିସ୍ କଲେ ଶିଶୁକୁ ଆରାମ ଲାଗିଥାଏ । ସାଧାରଣତଃ ଦିନକୁ ୨ଥର ଶିଶୁକୁ ମାଲିସ୍‌କଲେ ତା'ର ମାଂସପେଶୀ ଓ ହାଡ଼ ଶକ୍ତ ହୁଏ ଏବଂ ଶିଶୁଟି ଚଳ ଚଞ୍ଚଳ ଓ ସକ୍ରିୟ ହୋଇଯାଏ ।

**କେମିତି କରିବେ ମାଲିସ–** ପ୍ରଥମେ ଶିଶୁର ପାଦପଟୁ ମାଲିସ୍ ଆରମ୍ଭ କରିବା ଦରକାର। ଶିଶୁର ଗୋଟିଏ ଗୋଡ଼ର ଗୋଇଠି ହାତରେ ଧରି ଆର ହାତରେ ଶିଶୁର ନିତମ୍ବଠାରୁ ଗୋଇଠି ଯାଏ ମାଂସପେଶୀକୁ ଚିପିଚିପି ତେଲ ମାଲିସ୍ କରିବେ । ଗୋଡ଼କୁ ଚିପୁଡ଼ିଲା ଭଳି ଜୋର୍‌ରେ ମୋଡ଼ାମୋଡ଼ି କରି ମାଲିସ୍ ନ କରି ଧୀରେ ଧୀରେ ମୃଦୁ ଚାପ ଦେଇ ମାଲିସ୍ କରିବା ଭଲ। ଶିଶୁର ଗୋଡ଼ ଗୋଟିଏ ହାତରେ ଧରି, ଆରହାତରେ ପାଦରେ ତେଲ ମାଲିସ୍ କରିଦିଅନ୍ତୁ, ଗୋଡ଼ର ଆଙ୍ଗୁଠି ଫୁଟାଇଲା ଭଳି ଖୁବ୍ ଧୀରେ ଧୀରେ ମୋଡ଼ି ଦିଅନ୍ତୁ ଏବଂ ହାତରେ ବୁଢ଼ା ଆଙ୍ଗୁଠିରେ ଓ ପାଦ ଉପରେ ଧୀରେ ଧୀରେ ଚାପ ଦେଇ ପାଦକୁ ଭାଙ୍ଗି ମାଲିସ୍ କରନ୍ତୁ । ୩–୪ ଥର ଏପରି କରନ୍ତୁ ଓ ପରେ ଆର ପାଦକୁ ମଧ୍ୟ ଉପରୋକ୍ତ ଭାବରେ ମାଲିସ୍ କରନ୍ତୁ । ଶିଶୁର ପାଦକୁ ଆଣ୍ଠୁ ପାଖରୁ ଗୋଇଠି ପର୍ଯ୍ୟନ୍ତ ଭାଙ୍ଗି, ହାତରେ ଅଟାକୁ ବେଲିଲା ଭଳି ଧୀରେ ଧୀରେ ବେଲି ଦିଅନ୍ତୁ ।





**ଛାତି ମାଲିସ୍** – ଦୁଇହାତକୁ ଶିଶୁର ଛାତି ଓ ପଞ୍ଜରାହାଡ଼ ଉପରେ ରଖି ହୃତ୍‌ପିଣ୍ଡକୁ ମାଲିସ୍ କଲାଭଳି ହାଲ୍‌କା ଚାପ ଦେଇ ଛାତି ଉପରେ ମାଲିସ୍ କରନ୍ତୁ । ମନେରଖନ୍ତୁ ଛାତି ଉପରେ ଅଧିକ ଦାବି ଦାବି ବା ଚାପ ଦେଇ ମାଲିସ୍ କରିବା ଅନୁଚିତ।

**ପେଟ** – ଶିଶୁର ତଳି ପେଟ ଉପରେ ହାତଦେଇ ଧୀରେ ଧୀରେ ହାତକୁ ପେଟ ଉପର ଯାଏ ମାଲିସ୍ କଲାଭଳି ନେଇଆସନ୍ତୁ । ଏବେ ଦୁଇ ହାତରେ ଶିଶୁର ପେଟ ମାଲିସ୍ କରନ୍ତୁ। ପେଟକୁ ମଧ୍ୟ ଅଧିକ ଚାପନ୍ତୁ ନାହିଁ।

**କାନ୍ଧ ଓ ହାତ** – ଶିଶୁର ଛାତି ଉପରେ ଦୁଇପଟରେ ଦୁଇ ହାତରଖି ତାକୁ ଧୀରେ ଧୀରେ ଛାତିଉପର ଯାଏ ଉଠାଇ ମାଲିସ୍ କରନ୍ତୁ । ଆସ୍ତେ ଦୁଇହାତକୁ ଛାତିରୁ କାନ ଓ ହାତର ଉପର ଭାଗ ଯାଏ ଟାଣିନିଅନ୍ତୁ ।

**ମୁହଁ ମାଲିସ୍–** ଦୁଇ ହାତକୁ ଘଷି ଘଷି ଉଷୁମ କରି ଶିଶୁର କପାଳର ଦୁଇପଟେ ମାଲିସ୍ କରନ୍ତୁ, ଆସ୍ତେ ଆସ୍ତେ ଦୁଇହାତକୁ ମୁହଁ ଉପରକୁ ଖସାଇ ଆଣି ମୁହଁକୁ ମାଲିସ୍ କରି ଦୁଇ ବୁଢ଼ା ଆଙ୍ଗୁଠିକୁ ନାକର ଦୁଇ ପଟେ ରଖି ମାଲିସ୍ କରନ୍ତୁ । ତା' ପରେ ଧୀରେ ଧୀରେ ଦୁଇହାତକୁ ଦୁଇ ପଟେ ଗାଲ ତଳକୁ ଖସାଇ ଦିଅନ୍ତୁ ।

**ଗାଲ ମାଲିସ୍** – ଦୁଇ ହାତରେ ଶିଶୁର ଗାଲ ଉପରେ ମାଲିସ କଲାବେଳେ ଗୋଟିଏ ଗୋଟିଏ ଗୋଲ ସୃଷ୍ଟି କରନ୍ତୁ ବା ତଳୁ ଉପର ପର୍ଯ୍ୟନ୍ତ ସାର୍କୁଲାର ମୋଶନରେ ମାଲିସ କରନ୍ତୁ। ତା' ପରେ କାନ୍ଧମୂଳକୁ ସୁନ୍ଦର ଭାବରେ ଦୁଇ ହାତରେ ମାଲିସ କରନ୍ତୁ । ଏଥର ଧୀରେ ଧୀରେ ହାତ ଖସାଇ ତା'ର ଚିବୁକ ପାଖକୁ ଆଣନ୍ତୁ । ଓଠ ତଳ ମାଲିସ କରି ସାରିଲାପରେ, ଧୀର ସ୍ୱରରେ ସ୍ମିତହସି, ଶିଶୁଟିର ମାଲିସ୍ ପରର ସ୍ମିତହାସ୍ୟଟିକୁ ମଧ୍ୟ ସାଦରେ ସ୍ୱାଗତ ଜଣାନ୍ତୁ ଏବଂ ଅତି କୋମଳ ସ୍ୱରରେ ତା' ନାଁକୁ ଉଚ୍ଚାରଣ କରନ୍ତୁ ଏବଂ ତା' ମୁହଁକୁ ଚାହିଁ ତା' ନାଁ ଧରି ଡାକନ୍ତୁ । ଦେଖିବେ ପ୍ରତ୍ୟେକ ଦିନ ମାଲିସ୍ ହେବା ସମୟଟି ହେଲେ, ଶିଶୁ ବ୍ୟତିବ୍ୟସ୍ତ ହୋଇ ମାଲିସ୍ ହେବା ପାଇଁ ଚାହିଁବ ଏବଂ ମାଲିସ୍ କରିବା ପରେ ଆରାମରେ ନିଦରେ ଶୋଇପଡ଼ିବ ।

– ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କ୍‌ରୋଡ଼, କଟକ

ସୌନ୍ଦର୍ଯ୍ୟ

# ବେଦାଗ ଗୋରା ତ୍ୱଚା ପାଇଁ



ଧୂଳି, ଧୂଆଁ, ପ୍ରଦୂଷଣ, ସୂର୍ଯ୍ୟକିରଣ ସାଙ୍ଗକୁ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ବର୍ତ୍ତମାନ ଅନେକଙ୍କଠାରେ ତ୍ୱଚାର ରଙ୍ଗ କଳା ପଡିବା, ଦାଗ ବା ଡାର୍କ ପ୍ୟାଚେସ୍ ହେବା ଭଳି ସମସ୍ୟା ଦେଖିବାକୁ ମିଳୁଛି। ହେଲେ ଆପଣ ଚାହିଁଲେ କେତୋଟି ସହଜ ଉପାୟ ଆପଣେଇ ବେଦାଗ ଗୋରା ତ୍ୱଚା ପାଇପାରିବେ। ଜାଣନ୍ତୁ ସେ ସମ୍ପର୍କରେ...

– ଓଟ୍ସ ପାଉଡର ଏକ ଚାମଚ ନେଇ ସେଥିରେ ଅଳ୍ପ କ୍ଷୀର ମିଶାନ୍ତୁ। ଏହ ପେଷ୍ଟକୁ ମୁହଁ, ବେକରେ ଭଲ ଭାବେ ଲଗାଇ ଧୀରେ ଧୀରେ ସ୍କ୍ରବ୍ କରନ୍ତୁ। ପରେ ଏହାକୁ ୧୦ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ଥଣ୍ଡା ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ।

– ଏକ ପାତ୍ରରେ ଏକ ଚାମଚ ଲିମ୍ବପତ୍ର ଗୁଣ୍ଡ, ଦୁଇ ଚାମଚ ଲେଖାଏ ଯଅ ଅଟା, ବୁଟ ଅଟା, ମୁଲତାନୀ ମାଟି, ଅଧା ଚାମଚ ମହୁ, ଅଳ୍ପ ଲେମ୍ବୁ ରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ କିଛି ସମୟ ରଖିବା ପରେ ଧୀରେ ଧୀରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏପରି କଲେ ତ୍ୱଚାରେ ଥିବା ସମସ୍ତ ଦାଗ ଦୂର ହେବା ସହ ଗ୍ଲୋ ବଢିଥାଏ।

– ସ୍କିନ୍ ଡ୍ରାଏ ହୋଇଥିଲେ ବାଦାମ ଏବଂ ମହୁ ମିଶାଇ ପେଷ୍ଟ କରି ଲଗାନ୍ତୁ। କ୍ଷୀର ଏବଂ କେମୋମାଇଲ୍ ତେଲକୁ ମିଶାଇ ଲଗାଇଲେ ବି ସ୍କିନ୍ ମଶ୍ଚରାଇଜ୍ ହୋଇ ରହିବା ସହ ବେଦାଗ ହେବାରେ ସାହାଯ୍ୟ କରିଥାଏ।



– ଖଣ୍ଡ ହଳଦୀ, ସର ଏବଂ ଗୋଲାପଜଳକୁ ଏକାଠି ଗ୍ରାଇଣ୍ଡ କରି ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ଏହାକୁ ଲଗାନ୍ତୁ। ମାତ୍ର କିଛିଦିନ ମଧ୍ୟରେ ଆପଣ ଫରକ ଜାଣିପାରିବେ। ତ୍ୱଚାର ରଙ୍ଗ ପୂର୍ବାପେକ୍ଷା ଅଧିକ ସଫା, ଚିକଣ ଏବଂ ବେଦାଗ ଲାଗିବ।

ଖାଦ୍ୟ ରୁଚି

# ନମକପାରା

**ଆବଶ୍ୟକ ସାମଗ୍ରୀ:** ଏକ କପ୍ ମଇଦା, ଏକ ଚାମଚ ଗୁଆ ଘିଅ, ଏକ କପ୍ ଉଷୁମ ପାଣି, ଏକ ଛୋଟ ଚାମଚ ଲେଖାଏ ଜୁଆଣି, ଗରମ ମସଲା, ଲାଲ ଲଙ୍କା, ଚାଟ ମସଲା, ସ୍ୱାଦାନୁସାରେ ଲୁଣ, ଛାଣିବା ଲାଗି ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ମଇଦା, ଲୁଣ, ଲାଲ ଲଙ୍କା, ଗରମ ମସଲା, ଦେଶୀ ଘିଅ, ଜୁଆଣି ଏବଂ ଆବଶ୍ୟକତା ଅନୁଯାୟୀ ପାଣି ମିଶାଇ ଭଲ ଭାବେ ଚକଟି ଦିଅନ୍ତୁ। ଧ୍ୟାନରେ ରଖନ୍ତୁ ଏହା ଯେପରି ପାଣିଆ ନ ହୁଏ। ଏହାକୁ ୧୫ ରୁ ୨୦ ମିନିଟ୍ ଅଲଗା ରଖି ଦିଅନ୍ତୁ। ଏହାକୁ ମୋଟା କରି ବେଲି ଦିଅନ୍ତୁ ଏବଂ ଇଚ୍ଛାନୁସାରେ ଯେକୌଣସି ଆକାରରେ ଛୋଟ ଛୋଟ କାଟି ଦିଅନ୍ତୁ। ବର୍ତ୍ତମାନ ଚୁଲାରେ କଡେଇ ବସାଇ ତେଲ ଗରମ କରନ୍ତୁ ଏବଂ କାଟି ରଖିଥିବା ମିଶ୍ରଣକୁ ମଧ୍ୟମ ଆଞ୍ଚରେ ହାଲକା ଲାଲ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ପ୍ରସ୍ତୁତ ହୋଇଗଲା ନମକପାରା, ଗରମ ଗରମ ଏହାକୁ ଖାଆନ୍ତୁ କିମ୍ବା ଏହାକୁ ଡବାରେ ରଖି ଯେକୌଣସି ସମୟରେ ଖାଇବାର ମଜା ନିଅନ୍ତୁ ।



# ‘ଭୁବନେଶ୍ୱରରେ ଜାତୀୟ ଫୁଟବଲ କ୍ୟାମ୍ପ’

**ନୂଆଦିଲ୍ଲୀ, ୧୩।୭(ପି.ଟି.)**

ଭାରତୀୟ ଫୁଟ୍‌ବଲ ଦଳ ଆସନ୍ତା ଅକ୍ଟୋବର ଓ ନଭେମ୍ବରରେ କାତାର ଓ ଆଫଗାନିସ୍ତାନ ବିପକ୍ଷରେ ୨ଟି ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଭାରତୀୟ ଦଳର କ୍ୟାମ୍ପ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବୋଲି ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ

### ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ




ଇଣ୍ଡଷ୍ଟ୍ରିଜ୍(ବିସିସିଆଇ) ପକ୍ଷରୁ ଆୟୋଜିତ ୱେବିନାରରେ ଭାଗନେଇ ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ସାଧାରଣ ସମ୍ପାଦକ କୁଶାଲ ଦାସ ପ୍ରକାଶ କରିଛନ୍ତି। କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟ ଓ ସ୍ଥାନ ଭିତ୍ତିରେ ଭ୍ରମଣ ଜନିତ କଟକଣା ଭିନ୍ନ। ପ୍ରୋଟୋକଲ ମଧ ଭିନ୍ନ ଭିନ୍ନ। ପିଲାମାନଙ୍କର ଟେଷ୍ଟିଂ ଖର୍ଚ୍ଚ ଏଆଇଏଫଏଫ ବହନ କରିବ। ଏଥିରେ ଫିଫାର ମଧ କିଛି ଭାଗୀଦାରି ରହିବା ନେଇ ଆମେ ଆଶା ରଖିଛୁ। ଦେଶରେ କରୋନା ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଯଦି ଏପରି ସ୍ଥିତି ଲାଗି ରହେ ତେବେ ଖେଳାଳିମାନଙ୍କ ଯାତାୟାତ ଏବଂ କ୍ୱାରାଣ୍ଟାଇନ୍ ସହିତ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ପରି ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବା କଷ୍ଟକର ହୋଇ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।

### ଝାଡ଼ଖଣ୍ଡରେ ହୋଇପାରେ ମହିଳା ଫୁଟବଲ କ୍ୟାମ୍ପ

ଆସନ୍ତା ବର୍ଷ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ଭାରତୀୟ ଦଳର ପ୍ରସ୍ତୁତି କ୍ୟାମ୍ପ ଅଗଷ୍ଟରେ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। କ୍ୟାମ୍ପ ଆୟୋଜନ ଦୌଡ଼ରେ ଝାଡ଼ଖଣ୍ଡ ସର୍ବାଗ୍ରେ ରହିଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏଥିପାଇଁ ଆଗ୍ରହ ମଧ ପ୍ରକାଶ କରିଛନ୍ତି। ‘‘ଏହା ଏକ ଜଟିଳ ସମସ୍ୟା। କ୍ୟାମ୍ପ ଆୟୋଜନ ସମ୍ପର୍କରେ ଆମେ ଗୋଆ ସରକାରଙ୍କ ସହିତ ଆଲୋଚନା କରିଛୁ। ଏଥିସହିତ ଆମେ ଅନ୍ୟ ସରକାରଙ୍କ ସହ ମଧ ଆଲୋଚନା ଜାରି ରଖିଛୁ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ନିଜେ ଏଥିପାଇଁ ଆଗ୍ରହ ଦେଖାଇଛନ୍ତି। କାରଣ ଏହି ରାଜ୍ୟର ୮-୧୦ ଖେଳାଳି କ୍ୟାମ୍ପ ପାଇଁ ମନୋନୀତ ଦଳରେ ରହିଛନ୍ତି। କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟର ଭିନ୍ନଭିନ୍ନ ପ୍ରୋଟୋକଲ ରହିଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ନିଜେ ଆଗ୍ରହୀ ଥିବାରୁ ପ୍ରୋଟୋକଲ ଦୃଷ୍ଟିରୁ ସେଠାରେ କ୍ୟାମ୍ପ ଆୟୋଜନ ସହଜ ଓ ସମ୍ଭବ ହୋଇପାରିବ’’ ବୋଲି କୁଶାଲ ପ୍ରକାଶ କରିଛନ୍ତି। ଦିନକୁ ଦିନ ଦେଶରେ କରୋନା ସଂକ୍ରମଣ ବଢ଼ି ଚାଲିଥିବାରୁ ଖରାପ ପରିସ୍ଥିତି ଜାରି ରହିଲେ ଟୁର୍ନାମେଣ୍ଟ ବିନା ଦର୍ଶକରେ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ୨୦୨୦ରେ ଟୁର୍ନାମେଣ୍ଟ ସମ୍ଭବ ହୋଇ ନ ପାରିବାରୁ ଏହା ୨୦୨୧ ଫେବୃୟାରୀ ୧୭ରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ହେବାନେଇ ପରିବର୍ତ୍ତିତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ୨୦୧୭ରେ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ ଭାରତରେ ସଫଳତାର ସହ ସମ୍ପନ୍ନ ହୋଇଥିଲା। ମାତ୍ର ଏବେ ମଣିଷର ଜୀବନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁଶାଲ କହିଛନ୍ତି।

# କନ୍ୟା ସନ୍ତାନର ଜନନୀ ହେଲେ ଷ୍ଟୋସୁରଙ୍କ ପାର୍ଟନର

**ମେଲବୋର୍ନ, ୧୩।୭ (ଏପି)**


ସାମନ୍ଥା ଷ୍ଟୋସୁର ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିବା ଫଟୋ।

ୟୁଏସ୍ ଓପନ ୨୦୧୧ ଚାମ୍ପିୟନ ସାମନ୍ଥା ଷ୍ଟୋସୁରଙ୍କ ପାର୍ଟନର ଲିଜ୍ ଗତ ମାସରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ହେଲେ ସେ ସୋମବାର ରାତିରେ ଇନ୍‌ଷ୍ଟାଗ୍ରାମ୍‌ରେ ଏହି ଖବରକୁ ସେ ଶେୟାର କରିବା ସହ ଏକ ଫଟୋ ମଧ ପୋଷ୍ଟ କରିଛନ୍ତି। ନବ ଜନ୍ମିତ ସନ୍ତାନଟିର ନାମ ସେମାନେ ଜେନିଭିଭ୍ ରଖିଛନ୍ତି। ଷ୍ଟୋସୁର ଶେୟାର କରିଥିବା ଫଟୋଟିର ଏକ କ୍ୟାପ୍‌ଶନ ଦେଇଛନ୍ତି। କରୋନା ଭାଇରସ୍ ଯୋଗୁ ଲକ୍‌ଡାଉନ୍ ବହୁ କ୍ଷେତ୍ରରେ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ହେଲେ ଏହା ମୋ ପାଇଁ ଜୀବନର ସବୁଠାରୁ ରୋମାଞ୍ଚକ ଏବଂ ଖୁସିର ମୁହୂର୍ତ୍ତ ପାଲଟିଛି ବୋଲି ସେଥିରେ ଷ୍ଟୋସୁର ଲେଖିଛନ୍ତି। ପାର୍ଟନର ଲିଜ୍ ଜୁନ୍ ୧୬ ତାରିଖରେ କନ୍ୟା ସନ୍ତାନଟିକୁ ଜନ୍ମ ଦେଇଥିଲେ। ବର୍ତ୍ତମାନ ଜେନିଭିଭ୍ ବିନା ଆମ ଜୀବନର କୌଣସି ଅର୍ଥ ନ ଥିବା ଭଳି ମନେ ହେଉଛି ବୋଲି କହିଛନ୍ତି ଏହି ଟେନିସ୍ ଖେଳାଳି। ସୂଚନାଯୋଗ୍ୟ, ଷ୍ଟୋସୁର ୯ ବର୍ଷ ପୂର୍ବେ ଫାଇନାଲରେ ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ୟୁଏସ୍ ଓପନ ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ୨୦୧୦ରେ ସେ ଫ୍ରେଞ୍ଚ୍ ଓପନ୍‌ରେ ରନର୍ସଅପ୍ ହୋଇଥିଲେ। ରୋଲାଣ୍ଡ ଗ୍ୟାରୋସଠାରେ ସେ ୩ ଥର ସେମିଫାଇନାଲିଷ୍ଟ ଅଟନ୍ତି। ଡବଲ୍ସରେ ଷ୍ଟୋସୁର ବିଶ୍ୱର ନମ୍ବର ୱାନ ଖେଳାଳି ହୋଇପାରିଛନ୍ତି। ସେ ୩ଥର ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିଛନ୍ତି। ନିକଟ ଅତୀତରେ ୨୦୧୯ରେ ସେ ଅଷ୍ଟ୍ରେଲିଆନ ଓପନ ଜିତିଥିଲେ।

# ପରାଜୟ ସ୍ୱାଦ ଚାଖିନି ୱେଷ୍ଟଇଣ୍ଡିଜ



ପ୍ରଥମ ଟେଷ୍ଟ ସରିବା ପରେ ଦୁଇ ଅଧିନାୟକ ଜାସନ ହୋଲ୍ଡର ଓ ବେନ୍ ଷ୍ଟୋକ୍ସ।

**ସାଉଥାମ୍ପଟନ, ୧୩।୭:** କରୋନା ସଂକ୍ରମଣ ଜନିତ ୪ ମାସର ବ୍ରେକ୍ ପରେ ଅନ୍ତର୍ଜାତୀୟ କ୍ରିକେଟ ପ୍ରତ୍ୟାବର୍ତ୍ତନର ପ୍ରଥମ ଟେଷ୍ଟରେ ବିଜୟ ସ୍ୱାଦ ଚାଖିଛି ୱେଷ୍ଟଇଣ୍ଡିଜ। ସ୍ଥାନୀୟ ରୋଜ ବାଓଲ ଷ୍ଟାଡିୟମରେ ରବିବାର ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟକୁ ଭ୍ରମଣକାରୀ ଦଳ ୪ ଉଇକେଟରେ ଜିତି ନେଇଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୱେଷ୍ଟଇଣ୍ଡିଜ ୧-୦ରେ ଅଗ୍ରଣୀଲାଭ କରିଛି। ମ୍ୟାଚର ୪ର୍ଥ ଇନିଂସରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୨୦୦ ରନର ବିଜୟ ଲକ୍ଷ୍ୟ ରହିଥିଲା, ଯାହାକୁ ୱେଷ୍ଟଇଣ୍ଡିଜ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ରେକର୍ଡ ଅନୁସାରେ କୌଣସି ଟେଷ୍ଟର ୪ର୍ଥ ଇନିଂସରେ ୱେଷ୍ଟଇଣ୍ଡିଜ ଯେତେଥର ୨୦୦ କିମ୍ବା ତାଠାରୁ କମ୍ ରନ ଚେଜ୍ କରିଛି କେବେ ପରାଜୟ ସ୍ୱାଦ ଚାଖିନାହିଁ। ଏହାକୁ ମିଶାଇ ୱେଷ୍ଟଇଣ୍ଡିଜ ମୋଟ ୬୧ ଥର ୨୦୦ କିମ୍ବା ତା’ଠାରୁ କମ୍ ସ୍କୋର ଟାର୍ଗେଟ ପାଇଛି। ସେଥିରୁ ୫୫ଟି ମ୍ୟାଚରେ ବିଜୟଲାଭ କରିଥିବାବେଳେ ଅବଶିଷ୍ଟ ୬ ମ୍ୟାଚ ଡ୍ର ରହିଛି। ଜିମ୍ବାୱେ, ବାଂଲାଦେଶ, ଆଫଗାନିସ୍ତାନକୁ ବାଦ୍ ଦେଲେ ୱେଷ୍ଟଇଣ୍ଡିଜ ବିଦେଶରେ କୌଣସି ସିରିଜ ଖେଳିବାକୁ ଯାଇ ଏହା ପୂର୍ବରୁ ୨୦୦୭-୦୮ରେ ପ୍ରଥମ ଟେଷ୍ଟ ଜିତିଥିଲା। ଦଳ ସେତେବେଳେ ପୋର୍ଟଏଲିଜାବେଥଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହି ସଫଳତା ପାଇଥିଲା। ୨୦୦୦ରେ ଇଂଲଣ୍ଡ ଗସ୍ତରେ ମଧ ୱେଷ୍ଟଇଣ୍ଡିଜ ସିରିଜର ପ୍ରଥମ ଟେଷ୍ଟ ଜିତିଥିଲା। ମାତ୍ର ଉଭୟଥର ଦଳ ଶେଷରେ ସିରିଜ ହାରିଥିଲା। ୨୦୧୩-୧୪ ଆଶେସ ସିରିଜ ପରଠାରୁ ଇଂଲଣ୍ଡ ୨୪(୨ କିମ୍ବା ତଦୂର୍ଦ୍ଧ୍ୱ ଟେଷ୍ଟ)ଟି ଟେଷ୍ଟ ସିରିଜ ଖେଳିଛି। ତେବେ ଏହା ମଧ୍ୟରୁ ୨୨ଟିରେ ଅତିକମ୍‌ରେ ଗୋଟିଏ ଟେଷ୍ଟରେ ପରାଜିତ ହୋଇଛି। ଏହି ସମୟ ମଧ୍ୟରେ ଗୋଟିଏ ଦଳ ଇଂଲଣ୍ଡକୁ ହରାଇ ପାରିନାହିଁ। ଶ୍ରୀଲଙ୍କା ୨୦୧୬

### ଚତୁର୍ଥ ଇନିଂସରେ ୨୦୦ ଟାର୍ଗେଟ

ଏବଂ ୨୦୧୮-୧୯ ସିଜନରେ ଇଂଲଣ୍ଡ ବିପକ୍ଷରେ ୨ଟି ସିରିଜରେ ୬ଟି ଟେଷ୍ଟ ଖେଳିଛି। ମାତ୍ର ଗୋଟିଏ ହେଲେ ମ୍ୟାଚରେ ଇଂଲଣ୍ଡକୁ ପରାଜିତ କରି ପାରିନାହିଁ। ନିୟମିତ ଅଧିନାୟକ ଜୋ ରୁଟ୍‌ଙ୍କ ଅନୁପସ୍ଥିତିରେ ବେନ୍ ଷ୍ଟୋକ୍ସ କାମଚଳା ଅଧିନାୟକ ଦାୟିତ୍ୱ ତୁଲାଇ ନିଜ ପ୍ରଥମ ମ୍ୟାଚରେ ପରାଜିତ ହୋଇଛନ୍ତି। ଏହା ପୂର୍ବରୁ ୨୦୦୩ରେ ମାଇକେଲ ଭନ୍ ଅଧିନାୟକ ଦାୟିତ୍ୱ ସମ୍ଭାଳିଥିଲେ ହେଁ ପ୍ରଥମ ଟେଷ୍ଟରେ ପରାଜୟ ମୁହଁ ଦେଖିଥିଲେ। ଇଂଲଣ୍ଡ ବିପକ୍ଷରେ ବ୍ଲାକ୍‌ଉଡ୍‌ଙ୍କ ରେକର୍ଡ ଖୁବ୍ ଭଲ।

# ଅଶୋକ କୁମାରଙ୍କୁ ପୁରସ୍କୃତ କରିବ ମୋହନବାଗାନ

**କୋଲକାତା, ୧୩।୭ (ପି.ଟି.)**

ହକି ଷ୍ଟଲୱାର୍ଟ ଅଶୋକ କୁମାରଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରିବ ସହରର ପ୍ରତିଷ୍ଠିତ କ୍ଲବ ମୋହନ ବାଗାନ। କ୍ଲବର ସାଧାରଣ ସମ୍ପାଦକ ଶ୍ରୀଞ୍ଜୟ ବୋଷ ସୋମବାର ସୂଚନା ଦେଇଛନ୍ତି। ମୋହନବାଗାନ ୧୯୧୧ରେ ଇଷ୍ଟ ୟର୍କଶାୟାର ରେଜିମେଣ୍ଟକୁ ୨-୧ ଗୋଲରେ ପରାସ୍ତ କରି ଆଇଏଫଏ ଶିଲ୍ଡ ହାସଲ କରିଥିଲା। ପ୍ରଥମ ଭାରତୀୟ ଦଳ ଭାବେ ଏକ ବ୍ରିଟିଶ ଫୁଟ୍‌ବଲ ଟିମ୍‌କୁ ହରାଇଥିବାରୁ ଏହି ସଫଳତାର ବିଜୟ ଉତ୍ସବ ପ୍ରତିବର୍ଷ ଜୁଲାଇ ୨୯ରେ କ୍ଲବ ପାଳି ଆସୁଛି। କୋଭିଡ୍-୧୯ ମହାମାରୀ ଯୋଗୁ କ୍ଲବ ଏଥର ମୋହନବାଗାନ ଦିବସ ପାଳନ ନ କରି ଏକ ଫିଜିକାଲ ପ୍ରୋଗ୍ରାମ୍ କରିବା ଲାଗି କ୍ଲବର କାର୍ଯ୍ୟନିର୍ବାହୀ କମିଟି ନିଷ୍ପତ୍ତି ନେଇଛି। କୋଲକାତାରେ ଯେଉଁମାନେ ଉପଲବ୍ଧ ହେବେ ସେମାନଙ୍କୁ ହିଁ ବ୍ୟକ୍ତିଗତ ଭାବେ ପୁରସ୍କାର ପ୍ରଦାନ କରାଯିବ। ଯେଉଁମାନେ ଉପଲବ୍ଧ ନ ହେବେ ପରେ ପରିସ୍ଥିତି ସ୍ୱାଭାବିକ ହେଲେ ସେମାନଙ୍କୁ ପୁରସ୍କାର ଦିଆଯିବ। ସୂଚନାଯୋଗ୍ୟ, ହକି ଯାଦୁକର ଧ୍ୟାନଚାନ୍ଦଙ୍କ ପୁଅ ଅଶୋକ କୁମାର ୧୯୭୫ରେ କୁଆଲାଲମ୍ପୁରରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହକି ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ ମ୍ୟାଚରେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଗୋଲ ସ୍କୋର କରିଥିଲେ।



୧୯୭୫ ସ୍ୱର୍ଣ୍ଣ ବ୍ୟତୀତ ୭୦ ବର୍ଷୀୟ ଅଶୋକ କୁମାର ୧୯୭୧ ଓ ୧୯୭୩ ବିଶ୍ୱକପ୍ ଯଥାକ୍ରମେ ବ୍ରୋଞ୍ଜ ଓ ରୌପ୍ୟ ଜିତିଥିଲେ। ଏହାଛଡ଼ା ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍‌ରେ ମଧ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ଅଶୋକ କୁମାର ୧୯୬୦ ଦଶକ ଶେଷ ଭାଗରେ ମୋହନବାଗାନରେ ଯୋଗ ଦେଇଥିଲେ। ଭାରତୀୟ ହକି ଦଳ ପାଇଁ ମନୋନୀତ ହେବା ପୂର୍ବରୁ ସେ ବେଙ୍ଗଲ ତରଫରୁ ମଧ ପ୍ରତିନିଧିତ୍ୱ କରିଥିଲେ। କ୍ଲବର ଫୁଟ୍‌ବଲ ରାଇଟ୍ ନିକଟରେ ଆର୍.ପି. ସଞ୍ଜୀବ ଗୋଏଙ୍କା ହାସଲ କରିଛନ୍ତି। ୮୦ ପ୍ରତିଶତ ଅଂଶଧନ ଏହି ଗ୍ରୁପ୍‌ର ରହିଛି। କ୍ଲବ ଏଣିକି ଏଟିକେ ମୋହନ ବାଗାନ ଏଫ୍‌ସି ରୂପେ ପରିଚିତ ହେବ। କ୍ଲବର ବିତ୍ତ ସମ୍ପାଦକ ଦେବାଶିଷ ଦତ୍ତ କହିଛନ୍ତି, ଆମେ କେବଳ ମାତ୍ର ଫୁଟ୍‌ବଲ ରାଇଟ୍ ହରାଇଛୁ। କିନ୍ତୁ ଆମର ମୋହନ ବାଗାନ ଆଥଲେଟିକ୍ କ୍ଲବ ନାମ ବଜାୟ ରହିଛି। ତେଣୁ ଆମ ପୁରସ୍କାର ନାମରେ କୌଣସି ପରିବର୍ତ୍ତନ ହେବାର ପ୍ରଶ୍ନ ଉଠୁନାହିଁ। ଚଳିତ ବର୍ଷର ମୋହନ ବାଗାନ ରତ୍ନ ଗୁରୁବକ୍ସ ସିଂ ଏବଂ ପଲାଶ ନନ୍ଦୀଙ୍କୁ ପ୍ରଦାନ କରାଯିବ।

### ପୁରସ୍କାର ବିଜେତାଙ୍କ ତାଲିକା

ମୋହନ ବାଗାନ ରତ୍ନ: ଗୁରୁବକ୍ସ ସିଂ (ହକି) ଓ ପଲାଶ ନନ୍ଦୀ (କ୍ରିକେଟ)। ଲାଇଫ୍ ଟାଇମ୍ ଆଚିଭମେଣ୍ଟ: ଅଶୋକ କୁମାର (ହକି), ପ୍ରଣବ ଗାଙ୍ଗୁଲି (ଫୁଟ୍‌ବଲ), ମନୋରଞ୍ଜନ ପୋରେଲ (ଆଥଲେଟିକ୍ସ)। ବେଷ୍ଟ ଫୁଟ୍‌ବଲର: ଜୋସେବା ବିଟିଆ (ସିନିୟର)। ବେଷ୍ଟ ୟୁଥ୍ ପ୍ଲେୟର: ସଜଲ ବାଗ୍ (୧୮ ବର୍ଷରୁ କମ୍ ଦଳ)।

# ନ୍ୟୁଜିଲାଣ୍ଡ କ୍ରିକେଟରଙ୍କ ଟ୍ରେନିଂ ଆରମ୍ଭ

**ୱେଲିଂଟନ, ୧୩।୭ (ପି.ଟି.):** ନ୍ୟୁଜିଲାଣ୍ଡର ଟପ୍ କ୍ରିକେଟରମାନେ ସୋମବାର ସ୍କ୍ୱାଡ୍ ଟ୍ରେନିଂକୁ ଫେରିଛନ୍ତି। ଲିନ୍‌କନ୍‌ଠାରେ ଥିବା ଦେଶର ହାଇ ପରଫର୍ମାନ୍ସ ସେଣ୍ଟରଠାରେ ଏହା ଅନୁଷ୍ଠିତ ହେଉଛି। କୋଭିଡ୍-୧୯ ମହାମାରୀ ଯୋଗୁ ସ୍କ୍ୱାଡ୍ ଟ୍ରେନିଂକୁ ମାର୍ଚ୍ଚ ଶେଷ ଭାଗରେ ବନ୍ଦ ରଖାଯାଇଥିଲା। ସେପ୍ଟେମ୍ବର ପର୍ଯ୍ୟନ୍ତ ୬ଟି କ୍ୟାମ୍ପ ଅନୁଷ୍ଠିତ ହେବ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି) ତରଫରୁ ଘୋଷଣା କରାଯାଇଛି। ସୋମବାର ଯେଉଁ ପୁରୁଷ ଖେଳାଳିମାନେ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେଇଛନ୍ତି ସେମାନେ ହେଲେ ଟମ୍ ଲଥାମ, ହେନ୍‌ରୀ ନିକୋଲ୍ସ, ମ୍ୟାଟ୍ ହେନ୍‌ରୀ ଏବଂ ଡେରିଲ୍ ମିଚେଲ। ଆସନ୍ତା ସପ୍ତାହରେ ମାଉଣ୍ଟ ମନଗାନୁଇଠାରେ ଅନ୍ୟ କେତେଜଣ ଖେଳାଳିଙ୍କୁ ନେଇ ଆରମ୍ଭ ହେବାକୁଥିବା ଟ୍ରେନିଂ କ୍ୟାମ୍ପରେ ଅଧିନାୟକ କେନ୍ ୱିଲିୟମସନ ଯୋଗଦେବେ। ନ୍ୟୁଜିଲାଣ୍ଡ ମହିଳା ଟିମ୍ ଟୁଇଟର ହ୍ୟାଣ୍ଡେଲ୍‌ରେ ଲିନ୍‌କନଠାରେ ଟ୍ରେନିଂ ନେଇଥିବାର ଫଟୋ ପୋଷ୍ଟ କରାଯାଇଛି। ପୁରୁଷ ଦଳରେ ଖେଳାଳିମାନେ ଦିନର ଦ୍ୱିତୀୟାର୍ଦ୍ଧରେ ଟ୍ରେନିଂ ନେଇଥିଲେ। କରୋନା ଭାଇରସ୍ ଦ୍ୱାରା କମ୍ ପ୍ରଭାବିତ ହୋଇଥିବା ଦେଶଗୁଡ଼ିକ ମଧ୍ୟରେ ନ୍ୟୁଜିଲାଣ୍ଡ ଅନ୍ୟତମ। ମହାମାରୀ ଆରମ୍ଭରେ ସ୍ଥାନୀୟ ସରକାର ଯେଉଁ ସବୁ କଟକଣା ଜାରି କରିଥିଲେ ସେଥିରୁ ଅଧିକାଂଶ ଉଠାଇ ଦେଇଛନ୍ତି। ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ଟେଷ୍ଟ ସିରିଜ ସହ ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭ ହୋଇଛି।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ